ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୩/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 13/2025 Page 14 ₹ 7.00
୫୧ଶ ଭାଗ ୧୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 138 ମୂଲ୍ୟ ₹୭/-

# ରାଜ୍ୟପାଳ ଅଲୋଡ଼ା: ତାମିଲନାଡୁ ଆଣିଲା ୧୦ ଆଇନ

ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ କ୍ରମେ ଦେଶରେ ପ୍ରଥମ ଥର ପାଇଁ ତାମିଲନାଡୁରେ ଏକକାଳୀନ ୧୦ ବିଲ୍ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ମଞ୍ଜୁରୀରେ ଆଇନରେ ପରିଣତ ହୋଇଛି। ୨୦୨୦ରୁ ୨୦୨୩ ମଧ୍ୟରେ ତାମିଲନାଡୁ ବିଧାନସଭାରେ ପାରିତ ଉକ୍ତ ୧୦ ବିଧେୟକକୁ ରାଜ୍ୟପାଳ ଆର୍.ଏନ୍. ରବି ଅନୁମୋଦନ ନ କରି ପକାଇ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ବିଚାର ପାଇଁ ପଠାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ୨୦୨୫ ଏପ୍ରିଲ ୮ରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ସେଗୁଡ଼ିକୁ ଆଇନରେ ପରିଣତ କରିଥିଲେ। କୌଣସି ରାଜ୍ୟର ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ଗୃହୀତ ବିଧେୟକକୁ ରାଜ୍ୟପାଳ ଚାପି ରଖିବା ବେଆଇନ ଓ ସମ୍ବିଧାନ ବିରୋଧୀ କାର୍ଯ୍ୟ କହି ଅଦାଲତ ଭର୍ତ୍ସନା କରିଥିଲେ। ପୁନର୍ବିଚାର ପାଇଁ ବିଧାନସଭା ଦ୍ୱାରା ଦ୍ୱିତୀୟ ଥର ଉପସ୍ଥାପନ କରାଯିବାର ମାସକ ଭିତରେ ରାଜ୍ୟପାଳ ସମ୍ପୃକ୍ତ ବିଲ୍‌ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏଥିରେ ଅବହେଳା କଲେ ରାଜ୍ୟପାଳଙ୍କ କାର୍ଯ୍ୟ ଅଦାଲତଙ୍କ ନ୍ୟାୟିକ ସମୀକ୍ଷାର ପରିସରଭୁକ୍ତ ହେବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଥିଲେ। ଏହି ଐତିହାସିକ ରାୟର ୪ ଦିନ ପରେ ତାମିଲନାଡୁ ସରକାର ଉକ୍ତ ୧୦ ବିଲ୍ ଆଇନରେ ପରିଣତ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା କେବଳ ତାମିଲନାଡୁର ନୁହେଁ, ବରଂ ଦେଶର ସମସ୍ତ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ରତାର ବିଜୟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକର କ୍ଷମତାକୁ ପୁନଃ ଅବସ୍ଥାପିତ କରିଛି ବୋଲି ଅନେକେ ମତ ଦେଇଛନ୍ତି।

**ଚେନ୍ନାଇ,୧୨।୪**

ତାମିଲନାଡୁ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୧୦ ନୂଆ ଆଇନ ହେଲା ତାମିଲନାଡୁ ଫିଶେରିଜ୍ ୟୁନିଭର୍ସିଟି (ସଂଶୋଧନ) ଆଇନ-୨୦୨୦, ତାମିଲନାଡୁ ପ୍ରାଣୀ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦, ତାମିଲନାଡୁ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ଆକ୍ଟ-୨୦୨୨, ତାମିଲନାଡୁ ଡ. ଆମ୍ବେଡକର ଲ' ୟୁନିଭର୍ସିଟି (ଆମେଣ୍ଡମେଣ୍ଟ) ଆକ୍ଟ-୨୦୨୨, ତାମିଲନାଡୁ ଡ. ଏମ୍‌ଜିଆର୍ ମେଡିକାଲ ୟୁନିଭର୍ସିଟି, ଚେନ୍ନାଇ (ସଂଶୋଧନ) ଆଇନ-୨୦୨୨, ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟ




ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

(ସଂଶୋଧନ) ଆଇନ-୨୦୨୨, ତାମିଲନାଡୁ ୟୁନିଭର୍ସିଟି (ଦ୍ୱିତୀୟ ସଂଶୋଧନ), ଆଇନ-୨୦୨୨, ତାମିଲନାଡୁ ମତ୍ସ୍ୟ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୩, ତାମିଲନାଡୁ ଭେଟେରିନାରି ଆଣ୍ଡ ☞ପୃଷ୍ଠା-୩


## ସମ୍ମତି ପାଇଁ ରାଷ୍ଟ୍ରପତିଙ୍କୁ ୩ ମାସ



**ନୂଆଦିଲ୍ଲୀ,୧୨।୪(ପି.ଟି./ଲାଇଭ୍ ଲ)**

ରାଜ୍ୟପାଳ କୌଣସି ବିଲ୍ ଉପରେ ବିଚାର ପାଇଁ ପଠାଇବାର ୩ ମାସ ଭିତରେ ରାଷ୍ଟ୍ରପତି ସମ୍ମତି ପ୍ରଦାନ କରିବେ ବୋଲି ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ପାଇଁ ବିଧେୟକ ଉପରେ ନିଷ୍ପତ୍ତି ନେବା ସଂକ୍ରାନ୍ତରେ ସୁପ୍ରିମକୋର୍ଟ ପ୍ରଥମ ଥର ଏଭଳି ସମୟସୀମା ନିର୍ଦ୍ଧାରଣ କରିଛନ୍ତି। ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ୧୦ ବିଲ୍‌କୁ ରାଜ୍ୟପାଳ ଆର୍.ଏନ୍. ରବି ମୋହର ନ ଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବା ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ୪ ଦିନ ତଳେ ଭର୍ତ୍ସନା କରିଥିଲେ। ଏଥିସହ ସମସ୍ତ ରାଜ୍ୟପାଳଙ୍କ ପାଇଁ ଏ ସଂକ୍ରାନ୍ତରେ ସମୟସୀମା ନିର୍ଦ୍ଧାରଣ କରିଥିଲେ। ୪୧୫ ପୃଷ୍ଠା ସମ୍ବଳିତ ଏହି ରାୟ ଶୁକ୍ରବାର ରାତି ୧୦ଟା ୫୪ ମିନିଟ୍‌ରେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

ସର୍ବୋଚ୍ଚ ଅଦାଲତଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ରାୟରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ସମୟସୀମାକୁ ଆପଣାଯିବା ଉପଯୁକ୍ତ ହେବ ବୋଲି ଆମେ ମନେକରୁଛୁ ଏବଂ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇଥିବା ☞ପୃଷ୍ଠା-୩






# ୱକ୍ଫ ଆଇନ: ଉଗ୍ର ହେଲା ବିକ୍ଷୋଭ

- ମୁର୍ଶିଦାବାଦରେ ସାନି ହିଂସା
- ବାପପୁଅଙ୍କ ସମେତ ୩ ମୃତ
- ୧୧୮ ଗିରଫ, ଇଣ୍ଟରନେଟ୍ ସେବା ବନ୍ଦ


ସମଶେରଗଞ୍ଜରେ ଉତ୍ତ୍ୟକ୍ତ ଲୋକେ ଏକ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି।

କୋଲକାତା,୧୨।୪

ୱକ୍ଫ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗର ମୁସଲମାନ ବହୁଳ ମୁର୍ଶିଦାବାଦ ଜିଲାରେ ଶୁକ୍ରବାର ଆରମ୍ଭ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିବାବେଳେ ଏଥିରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ସମଶରଗଞ୍ଜ ଅଞ୍ଚଳର ଜାଫ୍ରାବାଦରେ ବାପପୁଅଙ୍କ ଘରେ ପଶି ଦୁର୍ବୃତ୍ତମାନେ ଛୁରାମାଡ଼ କରିଥିଲେ। ଗୁଳିମାଡ଼ରେ ଅନ୍ୟଜଣେ ପ୍ରାଣ ହରାଇଛନ୍ତି। ବିକ୍ଷୋଭକାରୀମାନେ ପୋଲିସ ଭ୍ୟାନ୍ ସମେତ କେତେକ ଗାଡ଼ି ଜାଳିଦେଇଥିଲେ। ହିଂସାପ୍ରବଣ ଜାଙ୍ଗିପୁରରେ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରିବା ପାଇଁ କୋଲକାତା ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠ ଶନିବାର ନିର୍ଦ୍ଦେଶ ଦେଇଛନ୍ତି।

ବିକ୍ଷୋଭ ହିଂସାରେ ସମ୍ପୃକ୍ତ ୧୧୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଉତ୍ତେଜନା ଜାରି ରହିଥିବାରୁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ବିଏସ୍ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଡିଜି ରାଜୀବ କୁମାର କହିଛନ୍ତି। ହିଂସାକୁ ଦୃଷ୍ଟିରେ ରଖି ମାଲଦା, ମୁର୍ଶିଦାବାଦ, ଦକ୍ଷିଣ ୨୪ ପ୍ରଗଣା ଏବଂ ହୁଗ୍ଲି ଜିଲାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଅଧିକ ଲୋକ ରୁଣ୍ଡ ନ ହେବା ଏବଂ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନ ଉପୁଜେ ସେଥି ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ହିଂସାରେ ସମ୍ପୃକ୍ତି ନେଇ ମୁର୍ଶିଦାବାଦର ସୁତି ଅଞ୍ଚଳରୁ ୭୦ ଜଣ ଏବଂ ସମଶେରଗଞ୍ଜରୁ ୪୧ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଲୋକମାନଙ୍କୁ ନିବେଦନ କରାଯାଇଛି। ହିଂସାକାଣ୍ଡ ପାଇଁ ଭାଜପା ମମତା ବାନାର୍ଜୀଙ୍କ ସରକାରଙ୍କୁ ଦାୟୀ କରିଛି। ରାଜ୍ୟ ସରକାର ସ୍ଥିତି ନିୟନ୍ତ୍ରଣ କରିପାରୁ ନ ଥିଲେ କେନ୍ଦ୍ର ସରକାରଙ୍କ ସହାୟତା ପାଇଁ ନିବେଦନ କରିବା ଆବଶ୍ୟକ ବୋଲି ବିରୋଧୀ ଦଳ କହିଛି। ସରକାରୀ ସମ୍ପତ୍ତି ନଷ୍ଟ କରାଯିବା ସହ ସରକାରୀ ଅଫିସର ଭୟଭୀତ ହୋଇଛନ୍ତି। ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରାଯାଉଥିବା ବେଳେ ମମତା ବାନାର୍ଜୀ ସରକାର ନୀରବ ଦର୍ଶକ ସାଜିଛନ୍ତି। ହିଂସାରେ ସମ୍ପୃକ୍ତ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଚିହ୍ନଟ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଆହ୍ୱାନ ଦେଇଛନ୍ତି।

ୱକ୍ଫ ଆଇନ ପ୍ରତ୍ୟାହାର ଦାବି କରି ତ୍ରିପୁରାର ଉନାକୋଟି ଜିଲାରେ ଶନିବାର ବିକ୍ଷୋଭ ବେଳେ ହିଂସାରେ ଅନ୍ୟୁନ ୧୮ ଜଣ ଆହତ ହୋଇଛନ୍ତି। ମଣିପୁରର ଇମ୍ଫାଲ ସମେତ ବିଭିନ୍ନ ଅଞ୍ଚଳରେ ଅନେକ ହଜାର ଲୋକ ଶୁକ୍ରବାର ୱକ୍ଫ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହି ଆଇନ ରଦ୍ଦ ନ ହେଲେ ମଣିପୁରରେ ଜିହାଦ କରାଯିବ ବୋଲି ସେମାନେ ଧମକ ଦେଇଛନ୍ତି। ରାଜ୍ୟ ରାଜଧାନୀର ମନ୍ତ୍ରୀପୁଖ୍ରୀ ଏବଂ ହାଟ୍ଟ ଗୋଲପଡିଠାରେ ମେଇତି ପଙ୍ଗାଲମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ଅଖ୍ନୁରରେ ଜେସିଓ ମୃତ

## ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟା ୩

ଶ୍ରୀନଗର, ୧୨।୪


ଜେସିଓ କୁଲ୍‌ଦୀପ ଚାନ୍ଦ୍

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅଖ୍ନୁର ସେକ୍ଟରସ୍ଥିତ ନିୟନ୍ତ୍ରଣ ରେଖା(ଏଲ୍ଓସି)ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଛି। ଆତଙ୍କବାଦୀ ଓ ଭାରତୀୟ ସେନା ମଧ୍ୟରେ ଗୁଳି ବିନିମୟରେ ଜୁନିୟର କମିଶନଡ୍ ଅଫିସର(ଜେସିଓ) କୁଲ୍‌ଦୀପ ଚାନ୍ଦ୍‌ଙ୍କର ମୃତ୍ୟୁ ଘଟିଛି। ଏଲ୍ଓସିର କେରି ବଟ୍ଟଲ ଅଞ୍ଚଳରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଯବାନଙ୍କ ଗୁଳିରେ ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟା ଶନିବାର ୩ରେ ପହଞ୍ଚିଛି। କୁଲ୍‌ଦୀପ ସେନାର ୯ମ ପଞ୍ଜାବ ରେଜିମେଣ୍ଟର ସଦସ୍ୟ ଥିଲେ। କିସ୍ତୱାର ଜିଲାରେ ୪ ଦିନ ଧରି ସୁରକ୍ଷା ବଳ ପକ୍ଷରୁ ଆତଙ୍କବାଦୀ ନିରୋଧୀ ଅପରେଶନ ଜାରି ରହିଛି। ଶନିବାର ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀ ସୈଫୁଲ୍ଲାହ ରହିଥିବା ସୁରକ୍ଷା ବଳ କହିଛି। ଶୁକ୍ରବାର ସୁରକ୍ଷା ବଳର ଅପରେଶନରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।

# ହିନ୍ଦୁଫୋବିଆ ବିରୋଧରେ ବିଲ୍ ଆଣିଲା ଜର୍ଜିଆ

**ୱାଶିଂଟନ,୧୨।୪:** ଆମେରିକାର ପ୍ରଥମ ରାଜ୍ୟ ଭାବେ ଜର୍ଜିଆ ହିନ୍ଦୁଫୋବିଆ ବା ହିନ୍ଦୁବିରୋଧୀ ଭାବନା ବିରୋଧରେ ବିଲ୍ ଆଣିଛି। ଯଦି ଏହା ଆଇନରେ ପରିଣତ ହୁଏ ତେବେ ହିନ୍ଦୁଫୋବିଆ ସଂଜ୍ଞା ସ୍ପଷ୍ଟ କରିବା ପାଇଁ ଜର୍ଜିଆ ଦଣ୍ଡ ସଂହିତାରେ ସଂଶୋଧନ ହେବ। ଆମେରିକାରେ ହିନ୍ଦୁ ବିରୋଧୀ ଘୃଣା ଅପରାଧରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ରହିବ। ବିଲ୍‌କୁ ରିପବ୍ଲିକାନ୍ ଓ ଡେମୋକ୍ରାଟ୍‌ର ୪ ସିନେଟର ସମର୍ଥନ ଜଣାଇଛନ୍ତି।

# ସୁଖବୀର ଅକାଳୀ ଦଳ ଅଧ୍ୟକ୍ଷ ପୁନଃ ନିର୍ବାଚିତ

ଚଣ୍ଡିଗଡ଼,୧୨।୪


ସୁଖବୀର ସିଂ ବାଦଲ

ସୁଖବୀର ସିଂ ବାଦଲ ଶିରୋମଣି ଅକାଳୀ ଦଳ (ଏସ୍ଏଡି)ର ଅଧ୍ୟକ୍ଷ ଭାବେ ଶନିବାର ନିର୍ଦ୍ୱନ୍ଦ୍ୱରେ ପୁନଃ ନିର୍ବାଚିତ ହୋଇଛନ୍ତି। ଧର୍ମୀୟ ଅସଦାଚରଣ ପାଇଁ ସେ ଗତବର୍ଷ ନଭେମ୍ବରରେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପଞ୍ଜାବ ଏବଂ ଅନ୍ୟ ରାଜ୍ୟର ୫୨୪ ଜଣ ପ୍ରତିନିଧି ସୁଖବୀରଙ୍କୁ ସମର୍ଥନ ଜଣାଇଥିଲେ। ବାପା ପ୍ରକାଶ ସିଂ ବାଦଲଙ୍କ ପରେ ୨୦୦୮ରେ ସୁଖବୀର ପ୍ରଥମ ଥର ଏସ୍ଏଡି ଅଧ୍ୟକ୍ଷ ହୋଇଥିଲେ। ସେବେଠାରୁ ସେ ଗତବର୍ଷ ଇସ୍ତଫା ଦେବା ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଆସୁଥିଲେ। ଇସ୍ତଫା ପରେ ତାଙ୍କୁ ଧର୍ମୀୟ ଦଣ୍ଡବିଧାନ କରାଯାଇଥିଲା।

# ନ୍ୟାଶନାଲ ହେରାଲ୍ଡ ମାମଲା: ୬୬୧ କୋଟିର ସମ୍ପତ୍ତି ବାଜ୍ୟାପ୍ତ ପ୍ରକ୍ରିୟା ଆରମ୍ଭ କଲା ଇଡି

ନୂଆଦିଲ୍ଲୀ,୧୨।୪(ପି.ଟି.)

କଂଗ୍ରେସ ଦଳ ନିୟନ୍ତ୍ରଣରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଏବଂ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ସହ ସମ୍ପୃକ୍ତ ମନିଲଣ୍ଡରିଂ ତଦନ୍ତର ଅଂଶସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାର ୬୬୧ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ନୋଟିସ୍ ଜାରି କରିଛି। ଏହି ସମ୍ପତ୍ତି ରହିଥିବା ଅଞ୍ଚଳର ରେଜିଷ୍ଟ୍ରାରଙ୍କ ନିକଟକୁ ସଂଘୀୟ ତଦନ୍ତକାରୀ ସଂସ୍ଥା ଆନୁଷଙ୍ଗିକ ଦସ୍ତାବିଜ୍ ପଠାଇଥିବା ଶନିବାର କହିଛି। ଏଥିସହିତ ଉକ୍ତ ସମ୍ପତ୍ତିଗୁଡ଼ିକର ସ୍ପଷ୍ଟ ଭାଗ ରହିଥିବା ଦିଲ୍ଲୀର ୫ଏ ବାହାଦୁର ଶାହ ଜାଫର ମାର୍ଗସ୍ଥିତ ହେରାଲ୍ଡ ହାଉସ୍, ମୁମ୍ବାଇର ବାନ୍ଦ୍ରା(ଇ) ଏରିଆ (ପ୍ଲଟ୍ ନଂ.୨, ସର୍ଭେ ନଂ. ୩୪୧) ଏବଂ ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବିଶ୍ୱେଶ୍ୱର ନାଥ ରୋଡ(ସମ୍ପତ୍ତି ନଂ.୧)ରେ ଥିବା ଏଜେଏଲ୍ ବିଲ୍ଡିଂରେ ଏକସଙ୍ଗେ ନୋଟିସ୍ ଲଗାଯାଇଛି।

ଉକ୍ତ ସମ୍ପତ୍ତିଗୁଡ଼ିକୁ ଇଡି ଅକ୍ତିଆର କରିବାକୁ ଥିବାରୁ ସେଗୁଡ଼ିକୁ ଖାଲି କରିବା ପାଇଁ ନୋଟିସ୍‌ରେ କୁହାଯାଇଛି। ବାନ୍ଦ୍ରାସ୍ଥିତ ହେରାଲ୍ଡ ହାଉସ୍‌ର ୭ମ, ୮ମ ଏବଂ ୯ମ ମହଲାକୁ ଅକ୍ତିଆର କରିଥିବା ଜିନ୍ଦଲ ସାଉଥ୍‌ୱେଷ୍ଟ ପ୍ରୋଜେକ୍ଟ ଲିଃକୁ ନୋଟିସ୍ ଦିଆଯାଇ ଭଡ଼ା, ଲିଜ୍ ଅର୍ଥ ପ୍ରତିମାସରେ ଇଡି ନିର୍ଦ୍ଦେଶକଙ୍କ ନାମରେ ପଠାଇବାକୁ କୁହାଯାଇଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ର ଧାରା (୮) ଏବଂ ରୁଲ୍ ୫(୧) ଅନୁଯାୟୀ ଇଡି ଉକ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଯାଉଛି। ବାଜ୍ୟାପ୍ତ ହେବାକୁ ଥିବା ସ୍ଥାବର ସମ୍ପତ୍ତି ପରିମାଣ ୬୬୧ କୋଟି ଟଙ୍କା। ଏହା ବ୍ୟତୀତ ୨୦୨୩ ନଭେମ୍ବରରେ ଇଡି ଏଜେଏଲ୍‌ର ୯୦.୨ କୋଟି ଟଙ୍କାର ଅଂଶଧନକୁ ଜବତ କରିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତକୁ କଂଗ୍ରେସ ପୂର୍ବରୁ ମାମୁଲି ପ୍ରତିଶୋଧ କୌଶଳ କହିବା ସହ ଇଡିକୁ ଭାଜପାର ମେଣ୍ଟ ସହଯୋଗୀ ବୋଲି କହିଥିଲା।


DADLS-10

## ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ

ତା. ୧୩-୦୪-୨୦୨୫ ରିଖ (ରବିବାର)

ସକାଳ ଅଧିବେଶନ
ଘ. ୬.୩୦ ମିନିଟ୍

ମୁଖ୍ୟ ଅତିଥି: ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୮ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
(ସ୍ଥାନ: ଜୟଦେବ ଭବନ)
ମଧ୍ୟାହ୍ନ ୧୨ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
(ସ୍ଥାନ: ଉତ୍କଳ ସଂଗୀତ ନାଟକ ମହାବିଦ୍ୟାଳୟ ଅଡିଟୋରିୟମ୍)

ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା
ସ୍ଥାନ: ଉତ୍କଳ ମଣ୍ଡପ

ମୁଖ୍ୟ ଅତିଥି: ଡ. ହରି ବାବୁ କମ୍ଭମ୍ପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ ୨୦୨୫" ପ୍ରଦାନ

ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର-ମଧ୍ୟ
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଉତ୍ତର
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଏକାମ୍ର
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଉଷା ପାଢ଼ୀ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ ସିଂହ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ, ଭା.ପୋ.ସେ, ପୋଲିସ କମିଶନର, ଭୁବନେଶ୍ୱର-କଟକ
ଶ୍ରୀଯୁକ୍ତ ରାଜେଶ ପ୍ରଭାକର ପାଟିଲ, ଭା.ପ୍ର.ସେ, କମିଶନର, ଭୁବନେଶ୍ୱର ମହାନଗର ନିଗମ
ଡା. ଏନ୍. ଥିରୁମାଲା ନାଏକ, ଭା.ପ୍ର.ସେ, ଉପାଧ୍ୟକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଶ୍ରୀଯୁକ୍ତ ବିଜୟ କେତନ ଉପାଧ୍ୟାୟ, ଭା.ପ୍ର.ସେ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଚଞ୍ଚଳ ରାଣା, ଭା.ପ୍ର.ସେ, ଜିଲ୍ଲାପାଳ, ଖୋର୍ଦ୍ଧା

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

ସାଂସ୍କୃତିକ କାର୍ଯ୍ୟକ୍ରମ
ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ସଂଗୀତ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ


ତା. ୧୪.୦୪.୨୦୨୫ ରିଖ (ସୋମବାର)
ସନ୍ଧ୍ୟା ଅଧିବେଶନ ସ୍ଥାନ :
ସମୟ. ୬ ଘଟିକା କୃଷି ଶିକ୍ଷା ସଦନ, (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ଓଡ଼ିଆ ପକ୍ଷ ଉଦ୍‌ଯାପନ ଓ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୫ ଦ୍ୱିତୀୟ ସନ୍ଧ୍ୟା ଉପଲକ୍ଷେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ପ୍ରୟାସରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

OIPR-15001/13/0503/2526


DSPL - 31


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଓଡ଼ିଆ ପକ୍ଷ ପାଳନ

## ଆମ ରୁଚି ଆମ ଖାଦ୍ୟ

୧୩ ଏପ୍ରିଲ ୨୦୨୫



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
OIPR-03029/13/0044/2526

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୩/୨୦୨୫ | Bhubaneswar, Sunday, April 13/2025


# ଅହଂକାର ରଖନି, ଗ୍ରୁପିଜମ୍ କରନାହିଁ: ନଡ୍ଡା



ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ଭାଜପାର ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରିଷ୍ଠ ନେତୃବୃନ୍ଦ।

**ରାଜନୀତିରେ ତିଷ୍ଠିରହିବାକୁ ହେଲେ ପ୍ରଥମେ ନିଜ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ର ହିତ ପାଇଁ କାର୍ଯ୍ୟ କରିବା ଶିଖ। ଏହା ପୂର୍ବରୁ ଦଳ ଭିତରେ ଗ୍ରୁପିଜିମ୍ କରିବା ବନ୍ଦ କରିବାକୁ ଅଭ୍ୟାସ କର। ଗ୍ରୁପିଜମ୍ କରିବା ଏକ ଖରାପ ଅଭ୍ୟାସ। ଦଳରେ ଗୋଟିଏ ଗ୍ରୁପ୍ ହୋଇ ରହିଲେ ଭଲ। ଏହାଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇବ। ରାଷ୍ଟ୍ରହିତ କଥା ଚିନ୍ତାକରି କାର୍ଯ୍ୟ କଲେ ଗ୍ରୁପିଜମ୍‌ଠାରୁ ଦୂରରେ ରହିବା ଭଲ। ଏପରିକି ମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ଗର୍ବ କି ଅହଂକାର କରିବା ଭଲ ନୁହେଁ। କାରଣ ଗର୍ବ ଓ ଅହଂକାର ରାଜନୀତିରେ ତଳକୁ ତଳକୁ ଯିବାର ଏକ ଲକ୍ଷଣ ବୋଲି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ପୁରୀରେ ଆୟୋଜିତ ଦଳର ପ୍ରଶିକ୍ଷଣ ଶିବିରରେ କହିଛନ୍ତି।**

ଭୁବନେଶ୍ୱର (ସୁନିତ୍ ମିଶ୍ର)/ପୁରୀ (ଅଜିତ କୁମାର ମହାନ୍ତି), ୧୨।୪

ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ଭାଜପାର ୨ ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ନଡ୍ଡା ଦଳର ବିଧାୟକ, ମନ୍ତ୍ରୀ ଏବଂ ଏମ୍‌ପିମାନଙ୍କୁ ଏକାଧିକ ପଏଣ୍ଟ ଉପରେ ଗୁରୁମନ୍ତ୍ର ଦେଇଛନ୍ତି। ନଡ୍ଡା କହିଛନ୍ତି, ରାଜନୀତିରେ ବଞ୍ଚି ରହିବାକୁ ହେଲେ ସ୍ୱାସ୍ଥ୍ୟକ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର। ବିଧାୟକ, ସାଂସଦ କିମ୍ବା ମନ୍ତ୍ରୀ ବୋଲି ଅହଂକାର କରନାହିଁ। ପ୍ରଥମେ ଗ୍ରୁପିଜମ୍, ଚାପୁଲିସି ଛାଡ଼। ନିଜର ବ୍ୟକ୍ତିତ୍ୱ ତିଆରି କରିବାକୁ ପ୍ରାଥମିକତା ଦିଅ। ଗ୍ରାଉଣ୍ଡକୁ ଯାଇ ଲୋକମାନଙ୍କ ପାଇଁ କାମ କଲେ ହିଁ ନିଜର ବ୍ୟକ୍ତିତ୍ୱ ତିଆରି କରିବା ସମ୍ଭବ ହେବ। ଅଙ୍ଗନୱାଡି କେନ୍ଦ୍ର ଓ ମେଡିକାଲକୁ ଯାଇ ଅଧ ଘଣ୍ଟା ଲେଖା ବସ ଏବଂ ସେଠାରେ ଲୋକମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝ। ନିଜ ଅଞ୍ଚଳର ଦଳିତ ପରିବାର ସହ ସମ୍ପର୍କରେ ରୁହ। ନିର୍ବାଚନମଣ୍ଡଳୀ ଗସ୍ତ କରିବା ବେଳେ କୌଣସି ବ୍ୟକ୍ତିବିଶେଷଙ୍କ ଘରେ ବସ ନାହିଁ। ବରଂ ଏକ ସାର୍ବଜନୀନ ସ୍ଥାନରେ ବସିବାକୁ ଅଭ୍ୟାସ କର। କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରେ ଯାଇ ବସିଲେ ନିର୍ବାଚନମଣ୍ଡଳୀ ସ୍ତରରେ ଶତ୍ରୁ ତିଆରି ହେବେ। ଲୋକମାନଙ୍କ ମନ ଭିତରେ ଈର୍ଷା ଜାତହେବ। ତେଣୁ ଏହି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର। ଲୋକମାନଙ୍କ ପାଇଁ କାମ କରିବା ସବୁଠାରୁ ଜରୁରୀ। ସେଥିଲାଗି ଅଫିସରଙ୍କ ସହ ଭଲ ସମ୍ପର୍କ ରଖି କାମ ଆଦାୟ କରିବା ଶିଖ ବୋଲି ସେ କହିଛନ୍ତି।

ନଡ୍ଡା ଆହୁରି କହିଛନ୍ତି, ସରକାର ସହ ସଙ୍ଗଠନକୁ ନେଇ ଚାଲିବା ଦରକାର। ଏହାଛଡ଼ା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ଭଲ ଭାବେ ଜାଣିବା ସହ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗ୍ରାଉଣ୍ଡକୁ ଯାଇ ଦେଖ। ବାସ୍ତବରେ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ଏବଂ ଲୋକଙ୍କ ନିକଟରେ ତା'ର ସୁଫଳତା କେତେ ମାତ୍ରାରେ ପହଞ୍ଚୁଛି ସେକଥା ଉପରେ ଗୁରୁତ୍ୱ ଦେବା ଦରକାର। ଏହାସହ ଲୋକମାନଙ୍କ ଜନଶୁଣାଣି କାର୍ଯ୍ୟକ୍ରମ କରିବା ସମୟରେ ନିଜ ବ୍ୟବହାର ପ୍ରତି ସଚେତନ ରହିବା ଜରୁରୀ। ଲୋକଙ୍କ ଅଭିଯୋଗ ଶୁଣିବା ସମୟରେ ସବୁବେଳେ ହସି ହସି କଥା ହେବା ଶିଖ। ଜଣେ କାର୍ଯ୍ୟକର୍ତ୍ତାଙ୍କ ସହ କିପରି କଥା ହେବ, ସେମାନଙ୍କୁ କେମିତି କାର୍ଯ୍ୟରେ ଲଗାଇବ ସେଥିପ୍ରତି ସଚେତନ ଓ ସତର୍କ ରହିବା ଜରୁରୀ। ଭାଜପାର ସ୍ୱତନ୍ତ୍ର ବିଚାରଧାରା ରହିଛି। ଏହାକୁ ସମସ୍ତ ବିଧାୟକ ଓ ସାଂସଦଙ୍କୁ ମାନିବାକୁ ପଡ଼ିବ ବୋଲି ନଡ୍ଡା କହିଛନ୍ତି। ଭାଜପା କର୍ମକର୍ତ୍ତାଙ୍କ କଠିନ ପରିଶ୍ରମ ଯୋଗୁ ଗତ ୩ ମାସରେ ସାଢ଼େ ୧୩ କୋଟି ମହିଳା ଓ ପୁରୁଷ ଭାଜପାର ସଦସ୍ୟ ହୋଇଛନ୍ତି। ☞ପୃଷ୍ଠା-୩

# ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ବାଣିଜ୍ୟକୁ ୩% ସଙ୍କୁଚିତ କରିପାରେ

## ଜାତିସଂଘ ଅର୍ଥନୀତିଜ୍ଞଙ୍କ ଆକଳନ

ଜାତିସଂଘ,୧୨।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଥିବାରୁ ଏହା ବିଶ୍ୱ ବାଣିଜ୍ୟକୁ ୩ ପ୍ରତିଶତ ସଂକୁଚିତ କରିପାରେ। ଏଥିସହିତ ଆମେରିକା ଏବଂ ଚାଇନା ଭଳି ବଜାରଗୁଡ଼ିକ ଆମେରିକା, କାନାଡ଼ା ଓ ବ୍ରାଜିଲକୁ ଖସିଯାଇପାରେ ବୋଲି ଜାତିସଂଘର ଶୀର୍ଷ ଅର୍ଥନୀତିଜ୍ଞ ଆକଳନ କରିଛନ୍ତି। ଟ୍ରମ୍ପ୍ ଗତ ସପ୍ତାହରେ ବ୍ୟାପକ ଟାରିଫ ଯୋଜନା କରିଥିବାବେଳେ ଚାଇନା ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ପାଇଁ ଏହାକୁ ୯୦ ଦିନ ସ୍ଥଗିତ ରଖିଛନ୍ତି। ଚାଇନା ଉପରେ ଆମେରିକା ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ବେଜିଂ ମଧ୍ୟ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛି। ଏହାର ପ୍ରଭାବରେ ବିଶ୍ୱ ବାଣିଜ୍ୟ ୩ ପ୍ରତିଶତ ହ୍ରାସ ପାଇବା ସହ ବାଣିଜ୍ୟ ଢାଞ୍ଚା ଏବଂ ଅର୍ଥନୈତିକ ଏକୀକରଣରେ ଉଲ୍ଲେଖନୀୟ ଦୀର୍ଘମିଆଦୀ ପରିବର୍ତ୍ତନ ହୋଇପାରେ ବୋଲି ଅନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାମେଲା କୋକ୍-ହାମିଲଟନ୍ ଜେନେଭାରେ କହିଛନ୍ତି।

ଉଦାହରଣ ସ୍ୱରୂପ, ଅତ୍ୟଧିକ ପ୍ରଭାବିତ ହୋଇଥିବା ମେକ୍ସିକୋ ରପ୍ତାନି ଆମେରିକା, ଚାଇନା ଏବଂ ୟୁରୋପୀୟ ବଜାରରୁ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକୁ ଶିଫ୍ଟ ହେଉଛି। କିଛି ପରିମାଣରେ ମେକ୍ସିକୋ ରପ୍ତାନି ଭାରତକୁ ମଧ୍ୟ ଆସୁଛି। ସେହିପରି ଭିଏତ୍‌ନାମ୍ ରପ୍ତାନି ଆମେରିକା, ମେକ୍ସିକୋ, ଚାଇନା ବଜାର ପରିବର୍ତ୍ତେ ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା ବଜାର, ୟୁରୋପୀୟ ୟୁନିୟନ ଏବଂ କୋରିଆ ଚାଲିଯାଉଛି। ବିକଶିତ ରାଷ୍ଟ୍ରଗୁଡ଼ିକ ପାଇଁ ଆର୍ଥିକ ☞ପୃଷ୍ଠା-୩

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି, ୧୨।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୩ ମାଓବାଦୀ ଶନିବାର ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଛି। ବିଜାପୁର ଜିଲା ଇନ୍ଦ୍ରାବତୀ ଅଞ୍ଚଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଗୋଇନ୍ଦା ସୂଚନା ମିଳିବାରୁ ଡିଆର୍‌ଜି, ଏସ୍‌ଟିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ କୋମ୍ବିଂ କରିଥିଲେ। ପ୍ରଥମେ ମାଓବାଦୀମାନେ ଗୁଳି ଚାଳନା କରିଥିବା ବେଳେ ଜବାବରେ ସୁରକ୍ଷାକର୍ମୀ ମଧ୍ୟ ଗୁଳିଚାଳନା କରିଥିଲେ। ତେବେ ସୁରକ୍ଷାକର୍ମୀଙ୍କୁ ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷାକର୍ମୀ ସର୍ଚ୍ଚ ସମୟରେ ୩ ଜଣ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ।

**ଆଜିର ସମ୍ପାଦକୀୟ**

ଚାଇନାର ପ୍ରତିରୋଧ

**ଆଜିର ମନ୍ତବ୍ୟ**

"ଭାଜପା ଏବଂ ଏଆଇଏଡିଏମ୍‌କେ ମଧ୍ୟରେ ବନ୍ଧୁତ୍ୱର ନବୀକରଣ 'ପରାଜୟର ଦୁର୍ନୀତିପୂର୍ଣ୍ଣ ମେଣ୍ଟ'। କ୍ଷମତା ପାଇଁ ଉଭୟ ଦଳ ରାଜ୍ୟର ସ୍ୱାୟତ୍ତତାକୁ ବନ୍ଧା ପକାଇଛନ୍ତି।

-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ






# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



ଅଗ୍ନିଶମ କର୍ମଚାରୀମାନେ ଟ୍ରେନ୍‌ରେ ଲାଗିଥିବା ନିଆଁ ଲିଭାଉଛନ୍ତି।


ବାଲୁଗାଁ,୧୨।୪ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଷ୍ଟେଶନର ୩ ନମ୍ବର ପ୍ଲାଟଫର୍ମଠାରେ ଶନିବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥିରେ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ବିଶାଖାପାଟଣାରୁ କୋଇଲା ବୋଝେଇ ହୋଇ ଏକ ଟ୍ରେନ୍ ଖଡ଼ଗପୁର ଯାଉଥିଲା। ଅପରାହ୍ନ ପ୍ରାୟ ୩ଟାରେ ଟ୍ରେନଟି ଚିଲିକା ଷ୍ଟେଶନ ଦେଇ ଅତିକ୍ରମ କରୁଥିବା ବେଳେ ଇଞ୍ଜିନ ପଟୁ ୪୬ନଂ. ୱାଗନରୁ ଧୂଆଁ ବାହାରୁଥିବା ରେଳ କର୍ତ୍ତୃପକ୍ଷ ଦେଖିପାରି ତୁରନ୍ତ ବାଲୁଗାଁ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଟ୍ରେନଟି ବାଲୁଗାଁରେ ରହିବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ କୋଇଲାକୁ କୋଇଲା ଘଷି ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହେବା ପରେ ସନ୍ଧ୍ୟାରେ ଟ୍ରେନଟି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ଘଡ଼ଘଡ଼ି ସହ କୁଆପଥର ବର୍ଷା

ଭୁବନେଶ୍ୱର,୧୨।୪ (ଅନୁରାଧା ମହାରଣା)

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ କୁଆପଥର ବର୍ଷା ଜାରି ରହିଛି। ଶନିବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ରାୟଗଡା, କନ୍ଧମାଳ, ଗଞ୍ଜାମ, ନୟାଗଡ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ବାରିପଦାରେ ସର୍ବାଧିକ ୪୦.୦ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଖୋର୍ଦ୍ଧାରେ ୧୨ ମିମି, ନୟାଗଡ଼ରେ ୮ ମିମି, ଦାରିଙ୍ଗବାଡ଼ିରେ ୪ ମିମି, ତାଳଚେରରେ ୨.୨ ମିମି ଏବଂ ଅନୁଗୋଳରେ ୨.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଦିନବେଳା ଖରା ଓ ଗුଳୁଗୁଳି ମଧ୍ୟ ଲୋକଙ୍କୁ ଅତିଷ୍ଠ କରୁଛି। ରାଜ୍ୟର ପ୍ରାୟ ୬ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଜାରି ରହିବ। ଫଳରେ ଆଗାମୀ ଦିନରେ ତାପମାତ୍ରା ୨ରୁ ୩ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ। ରବିବାର ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ସୁନ୍ଦରଗଡ଼, କେନ୍ଦୁଝର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ଅନୁଗୋଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଆଦି ଜିଲାରେ ବର୍ଷା ଓ ଘଡ଼ଘଡ଼ି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।


ସୁଟ୍‌କେସ୍‌ରୁ ଯୁବତୀଙ୍କୁ ଉଦ୍ଧାର କରାଯାଉଛି।

# ସୁଟ୍‌କେସ୍‌ରେ ଗର୍ଲଫ୍ରେଣ୍ଡ: ଛାତ୍ରାବାସରେ ଧରାପଡ଼ିଲା

ସୋନିପଥ, ୧୨।୪

ହରିୟାଣା ସୋନିପଥସ୍ଥିତ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିରୁ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ଛାତ୍ର ନିଜ ପ୍ରେମିକାଙ୍କୁ ପାଖରେ ରଖିବା ପାଇଁ ତାଙ୍କୁ ସୁଟ୍‌କେସ୍‌ରେ ବନ୍ଦ କରି ଛାତ୍ରାବାସକୁ ନେବାକୁ ଚେଷ୍ଟା କରିଥିଲେ। ତେବେ ଛାତ୍ରାବାସରେ ନିୟୋଜିତ ସୁରକ୍ଷା କର୍ମୀ ସୁଟ୍‌କେସ୍ ଯାଞ୍ଚ କରି ଏହା ମଧ୍ୟରେ ଜଣେ ଝିଅ ଥିବାର ଦେଖିବାକୁ ପାଇଥିଲେ। ଛାତ୍ରାବାସରେ ନିୟୋଜିତ ଜଣେ ସୁରକ୍ଷା କର୍ମୀ କହିଛନ୍ତି, ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ନିଜ ସୁଟ୍‌କେସ୍‌ରେ ଜଣେ ଝିଅଙ୍କୁ ରଖି ଛାତ୍ରାବାସ ନେଇ ଯାଉଥିଲେ। ଏହି ସମୟରେ ହଷ୍ଟେଲ ଗେଟ୍ ନିକଟରେ ସୁଟ୍‌କେସ୍‌ଟି କୌଣସି ଜିନିଷରେ ମାଡ଼ ହୋଇଯାଇଥିଲା, ଫଳରେ ସୁଟ୍‌କେସ୍ ଭିତରେ ଥିବା ଝିଅ ଜଣକ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଛାତ୍ରାବାସରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ସନ୍ଦେହ ହୋଇଥିଲା। ଫଳରେ ସେଠାରେ ଉକ୍ତ ସୁଟ୍‌କେସ୍‌ର ଯାଞ୍ଚ କରାଯାଇଥିଲା। ସୁଟ୍‌କେସ୍ ଖୋଲିବା ପରେ ଏହା ମଧ୍ୟରେ ଜଣେ ଛାତ୍ରୀ ବସିରହିଥିବାର ଦେଖିବାକୁ ☞ପୃଷ୍ଠା-୩




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ, ସମୟ: ସକାଳ ୬ଟା ୩୦ । ସନ୍ଧ୍ୟା ଅଧିବେଶନ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ପ୍ରୟାସର ଆନୁଆଲ ମିଟ୍, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ।
- ଖବରଦାତା ସମ୍ମିଳନୀ, ସ୍ଥାନ: ସରକାରୀ ହାଇସ୍କୁଲ, ବଡ଼ଗଡ଼, ସମୟ: ଅପରାହ୍ନ ୫ଟା ।

## ବାଲେଶ୍ୱର

- ବରିଷ୍ଠ ମହିଳା କ୍ରିକେଟ ଚୟନ ଶିବିର, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା ।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ସପ୍ତମ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଚତୁର୍ଥ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।

## ଭଦ୍ରକ

- ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି, ଆମ ଖାଦ୍ୟ ଉତ୍ସବ, ସ୍ଥାନ: ପୌରପାଳିକା ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା ।
- ସିଦ୍ଧ ମହାବୀର ମନ୍ଦିରର ବାର୍ଷିକୋତ୍ସବ ଉପଲକ୍ଷେ ଅଧିବାସ, ସ୍ଥାନ: ଆଡ଼ିଆ ଗିରିଧାରୀନଗର, ବନ୍ତ, ସମୟ: ଅପରାହ୍ନ ୫ଟା ।
- ମିଛ କବିତା ସାହିତ୍ୟ ସଂସଦର ବାର୍ଷିକ ସମାବର୍ତ୍ତନ ସମାରୋହ, ସ୍ଥାନ: ମଠହିହ ବଜାର, ଆରଡ଼ି, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦୁଝର

- ହନୁମାନ ମନ୍ଦିରର ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଭଜନ ସନ୍ଧ୍ୟା, ସ୍ଥାନ: ଅଣା ଅଖଣ୍ଡ ଧନୀ ମଠ, ଛେନାପଦି, ସମୟ: ସକାଳ ୮ ଟା ।

## ମୟୂରଭଞ୍ଜ

- ବୁଢ଼ୀ ଠାକୁରାଣୀଙ୍କ ପୂଜା ଉତ୍ସବ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ ଓ ଶୀର୍ଷାପାଳ ଛକ, ମୋରଡ଼ା, ସମୟ: ସକାଳ ୮ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଂଟରେ ଖେରୱାଲ ଜୁମିଦ ସହିତ ଶାନ୍ତିନିକେତନ ୱାଇସି, ସ୍ଥାନ: ଷ୍ଟାଡିୟମ ପଡିଆ ବାରିପଦା, ସମୟ: ସକାଳ ୮ଟା ।
- ମା' ଲାଲପାଟ ସାଲ ପାଟ ଗ୍ରାମଦେବୀଙ୍କ ଜନ୍ମ ବାର୍ଷିକୀ ଉତ୍ସବର ସର୍ବସାଧାରଣ ପୂଜା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୧୫ ବାରିପଦା, ସମୟ: ସକାଳ ୯ ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡିଆ, ବାରିପଦା, ସମୟ: ଅପରାହ୍ନ ୪ ଟା ।
- ପ୍ରସିଦ୍ଧ ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ ଟା ।
- ଉତ୍ତର ଓ ଦକ୍ଷିଣ ସାହି ଭକ୍ତା ଉଡ଼ାପର୍ବର ପୂଜାପାଠ, ସ୍ଥାନ: ବାରିପଦା, ସମୟ: ରାତ୍ର ୮ ଟା ।

## ଢେଙ୍କାନାଳ

- ଶ୍ରୀ ହନୁମାନଙ୍କ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠର ଅଙ୍କୁରରୋପଣ, ସ୍ଥାନ: କାମାକ୍ଷାନଗର ହନୁମାନ ମନ୍ଦିର, ସମୟ: ଅପରାହ୍ନ ୫ଟା ।
- କାରୁବାକୀ ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ ପରିସର,ସମୟ:ସନ୍ଧ୍ୟା ୭ଟା ।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଚିକିତ୍ସାଳୟ ଓ କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱର ମିଳିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବନ୍ଦର ଚିକିତ୍ସାଳୟ, ବଡ଼ପଡିଆ, ପାରାଦୀପ ସମୟ: ସକାଳ ୮ ଟା ।
- ପାରାଦୀପ କଲେଜ ପରିସରରେ ରକ୍ତଦାନ ଶିବିର, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ସକାଳ ୮ ଟା ।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୪ ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ୨ ଦିନିଆ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ବାଲିଯାତ୍ରା ପଡ଼ିଆ, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା ।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ହନୁମତ୍ ପୂଜା କମିଟି ପକ୍ଷରୁ ଶ୍ରୀ ହନୁମାନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମହିଁଷାସୁର, ରାଜନଗର, ସମୟ: ସକାଳ ୮ଟା ।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଲେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ମା'ନଡଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ:ସକାଳ ୮ଟା ।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉଡି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ:ସନ୍ଧ୍ୟା ୬ଟା ।

## ଯାଜପୁର

- ଅଖିଳ ଚକ୍ର ପକ୍ଷରୁ ମହାବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ : ବିଞ୍ଝାରପୁର ଅରିରୋ ଶାମେଶ୍ୱର ପୀଠ, ସମୟ : ପୂର୍ବାହ୍ନ ୯ଟା ।
- ଓଡ଼ିଶା ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଅଭିଯାନ,ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ,ସମୟ : ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଡିଫା କପ୍‌ର ୧ମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ।

## ନୟାଗଡ଼

- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ଗିରି ହନୁମାନ ପୀଠ ସମୟ:ସକାଳ ୭ଟା ।
- ହାଣ୍ଡି ଭଙ୍ଗା ପବ ଉଦ୍‌ଯାପିତ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦର ମହିଷାଷୁଣୀ ପୀଠ, ସମୟ:ସକାଳ ୭ଟା ।
- ଚଇତି ପର୍ବର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ଅତବୁଦ୍ଧିପାଟଣା, ଫକିର ଅତବୁଦ୍ଧିପାଟଣା, କଂସାରିସାହି ପାଟଣା, ସିଦ୍ଧମୂଳା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ।
- ପାଟମରା ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ହରି ସୁବୁଦ୍ଧି ପାଟଣା ମଙ୍ଗଳାମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ଝାମୁଯାତ୍ରା, ସ୍ଥାନ:କଣ୍ଟିଲୋ ପାଣ୍ଡୁସାହୁ ପାଟଣା ଟିଅରସାହ, ସମୟ: ଅପରାହ୍ନ ୧ଟା ।
- ପାଟମରା ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କୁମ୍ଭାରପଡାର ନୀଳକଣ୍ଠେଶ୍ୱର ଦେବ, ସମୟ: ଅପରାହ୍ନ ୩ଟା ।
- ୧୫ ଦିନିଆ ଦଣ୍ଡପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସିଦ୍ଧାମୂଳା, ରୟତ ଢ଼ୋଲମରା, ଗୋଡିପଡ଼ା କାମନା ମନ୍ଦିର ସାହି, ସମୟ: ଅପରାହ୍ନ ୪ଟା ।
- ୨୧ ଦିନିଆ ଦଣ୍ଡପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଷଠିଆପଲ୍ଲୀ, ସମୟ: ଅପରାହ୍ନ ୪ଟା ।
- ୭ ଦିନିଆ ଦଣ୍ଡପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୪ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଅଷ୍ଟମ ଦିବସରେ ଶ୍ରୀରାମ ବନବାସ ଓ ଭରତ ମିଳନ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ରାମ ଚରିତ ମାନସ ପାରାୟଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ମୁନିଗୁଡ଼ାରେ ମା' ରୁଦ୍ର କାଳୀଙ୍କ ଦଣ୍ଡନାଚ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡିଆ, ମୁନିଗୁଡା, ସମୟ: ସକାଳ ୯ଟା ।
- ନୂତନ ହନୁମାନ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡାଙ୍ଗସୋରଡ଼ାସ୍ଥିତ ଇନ୍ଦିରା ନଗର, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ:ଦାମନଯୋଡ଼ି ନାଲକୋ ଟାଉନ୍‌ସିପ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା ୩୦ ।
- ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ମହିମା ଆଶ୍ରମ, ମସୁରୀ, ସମୟ:ପୂର୍ବାହ୍ନ ୧୧ଟା ।
- ବୁଢ଼ୀ ଠାକୁରାଣୀ ଯାତ୍ରା, ସ୍ଥାନ: ସୁନାବେଡ଼ା-୧, ସମୟ: ଅପରାହ୍ନ ୨ ଟା ।
- ଦେଓମାଳି ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ ଟା ।
- ମିଡିଆ ହାଉସ ଦାମନଯୋଡ଼ିର ବାର୍ଷିକ ଉତ୍ସବ, ସ୍ଥାନ: ନାଲ୍‌କୋ କମ୍ୟୁନିଟି ସେଣ୍ଟର, ସମୟ: ସନ୍ଧ୍ୟା ୭ଟା ।

## ମାଲକାନଗିରି

- ମାଥିଲି ଲ୍ୟାମ୍ପସ୍ ରଥ ଶୁଭାରମ୍ଭର ୨ ଦିନ, ସ୍ଥାନ: ୪ ପଞ୍ଚାୟତ ପରିଭ୍ରମଣ, ସମୟ: ସକାଳ ୭ଟା ।
- ଚିତ୍ରକୋଣ୍ଡା ବନାଞ୍ଚଳର ପଶୁପକ୍ଷୀ ଶିକାର ନିଷେଧ ପଥପ୍ରାନ୍ତ ନାଟକ, ସ୍ଥାନ: ଚିତ୍ରକୋଣ୍ଡା ଦୈନିକ ବଜାର, ସମୟ:ପୂର୍ବାହ୍ନ ୧୦ଟା ୩୦ ।

## ସମ୍ବଲପୁର

- ୩୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୮ଟା ।
- ବନ୍ଦନା ଆର୍ଟ କର୍ନର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଫ୍ୟୁଜନ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଫାର୍ମ ରୋଡ ସ୍ଥିତ ସିଟି ସେଣ୍ଟର, ସମୟ : ସକାଳ ୯ଟା ।
- ଜିଲାପ୍ରଶାସନ ଆୟୋଜନରେ ପାରମ୍ପାରିକ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା ।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ ଟା ।

## ରାଉରକେଲା

- ହନୁମାନ ଜୟନ୍ତୀ ପାଳିତ,ସ୍ଥାନ: ଶଙ୍କଟ ମୋଚନ ମନ୍ଦିର, ଷ୍ଟେସନରୋଡ, ସମୟ: ସକାଳ ସାଢେ ୫ଟା ।
- ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ସମୟ: ସନ୍ଧ୍ୟା ସାଢେ ୬ଟା ।
- ଜିଲା କବାଡି ଟୁର୍ନାମେଣ୍ଟ, ସ୍ଥାନ: ପାଙ୍କିଟାଙ୍କି ଖେଳ ପଡିଆ, ବାସନ୍ତୀ କଲୋନୀ ସମୟ: ସନ୍ଧ୍ୟା ସାଢେ ୬ଟା ।
- ନିଖିଳ ଉତ୍କଳ କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ,ସ୍ଥାନ: ଭଞ୍ଜଭବନ, ସେକ୍ଟର-୫ ସମୟ: ସକାଳ ସାଢେ ୯ଟା ।
- କୈବତ ସମାଜର ୨୫ତମ ବାର୍ଷିକ ସମ୍ମିଳନୀ,ସ୍ଥାନ: ସେକ୍ଟର-୫,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ସମାବେଶ,ସ୍ଥାନ:ସେକ୍ଟର--୨,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ସି. ଏମ ଟ୍ରଫି ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୮ଟା ।
- ପପଙ୍ଗା ପାହାଡ଼ ମହୋତ୍ସବ କଳସଯାତ୍ରା, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ସକାଳ ୮ଟା ।
- ପାରମ୍ପରିକ ଖାଦ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ବରଗଡ଼, ସମୟ: ସକାଳ ୯ଟା ।
- ଗୋ ବିଜ୍ଞାନ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ତପୋବନ, ବରଗଡ଼, ସମୟ: ଅପରାହ୍ନ ୩ଟା ।

## କଳାହାଣ୍ଡି

- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିକାଶ ଇନଷ୍ଟିଚ୍ୟୁଶନ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଆପକ୍ଷ ପାଳନ ଅବସରରେ ଓଡ଼ିଆ ଖାଦ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଷୋହଳପ୍ରହର ନାମଯଜ୍ଞର କଳସଯାତ୍ରା ଓ ଅଧିବାସ, ସ୍ଥାନ: ଲାଞ୍ଜିଗଡ଼ ସାପ୍ତାହିକ ବଜାର ପରିସର, ସମୟ: ଅପରାହ୍ନ ୩ଟା ୦୫ ।

## ବୌଦ୍ଧ

- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଅଷ୍ଟମ ଦିନ ନାଟକ ଲଙ୍କାଦହନ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଅଷ୍ଟମ ଦିବସ ନାଟକ ସୁଗ୍ରୀବ ମିତ୍ରତା ଓ ବାଳୀବଧ,ସ୍ଥାନ: ବହିରା ରାମଲିଳା ମଣ୍ଡପ,ବହିରା, ସମୟ:ରାତି ୯ଟା ।

# ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ମାମଲା: ଜନସାଧାରଣଙ୍କ ଅଧିକାର ଓ ନ୍ୟାୟିକ ବିଜୟ

ଉମାବଲ୍ଲଭ ରଥ

ଓଡ଼ିଶାର ପୁରୀ ଜିଲାର ୨୨ଟି ମୌଜାର ଚାଷୀଙ୍କ ଜମି ରକ୍ଷା ପାଇଁ ଏକ ଦୀର୍ଘ ସଂଘର୍ଷର କାହାଣୀ ଆଜି ମଧ୍ୟ ଆଲୋଚନାର ବିଷୟ ହୋଇରହିଛି। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ନାମରେ ଅନିଲ ଅଗ୍ରୱାଲଙ୍କ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଏକ ବିଶାଳ ଦୁର୍ନୀତିର ରୂପ ନେଇଥିଲା। ଏହି ପ୍ରକ୍ରିୟାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ପ୍ରାୟ ୧,୩୦୦ ଏକର ସାମିଲ ଥିଲା। ଏହି ଅମୃତ ମଣୋହି ଜମିରୁ ଉତ୍ପାଦିତ ଧାନ, ମୁଗ ଓ ଅନ୍ୟାନ୍ୟ ଫସଲ ଅମଳ ହୋଇ ଶ୍ରୀମନ୍ଦିରରେ ଭୋଗ ପ୍ରସ୍ତୁତି ପାଇଁ ବ୍ୟବହୃତ ହୁଏ, ଯାହା ଏକ ପ୍ରାଚୀନ ପ୍ରଥା। ଏହି ଦୁର୍ନୀତି ବିରୋଧରେ ସ୍ଥାନୀୟ ଚାଷୀମାନେ ଏକଜୁଟ ହୋଇ ଲଢ଼ିଥିଲେ, ଯେଉଁଥିରେ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ନେତୃତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୨୦୨୩ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଏହି ଜମି ଅଧିଗ୍ରହଣକୁ ଅବୈଧ ଘୋଷଣା କରି ଚାଷୀଙ୍କ ପକ୍ଷରେ ରାୟ ଦେଇଥିଲେ। ତେଣୁ ଏପ୍ରିଲ ୧୨ ତାରିଖକୁ କୃଷକଙ୍କ ବିଜୟ ଦିବସ ଭାବେ ଗ୍ରହଣ କରାଯାଇଛି। ସେହି ରାୟକୁ ଦୁଇବର୍ଷ ପୂର୍ଣ୍ଣ ହୋଇଛି। କିନ୍ତୁ ଦୁଃଖର ବିଷୟ ଯେ ସରକାର ଏହି ରାୟକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଲେଖାରେ ଆମେ ଏହି ସଂଘର୍ଷର ପୂରା କାହାଣୀ, ଚାଷୀଙ୍କ ବିଜୟ, ଓକିଲମାନଙ୍କ ଅବଦାନ, ଗଣମାଧ୍ୟମ, ରାଜନେତା, ଶ୍ରୀମନ୍ଦିର ସେବାୟତ ଓ ରାଜନୈତିକ ଦଳମାନଙ୍କ ଅବଦାନ ଏବଂ ସରକାରୀ ଅବହେଳା ଉପରେ ଆଲୋକପାତ କରିବା।

### ଜମି ଅଧିଗ୍ରହଣ ଓ ଦୁର୍ନୀତିର ଆରମ୍ଭ

୨୦୦୬ରେ ଅନିଲ ଅଗ୍ରୱାଲଙ୍କ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଓଡ଼ିଶା ସରକାରଙ୍କ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରି ପୁରୀ ଜିଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଣିଥିଲା। ଏହି ପ୍ରକଳ୍ପ ପାଇଁ ପ୍ରାୟ ୬,୮୯୨ ଏକର ଜମି ଅଧିଗ୍ରହଣ କରାଯିବାର ଯୋଜନା ହୋଇଥିଲା, ଯେଉଁଥିରୁ ଅଧିକାଂଶ ଜମି ଥିଲା କୃଷିଜମି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବାରୁ ସ୍ଥାନୀୟ ଚାଷୀମାନେ ଏହାର ବିରୋଧ କରିଥିଲେ। ୨୨ଟି ମୌଜାର ବାସିନ୍ଦା ଏକାଠି ହୋଇ ଏହି ଅଧିଗ୍ରହଣ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟାରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ତତ୍କାଳୀନ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ସମ୍ପର୍କ ଦେଖାଦେଇଥିଲା, ଯାହାକୁ ଏକ ଭିତିରି ବୁଝାମଣା ଭାବେ ବର୍ଣ୍ଣନା କରାଯାଇଥିଲା। ଏହି ଦୁର୍ନୀତିରେ ତତ୍କାଳୀନ ପୁରୀ ଜିଲାପାଳଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଅନେକ ପବ୍ଲିକ ସର୍ଭାଣ୍ଟ ଜଡ଼ିତ ଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଯିଏ ଜଣେ ପ୍ରଭାବଶାଳୀ ଆଇଏଏସ୍ ଅଫିସର ଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରେ କାମ କରୁଥିଲେ ସେ ଏହି ପ୍ରକଳ୍ପକୁ ଅତ୍ୟଧିକ ପ୍ରୋତ୍ସାହନ ଦେଇଥିଲେ। ଏହା ପରେ ଲୋକପାଳଙ୍କ ତଦନ୍ତରେ ଏକ ଦୁର୍ନୀତି ଭାବେ ଉଜାଗର ହୋଇଥିଲା। ୨୦୧୦ରେ ଓଡ଼ିଶା ଲୋକପାଳ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଅନିୟମିତତା ଥିବା ଆଲୋଚନା କରି ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ତଦନ୍ତ ପାଇଁ ସୁପାରିସ କରିଥିଲେ। ଲୋକପାଳଙ୍କ ରିପୋର୍ଟ ଅନୁଯାୟୀ, ସରକାର ଅତ୍ୟନ୍ତ ଦ୍ୱରିତ ଗତିରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ଅନୁରୋଧକୁ ମାନିନେଇଥିଲେ, ଯାହା ଏକ ସ୍ୱାର୍ଥପର ସମ୍ପର୍କକୁ ଇଙ୍ଗିତ କରୁଥିଲା।

### ଦୁର୍ନୀତିର ଉନ୍ମୋଚନ ଓ ଗଣମାଧ୍ୟମର ଭୂମିକା

ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଖବରଦାତା ଏବଂ ସାମାଜିକ କର୍ମୀମାନେ ବେଦାନ୍ତ ବିଶବିଦ୍ୟାଳୟ ପ୍ରକଳ୍ପ ନାମରେ ହେଉଥିବା ଦୁର୍ନୀତିକୁ ଉଜାଗର କରିଥିଲେ। ଏହା ସାମ୍ନାକୁ ଆସିଥିଲା ଯେ ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ମଧ୍ୟରୁ ଅନେକ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଅନୁଯାୟୀ ଅବୈଧ ଥିଲା। ଏହା ସହିତ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ଘରୋଇ କମ୍ପାନୀ ହୋଇଥିବାରୁ ଏତେ ବଡ଼ ପରିମାଣର ଜମି ଅଧିଗ୍ରହଣ କରିବା ଆଇନଗତ ଭାବେ ଅସମ୍ଭବ ଥିଲା। ଏହି ଦୁର୍ନୀତି ଉନ୍ମୋଚନରେ ଗଣମାଧ୍ୟମ ବିଶେଷକରି ଖବରକାଗଜଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ନେତୃତ୍ୱ ଓ ଚାଷୀଙ୍କ ସଂଘର୍ଷ

ଏହି ଆନ୍ଦୋଳନର ସଫଳତା ପଛରେ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସଂଘର୍ଷ ସମିତିର ସଭାପତି ଭାବେ ୨୨ଟି ମୌଜାର ବାସିନ୍ଦାମାନଙ୍କୁ ଏକାଠିକରି ଏହି ଲଢ଼େଇକୁ ନେତୃତ୍ୱ ଦେଇଥିଲେ। ବେଣୁଧର ଜଣେ ସାଧାରଣ ଚାଷୀ ହୋଇଥିଲେ ମଧ୍ୟ ତାଙ୍କର ଦୃଢ଼ ସଂକଳ୍ପ ଓ ନ୍ୟାୟ ପାଇଁ ଲଢ଼ିବାର ଅଦମ୍ୟ ଇଚ୍ଛା ଏହି ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲା। ସେ ସ୍ଥାନୀୟ ଚାଷୀଙ୍କୁ ଏକାଠି କରି ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ ଏବଂ ଏହି ଅଧିଗ୍ରହଣ ବିରୋଧରେ ଏକ ସଙ୍ଗଠିତ ଆନ୍ଦୋଳନ ଗଢ଼ି ତୋଳିଥିଲେ। ବେଣୁଧରଙ୍କ ନେତୃତ୍ୱରେ ଚାଷୀମାନେ ବିଭିନ୍ନ ପ୍ରଦର୍ଶନ, ଧାରଣା ଏବଂ ସଭା ଆୟୋଜନ କରିଥିଲେ। ସେମାନେ ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ। ଆନ୍ଦୋଳନ ଚାଲୁଥିବା ସମୟରେ ଜିଲା ପୋଲିସ ପ୍ରଶାସନ ଓ କମ୍ପାନୀ ତା'ର ଲୋକଙ୍କୁ ଧରି ଏହି ଜମି ଉପରେ ପାଚେରି ନିର୍ମାଣ ପାଇଁ ହିଂସାକାଣ୍ଡ ସୃଷ୍ଟି କରିଥିଲେ। ସରକାରଙ୍କ ଏହି ଷଡ଼ଯନ୍ତ୍ରକୁ ୨୨ଟି ମୌଜାର ଯୁବକ ଓ ମହିଳାମାନେ ମୁକାବିଲା କରି ଏହାକୁ ସଫଳ ହେବାକୁ ଦେଇ ନ ଥିଲେ। ଏହି ଆନ୍ଦୋଳନ କେବଳ ଜମି ରକ୍ଷା ପାଇଁ ନୁହେଁ ବରଂ ଚାଷୀମାନଙ୍କ ଜୀବନ ଜୀବିକା ଏବଂ ସଂସ୍କୃତି ରକ୍ଷା ପାଇଁ ଏକ ଲଢ଼େଇ ଥିଲା।

### ଓକିଲଙ୍କ ଅବଦାନ ଓ ଆଇନଗତ ଲଢ଼େଇ

ଏହି ଆନ୍ଦୋଳନକୁ ଆଇନଗତ ରୂପ ଦେବାରେ ଓକିଲମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଓକିଲମାନେ ବିନା ଫି'ରେ ଏହି ମକଦ୍ଦମା ଲଢ଼ିଥିଲେ, ଯାହା ଏହି ଲଢ଼େଇକୁ ଆହୁରି ସଶକ୍ତ କରିଥିଲା। ସ୍ଥାନୀୟ ଚାଷୀଙ୍କ ସପକ୍ଷରେ ଓକିଲମାନେ ଓଡ଼ିଶା ହାଇକୋର୍ଟରେ ଏହି ଜମି ଅଧିଗ୍ରହଣ ବିରୋଧରେ ମାମଲା ଦାଏର କରିଥିଲେ। ୨୦୧୦ରେ ଓଡ଼ିଶା ହାଇକୋର୍ଟ ଏହି ଅଧିଗ୍ରହଣକୁ ଅବୈଧ ଘୋଷଣା କରିଥିଲେ, କାରଣ ଏହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଏବଂ ଭାରତୀୟ ସମ୍ବିଧାନର ଧାରା ୩୦୦ ଏ' ଅନୁଯାୟୀ ଅନୁମୋଦିତ ନ ଥିଲା। ଏହି ରାୟକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ୨୦୨୩ ଏପ୍ରିଲ ୧୨ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ବଳବତ୍ତର କରି ଏହି ଅଧିଗ୍ରହଣକୁ ଅବୈଧ ଘୋଷଣା କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଜମି ଚାଷୀମାନଙ୍କୁ ଫେରାଇ ଦିଆଯାଉ ଏବଂ ଅମୃତ ମଣୋହି ଜମି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଉ।

### ଶ୍ରୀମନ୍ଦିର ସେବାୟତ, ରାଜନେତା ଓ ରାଜନୈତିକ ଦଳଙ୍କ ଅବଦାନ

ଏହି ଲଢ଼େଇରେ ଅନେକ ରାଜନେତା, ଶ୍ରୀମନ୍ଦିର ସେବାୟତ ଏବଂ ରାଜନୈତିକ ଦଳଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଜେଡି ବ୍ୟତୀତ ଅନ୍ୟସବୁ ଦଳର ନେତାମାନେ ଆନ୍ଦୋଳନ ସ୍ଥଳକୁ ଆସି ସମର୍ଥନ କରିଥିଲେ। ବିଶେଷକରି କଂଗ୍ରେସ ସମ୍ପୂର୍ଣ୍ଣ ସକ୍ରିୟ ଭାବରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାରେ ସହଯୋଗ କରିଥିଲା।

### ସରକାରୀ ଅବହେଳା ଓ ଅନୁଷ୍ଠାନର ଅଭାବ

ଯଦିଓ ସୁପ୍ରିମକୋର୍ଟ ୨୦୨୩ ଏପ୍ରିଲ ୧୨ରେ ଏହି ଜମି ଅଧିଗ୍ରହଣକୁ ଅବୈଧ ଘୋଷଣା କରି ଚାଷୀଙ୍କ ପକ୍ଷରେ ରାୟ ଦେଇଥିଲେ, ଦୁଃଖର ବିଷୟ ଯେ ସରକାର ଏହି ରାୟକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଦୁର୍ନୀତିରେ ଜଡ଼ିତ ଥିବା ଅଧିକାରୀମାନଙ୍କ ବିରୋଧରେ ଯଥା ତତ୍କାଳୀନ ପୁରୀ ଜିଲାପାଳ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ସଂଘର୍ଷ କେବଳ ଜମି ରକ୍ଷା ପାଇଁ ନୁହେଁ ବରଂ ନ୍ୟାୟ ଓ ସଚ୍ଚୋଟତା ପାଇଁ ଏକ ଐତିହାସିକ ଲଢ଼େଇ ଥିଲା। ଏପ୍ରିଲ ୧୨କୁ କୃଷକଙ୍କ ବିଜୟ ଦିବସ ଭାବେ ଗ୍ରହଣ କରାଯାଇଛି, ଯାହା ଚାଷୀମାନଙ୍କ ଏକତା ଓ ସଂଘର୍ଷର ପ୍ରତୀକ ହୋଇରହିଛି।

-ପୂର୍ବତନ ବିଧାୟକ, ପୁରୀ
ଆବାହକ, ବେଦାନ୍ତ ବିଶ୍ୱବଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି, ବେଲଦଳ, ପୁରୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରିବାରର ସୁବିଧା ଅସୁବିଧା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହେବେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ଅର୍ଥ ପାଇଁ ପ୍ରତିଶ୍ରୁତି ଦେଇପାରନ୍ତି। ଯାତ୍ରାରେ ବିଳମ୍ବିତ ସମୟରେ କୃତ୍ତିକା ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସୂଚନା ରହିଛି।

**ବୃଷ** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ମୃଗଶିରା ନକ୍ଷତ୍ର ସକାଳୁ ସକାଳୁ କୌଣସି ବ୍ୟକ୍ତି ସହ ତର୍କ କରି ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କେତେକ କାମ ହାସଲ କରିପାରିବେ। ବନ୍ଧୁ ଗହଣରେ ଇଚ୍ଛା ନ ଥିଲେ ମଧ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ମିଥୁନ** କାମ ହାସଲ ସକାଶେ ପ୍ରିୟଜନଙ୍କ ସହଯୋଗର ଆବଶ୍ୟକତାକୁ ପ୍ରାଧାନ୍ୟ ଦେବେ। ଆର୍ଦ୍ରା ନକ୍ଷତ୍ରର ପ୍ରଶାସନିକ ସ୍ତରରେ କାମ ଅଟକି ରହିଥିବାରୁ ମନ ଭଲ ରହିନପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେଇପାରନ୍ତି। କର୍ମକ୍ଷେତ୍ର କିମ୍ବା ବୃତିଗତ ଧନ୍ଦାରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

**କର୍କଟ** ପରିବାରର ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅଶ୍ଳେଷା ନକ୍ଷତ୍ର ଅନିୟମିତ ଭୋଜନଜନିତ ପେଟପୀଡ଼ା ଅନୁଭବ କରିପାରନ୍ତି। ସ୍ଥଗିତ କାମର ବହୁଳତାଜନିତ କର୍ମକ୍ଷେତ୍ରରେ ଭାବୁଥିବା କାମଟିକୁ ଆଜି ଶେଷ କରିପାରିବେନି।

**ସିଂହ** ପୂର୍ବର କଳହକୁ ମନେପକାଇ ଦେଖିଲେ ମଧ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ମଘା ନକ୍ଷତ୍ର ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ସନ୍ଦେହୀ ମନ ବୁଝିବ ନାହିଁ। ଆଜିର ଯାତ୍ରା, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ପରିସ୍ଥିତି ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ତରବରିଆ ହୋଇ କୌଣସି କାମ କରନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହେବ। ଆବଶ୍ୟକୀୟ ଜିନିଷପତ୍ର ଅଭାବରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଖୋଜି ଖୋଜି ଆଶା ଛାଡ଼ିଦେଇଥିବା ଜିନିଷଟି ହଠାତ୍ ପାଇଯିବେ।

**ତୁଳା** ବନ୍ଧୁମିଳନ ପରିବେଶରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗର ସୂଚନା ରହିଛି। ସ୍ୱାତୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ବିଛା** ଜ୍ୟେଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ସୁଧୁରିନଥିବା କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନି ଘଟିପାରେ। ଆନୁଷ୍ଠାନିକ କାମ, ଧାର୍ମିକ କାର୍ଯ୍ୟ ଓ ସଭାସମିତି ପାଇଁ ବ୍ୟଗ୍ରତା ପ୍ରକାଶ ପାଇବ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ରର ପରସ୍ପର ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଅବହେଳା କାରଣରୁ କୈଫିୟତ ଦେବାକୁ ପଡ଼ିପାରେ। ଈର୍ଷାପରାୟଣତା କାରଣରୁ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ।

**ମକର** ପୂର୍ବର ସମ୍ମାନ ଫେରିପାଇବା କିମ୍ବା କର୍ମକ୍ଷେତ୍ରରେ ପୁନଃ ନିଯୁକ୍ତି ଖବର ପାଇ ମନ ଖୁସି ହୋଇଯିବ। ନିକଟରେ ରହୁଥିବା ଲୋକଟି ସାହାଯ୍ୟରେ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ଦରକାରୀ ଜିନିଷଟି ଅନ୍ୟକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ରର ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**କୁମ୍ଭ** ଶାରୀରିକ ସୁସ୍ଥତା ସାଙ୍ଗକୁ ଦୃଢ଼ ମନୋବଳ ସ୍ଥଗିତ କାମକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ବ୍ୟସ୍ତତାଜନିତ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଶତଭିଷା ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ପାଇଁ ମନ ବଳାଇବେ।

**ମୀନ** ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବ। ବନ୍ଧୁଙ୍କ ଦ୍ୱାରା ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ବିଫଳତାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ରେବତୀ ନକ୍ଷତ୍ରର ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। କଚେରି ମାମଲା କିମ୍ବା ଜମିଜମା ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିପାରେ।

ଆଜି ଏପ୍ରିଲ ୧୩ ତାରିଖ, ଜାଲିଆନାୱାଲାବାଗ ଦିବସ, ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ, ମାସାନ୍ତ, ବୈଶାଖ କୃଷ୍ଣ ପ୍ରତିପଦା ରବିବାର, ରାଶି ନକ୍ଷତ୍ର-ଚିତ୍ର/କନ୍ୟା ଘ.୦୭।୩୮ ଗତେ ତୁଳା/ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ. ୦୯।୪୨ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧.୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୪।୨୭ ଗତେ ଘ.୦୬।୦୦ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୩/୨୦୨୫ | Bhubaneswar, Sunday, April 13/2025 | ପୃଷ୍ଠା-୧

# ପାରିବାରିକ ହିଂସା | ୨ ମୃତ, ୨ ଗୁରୁତର

ପାରିବାରିକ ହିଂସା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମ୍ପତ୍ତି ବିବାଦ, ପାରିବାରିକ କଳହ କିମ୍ବା ସନ୍ଦେହ ଭଳି ଘଟଣାକୁ ନେଇ ବର୍ବରକାଣ୍ଡ ଘଟୁଥିବାବେଳେ ଏହାକୁ ରୋକିହେଉନାହିଁ। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି କିଛି ଘଟଣା ଘଟିଛି, ଯେଉଁଠି ଅଭିଯୁକ୍ତ ଆଉ କେହି ନୁହଁନ୍ତି, ବରଂ ରକ୍ତର ସମ୍ପର୍କ। ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ବେଲବାରିଆ ଗ୍ରାମରେ ଚୁଟି କଟା ଷ୍ଟାଇଲକୁ ବିରୋଧ କରିବାରୁ ଜଣେ ନାବାଳକ ତାଙ୍କ ବାପାଙ୍କ ବେକକୁ କଟୁରିରେ ହାଣି ପକାଇଥିବାବେଳେ କେନ୍ଦୁଝର ଜିଲା ତାଳକଇଁସାରି ଗ୍ରାମରେ ଜମିଜମା ବିବାଦକୁ ନେଇ ଜଣେ ଯୁବକ କକାଙ୍କୁ ହତ୍ୟା କରି କଟା ମୁଣ୍ଡ ଧରି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅଞ୍ଚଳରେ ଜଣେ ସାନଭାଇ ତାଙ୍କ ବଡ଼ଭାଇଙ୍କୁ ତୀରମାଡ଼ କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେହିପରି କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳରେ ପାରିବାରିକ ବିବାଦକୁ ନେଇ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ କଟୁରି ଚୋଟ ସ୍ତ୍ରୀଙ୍କ କାଖରେ ଥିବା ଶିଶୁକନ୍ୟା ମୁଣ୍ଡରେ ବାଜିଥିଲା। ଶିଶୁକନ୍ୟା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ଚୁଟି କଟାକୁ ବିରୋଧରୁ ବାପାଙ୍କୁ ହାଣିଲେ ନାବାଳକ ପୁଅ

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ)

ଆଧୁନିକ ଷ୍ଟାଇଲରେ ଚୁଟିକଟାକୁ ବିରୋଧ କରିବାରୁ ବାପାଙ୍କୁ ଟେଲେଙ୍ଗା କଟୁରିରେ ଆକ୍ରମଣ କରିଛନ୍ତି ନାବାଳକ ପୁଅ। ଗୁରୁତର ଅବସ୍ଥାରେ ବାପାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ସଦର ଥାନା ଅଧୀନ ବେଲବାରିଆ ଗ୍ରାମରେ। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ନିକଟରେ ମାଟ୍ରିକ ପରୀକ୍ଷା ଦେଇଥିବା ନାବାଳକ ପୁଅ ଶନିବାର ଚୁଟି କାଟି ଘରକୁ ଫେରିଥିଲେ। ଚୁଟି କଟା ଷ୍ଟାଇଲକୁ ଦେଖି ତାଙ୍କ ବାପା ବିରୋଧ କରିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାଶୁଣି ନାବାଳକଙ୍କ ମା' ଆସି ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ହଠାତ୍ ଉତ୍ତ୍ୟକ୍ତ ହୋଇ ବ୍ୟକ୍ତି ଜଣକ ନିଜ ସ୍ତ୍ରୀଙ୍କୁ ଚାପୁଡ଼ାଏ ମାରିଥିଲେ। ଏଥିରେ ନାବାଳକ ପୁଅ ହଠାତ୍ ହିଂସ୍ର ହୋଇଯାଇ ଘରୁ ଏକ ଟେଲେଙ୍ଗା କଟୁରି ଆଣି ବାପାଙ୍କୁ ହାଣି ପକାଇଥିଲେ। ଘଟଣାସ୍ଥଳରେ ବ୍ୟକ୍ତି ଜଣକ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଆହତ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କକାଙ୍କ ମୁଣ୍ଡ କାଟି ହତ୍ୟା

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତାଳକଇଁସାରି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି। ଜମି ବିବାଦକୁ କେନ୍ଦ୍ରକରି କକାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗାକରି ଦେଇଛନ୍ତି ପୁତୁରା। ହତ୍ୟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟାମୁଣ୍ଡକୁ ବ୍ୟାଗ୍‌ରେ ଧରି ଶୁଆକାଟି ଫାଣ୍ଡିରେ ଆତ୍ମସମର୍ପଣ କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତକ ହେଲେ ଗ୍ରାମର ହରି ଦେହୁରୀ (୫୧)। ପୋଲିସ ଅଭିଯୁକ୍ତ ପୁତୁରା କବି ଦେହୁରୀ (୩୫)ଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି। ପୋଲିସ ଅନୁଯାୟୀ, ହରି ଏବଂ କବି ଉଭୟେ ☞ପୃଷ୍ଠା-୩

## ଭାଇଙ୍କୁ ତୀର ମାରି ହତ୍ୟା ପରେ ବିଷ ପିଇଲେ ସାନ

ଲହୁଣୀପଡ଼ା,୧୨।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଲୁଙ୍ଗା ଗ୍ରାମରେ ଶନିବାର ସକାଳ ପ୍ରାୟ ୧୦ଟାରେ ସାନଭାଇର ତୀରମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗମିୟା ମୁଣ୍ଡା(୪୫)। ଏହି ଘଟଣା ପରେ ଭୟରେ ସାନଭାଇ ସନାତନ ମୁଣ୍ଡା (୪୦) ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୨୦/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲୁଙ୍ଗା ଗ୍ରାମର ଗମିୟା ଓ ସାନଭାଇ ସନାତନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହି ଆସିଥିଲା। ଶନିବାର ଘରେ କେହି ନ ଥିବାର ସୁଯୋଗ ନେଇ ସନାତନ ବଡ଼ଭାଇ ଗମିୟାଙ୍କୁ ତୀରମାଡ଼ କରିଥିଲେ। ଘଟଣା ସ୍ଥଳରେ ହିଁ ଗମିୟାଙ୍କ ମୃତ୍ୟୁ ଘଟିଥିଲା। ଗମିୟାଙ୍କ ମୃତ୍ୟୁ ହେବା ଜାଣି ଭୟରେ ସନାତନ ବିଷ ☞ପୃଷ୍ଠା-୩

## ସ୍ତ୍ରୀଙ୍କୁ କଟୁରିରେ ହାଣିବାବେଳେ ଶିଶୁକନ୍ୟା ଆହତ

ବାଙ୍କୀ, ୧୨।୪ (ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶନିବାର ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଜେଲରୁ ଫେରିଥିବା ସ୍ୱାମୀ କଟୁରିରେ ହାଣିବାକୁ ଉଦ୍ୟମ କରିଥିଲେ। ହେଲେ କଟୁରି ଚୋଟ ସ୍ତ୍ରୀଙ୍କ ବେକରେ ନ ବାଜି ସେ କାଖରେ ଧରିଥିବା ୩ ବର୍ଷର ଝିଅ ମଣ୍ଡରେ ବାଜିଥିଲା। ଶିଶୁକନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଗିରଫ ଭୟରେ ଅଭିଯୁକ୍ତ ସ୍ୱାମୀ ଫେରାର ଅଛନ୍ତି। ପୋଲିସ ସୂଚନା ମୁତାବକ, ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ପୁରୁଣାପାଣି ଗ୍ରାମର ବାଙ୍କନିଧି ପଣ୍ଡା ଚଢ଼େଇବନ୍ଧ ☞ପୃଷ୍ଠା-୩




## ଶିକ୍ଷୟିତ୍ରୀଙ୍କ ଲୁହାପାଇପ୍ ମାଡ଼ରେ ଛାତ୍ର ଗୁରୁତର

ଢେଙ୍କାନାଳ,୧୨।୪ (ରତନ ନାୟାର)/ ଓଡ଼ାପଡ଼ା (ରଞ୍ଜିତ ନାୟକ)

- ବିଦ୍ୟାଳୟକୁ ବନ୍ଦକରି ଗ୍ରାମବାସୀଙ୍କ ପ୍ରତିବାଦ
- ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର୍ ଧରିଲା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ କାଣ୍ଡିଙ୍କ ଲୁହାପାଇପ୍ ମାଡ଼ରେ ଷଷ୍ଠ ଶ୍ରେଣୀ ଛାତ୍ର ବିମଳ ସିଂହ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଛାତ୍ର ବିମଳଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ୫ଟି ଷ୍ଟିଚ୍ ପକାଯାଇଛି। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଘଟିଥିବା ଏହି ଘଟଣାର ପ୍ରତିବାଦ କରି ଅଭିଭାବକ ଓ ଗ୍ରାମବାସୀ ଶନିବାର ସକାଳେ ବିଦ୍ୟାଳୟ ଫାଟକ ବନ୍ଦକରି ଧାରଣା ଦେଇଥିଲେ। ୧୨ବର୍ଷ ହେଲା ବିଦ୍ୟାଳୟରେ ରହିଥିବା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀଙ୍କୁ କାହିଁକି ବଦଳି କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇବା ସହିତ ତୁରନ୍ତ ବିଦ୍ୟାଳୟରୁ ହଟାଯିବାକୁ ଦାବି କରିଥିଲେ। ଏଥିପୂର୍ବରୁ ବିଭିନ୍ନ ଘଟଣାରେ ୫ଥର ତାଙ୍କୁ କ୍ଷମା କରିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖବରପାଇ ଓଡ଼ାପଡ଼ା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଧର ସ୍ୱାଇଁ, ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଅତିରିକ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ଏ ସଂକ୍ରାନ୍ତରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି, ପୋଲିସ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହୋଇଛୁ। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହିତ ମଙ୍ଗଳବାର ଘଟଣାର ସମାଧାନ କରିବା ପାଇଁ ଉଦ୍ୟମ କରାଯିବ। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।


ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବାଦ କରାଯାଉଛି।

## ୨ ବାଇକ୍ ଧକ୍କା: ଜଣେ ମୃତ

ଲାଞ୍ଜିଗଡ଼,୧୨।୪ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ବଳଭଦ୍ରପୁରକୁ ସଂଯୋଗ କରୁଥିବା ରାସ୍ତାର ବଂଶୀଧାର ନଦୀ ନିକଟରେ ଶନିବାର ୨ ବାଇକ୍ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଳି (୨୨) ବାଇକ୍ ଯୋଗେ ଆସୁଥିଲେ। ଏହି ସମୟରେ ଲାଞ୍ଜିଗଡ଼ ପଟୁ ଯାଉଥିବା ଚମ୍ପାଦେଈପୁର ପଞ୍ଚାୟତ ପ୍ରତାପପୁର ଗ୍ରାମର ରଞ୍ଜିତ ମାଝୀ (୩୫)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଦୁଇଜଣ ଗୁରୁତର ହୋଇଥିଲେ। ଖବରପାଇ ସାମାଜିକ କର୍ମୀ ସୁବାସ ଅଗ୍ରୱାଲ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଲାଞ୍ଜିଗଡ଼ ସିଏଚ୍‌ସିକୁ ପଠାଇଥିଲେ। ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ରଞ୍ଜିତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଲାଞ୍ଜିଗଡ ପୋଲିସ ଦୁଇ ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଛି।

DADLS-11



ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

OIPR-15001/13/0502/2526

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ଚାଇନାର ପ୍ରତିରୋଧ



ଆକାର ପଟେଲ

ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ ସାରା ବିଶ୍ୱର ବାଣିଜ୍ୟ ମନ୍ତ୍ରଣାଳୟଗୁଡ଼ିକ ଆମେରିକାକୁ ସେମାନଙ୍କ ମାମଲା ସମ୍ପର୍କରେ ବିଚାର ପାଇଁ ନିବେଦନ କରିବାକୁ ଲାଇନ ଲଗାଉଛନ୍ତି। ଆମେ ସେମାନଙ୍କ ସହ ଅଛୁ କି? ନା, ଆମେ ନାହୁଁ। ସପ୍ତାହାନ୍ତରେ ପ୍ରକାଶିତ ଏକ ଖବରରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ, ଆମେ ଧମକ ସହ ବୁଝାମଣା କରୁନାହୁଁ। ଦେଖିବାକୁ ଗଲେ ଏହା ହିଁ ଉତ୍ତମ ତରିକା ଏବଂ ଏହା ସହ ମୁଁ ଏକମତ। ସାର୍ବଭୌମ ଦେଶଗୁଡ଼ିକ ଦୃଢ଼ତାର ସହ କହିବା ଦରକାର ଯେ, ସେମାନଙ୍କୁ ସମାନ ଭାବେ ଦେଖିବା ଆବଶ୍ୟକ, ଅଧସ୍ତନ ବା ଦାସ ରୂପେ ନୁହେଁ। ଟ୍ରମ୍ପଙ୍କ ଟାରିଫ୍‌କୁ କାନାଡା ଭଳି ଚାଇନା ମଧ୍ୟ ଦୃଢ଼ତାର ସହ ପ୍ରତିରୋଧ କରିଛି। ତେବେ ଗୋୟଲ ଯାହା କହିଥିଲେ ତାହା ତାଙ୍କୁ ସମସ୍ୟାରେ ପକାଇଲା। ସେ କହିଥିଲେ, ଭାରତର ନୂଆ ବିଜ୍‌ନେସ୍‌ସବୁ ନୂତନତ୍ୱ ବଦଳରେ କେବଳ ବାଣିଜ୍ୟ (ଦୋକାନଦାରି ଶବ୍ଦ ବ୍ୟବହାର କରିଥିଲେ) ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ଏହାକୁ ଚାଇନା ସହ ତୁଳନା କରିଥିଲେ, ଯେଉଁଠି ଷ୍ଟାର୍ଟଅପ୍‌ଗୁଡ଼ିକ ରୋବୋ, କୃତ୍ରିମ ବୁଦ୍ଧିମତ୍ତା ନିର୍ମାଣ କରିବା ସହ ଅତ୍ୟାଧୁନିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଏହାକୁ ନେଇ ଏଣ୍ଟ୍ରେପ୍ରିନ୍ୟୁୟରମାନେ ଗୋୟଲଙ୍କୁ ବିରୋଧ କରିଥିଲେ। ତେବେ ଭାରତରେ ନୂଆକରି ଗଢ଼ିଉଠିଥିବା ଅନେକ କମ୍ପାନୀ ଏଭଳି କିଛି କାମ କରୁଛନ୍ତି ଏବଂ ସେମାନେ ଏହା କରିବା ଉଚିତ ବୋଲି ଗୋୟଲ କହିଥିଲେ।

ଭାରତରେ ବିଜ୍‌ନେସ୍‌ର ଇତିହାସକୁ ଦେଖିଲେ ଜଣାଯାଏ ଯେ, ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବାଣିଜ୍ୟିକ ସମୁଦାୟ ମୁଖ୍ୟତଃ ବଣିକ ଓ ବ୍ୟାଙ୍କର ଥିଲେ। ୧୯୧୯ରେ ମାନୁଫାକ୍‌ଚରିଂ କ୍ଷେତ୍ରରେ ବିର୍ଲାଗୋଷ୍ଠୀ ପ୍ରବେଶ କଲା ଏବଂ ଏହା ପୂର୍ବରୁ ପାର୍ସୀଙ୍କ ସମେତ ଅଳ୍ପ କେତେଜଣ ଗୁଜରାଟୀଙ୍କ ଉଦ୍ୟମରେ ୧୯୧୦ରେ ଟାଟା ଷ୍ଟିଲ୍ ଆସିଥିଲା। ଆମ ବାଣିଜ୍ୟ ଏହିଭଳି ଇତିହାସ ସହ ଜଡ଼ିତ ରହୁଛି ଏବଂ ଉତ୍ପାଦିତ ସାମଗ୍ରୀ ଓ ତାହାକୁ ଡେଲିଭରି ଆପ୍ ଭଳି ବିଷୟ ପର୍ଯ୍ୟନ୍ତ ବିସ୍ତାର କରାଯାଉ ନ ଥିବା ସମ୍ଭବତଃ ଗୋୟଲ ସୂଚିତ କରିଥିଲେ। ତେବେ ପୁନର୍ବାର ତାଙ୍କର ଏହି ବ୍ୟାପକ ଦୃଷ୍ଟିକୋଣ ସହ ମୁଁ ଏକମତ। ପ୍ରଶ୍ନ ହେଉଛି, ଚାଇନାର ଷ୍ଟାର୍ଟଅପ୍ ଭଳି ହେବା ପାଇଁ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକର ବିକାଶ ଓ ସଫଳତା ସକାଶେ କେଉଁସବୁ ବିଷୟ ଜରୁରୀ? ବିଜ୍‌ନେସ୍ ସେକ୍ଟରକୁ ଏହି ପ୍ରଶ୍ନ ପଚାରିବା ଠିକ୍ ହେବ। ସମାନ ଭାବେ ସରକାରଙ୍କୁ ମଧ୍ୟ ଏହା ପଚାରିବା ଉଚିତ। ଚାଇନା ଏବେ ଯେଉଁଠି ପହଞ୍ଚିଛି ତାହା ଗତବର୍ଷରଏକ ଅନୁଧ୍ୟାନରୁ ସାମ୍ନାକୁ ଆସିଥିଲା। ଏହା ଦର୍ଶାଇଥିଲା, "ଚାଇନା ଏବେ ବିଶ୍ୱର ଏକ ମାତ୍ର ମାନୁଫାକ୍‌ଚରିଂ ସୁପରପାୱାର। ଚାଇନାର ଉତ୍ପାଦନ ତା' ପଛକୁ ଥିବା ୯ଟି ଉତ୍ପାଦନକାରୀ ଦେଶର ମୋଟ ଉତ୍ପାଦନଠାରୁ ଅଧିକ।" ଚାଇନା ସରକାର ଶିଳ୍ପ ନୀତି ଓ କୌଶଳଗତ ପରିଚାଳନା ମାଧ୍ୟମରେ ଏସବୁ ହାସଲ କରିପାରିଲା। ଏହା ଆଫ୍ରିକା ଓ ଲାଟିନ ଆମେରିକାର ଖଣିଜ ସମୃଦ୍ଧ ଦେଶଗୁଡ଼ିକ ସହ ସମ୍ପର୍କ ସ୍ଥାପନ କଲା ଏବଂ ଏହିସବୁ ଦେଶଗୁଡ଼ିକରୁ ଅନେକରେ ବନ୍ଦର ଓ ରେଳପଥ ନିର୍ମାଣ କଲା। ସରକାରଙ୍କ ଅଧୀନରେ ଥିବା ତାହାର କମ୍ପାନୀଗୁଡ଼ିକ ଅନ୍ୟ କାହା ଉପରେ ନିର୍ଭର ନ କରି ବ୍ୟବସାୟଭିତ୍ତିକ ପାଣିଜାହାଜ ଓ ଉଡ଼ାଜାହାଜ ନିର୍ମାଣ କଲେ। ଚାଇନା ସହ ଯୁଦ୍ଧ କରିଥିବା କିମ୍ବା ଏବେ ବିବାଦରେ ଲିପ୍ତ ଥିବା ପଡ଼ୋଶୀ ଦେଶଗୁଡ଼ିକୁ ବୁଝାଇବାକୁ ସକ୍ଷମ ହେଲା ଯେ, ଏହିସବୁ ସମସ୍ୟାକୁ ବାଣିଜ୍ୟ ସହ ଯୋଡ଼ିବା ଠିକ୍ ନୁହେଁ। ଚାଇନାର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ଆମେରିକା କିମ୍ବା ୟୁରୋପୀୟ ସଂଘ ନୁହନ୍ତି ବରଂ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ( ଏସିଆନ)। ନର୍ଥ ଆଟ୍‌ଲାଣ୍ଟିକ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଏବଂ ଆକୁସ୍ ଓ କ୍ୱାଡ୍ ଭଳି ଆମେରିକାର ସାମରିକ ମେଣ୍ଟଗୁଡ଼ିକ ବିରୋଧରେ ଚାଇନା ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ(ବିଆର୍‌ଆଇ) ଅର୍ଥାତ୍ ରେଳପଥ, ସଡ଼କ ପଥ, ବନ୍ଦର ଆଦି ଭିତ୍ତିଭୂମି ବିକାଶ ରଣନୀତି ଆପଣାଇଛି।

ଦେଖିବାକୁ ଗଲେ ଅନେକ ଦଶନ୍ଧିଧରି ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତାପ୍ରକଟ କରିଆସୁଛି, କିନ୍ତୁ କେବଳ ଚାଇନା ଏଭଳି ସମସ୍ୟାକୁ ନିୟନ୍ତ୍ରଣ କରିବା ସହ ସେଥିରୁ ଲାଭ ଉଠାଇବା ପାଇଁ ଏକ ଭିନ୍ନ ଶିଳ୍ପ ରଣନୀତି ଗଢ଼ିଛି। ଅନ୍ତର୍ଜାତୀୟ କମ୍ବଶନ ଇଞ୍ଜିନ କ୍ଷେତ୍ରରେ ଜାପାନ ଏବଂ ଜର୍ମାନୀ କମ୍ପାନୀଗୁଡ଼ିକର ପ୍ୟାଣ୍ଟେଣ୍ଟ ଓ ଅଭିଜ୍ଞତା ସହ ତାହାର ଅଟୋମୋବାଇଲ ସେକ୍ଟର ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ଚାଇନା ବୈଦ୍ୟୁତିକ କାର୍ ଉପରେ ଧ୍ୟାନ ଦେଲା। ଚାଇନା ୨୦୧୬ରେ ୫ ଲକ୍ଷ, ୨୦୧୮ରେ ୧୦ ଲକ୍ଷ ଏବଂ ଗତ ବର୍ଷ ୧ କୋଟି ନ୍ୟୁ ଏନର୍ଜି ଚାଳିତ କାର୍ ଉତ୍ପାଦନ କରିଥିଲା। ଗତବର୍ଷ ଚାଇନା ୫୮ ଲକ୍ଷ କାର୍ ରପ୍ତାନି କରିଥିଲା। ସୋଲାର ପ୍ୟାନେଲ କ୍ଷେତ୍ରରେ ସମାନ କଥା ଦେଖିବାକୁ ମିଳିଛି। ବର୍ତ୍ତମାନ ବିଶ୍ୱରେ ବ୍ୟବହାର ହେଉଥିବା ମୋଟ ସୋଲାର ସେଲ୍‌ର ୮୦ ପ୍ରତିଶତରୁ ଅଧିକ ଚାଇନା ଉତ୍ପାଦନ କରିବା ସହ ପୃଥିବୀର ଦୁଇ ତୃତୀୟାଂଶ ବୈଦ୍ୟୁତିକ ଯାନର ବ୍ୟାଟେରି ମଧ୍ୟ ନିର୍ମାଣ କରୁଛି। ମାଇନିଂଠାରୁ ଆରମ୍ଭ କରି ରିଫାଇନିଂ, ମାନୁଫାକ୍‌ଚରିଂ ପର୍ଯ୍ୟନ୍ତ ଯୋଗାଣ ଶୃଙ୍ଖଳ ଚାଇନା ଦ୍ୱାରା ଚାଲୁଛି। ସମସ୍ତ କ୍ଷେତ୍ରରେ ବିଶେଷକରି ଭବିଷ୍ୟତରେ ଯେଉଁସବୁ କ୍ଷେତ୍ରର ଗୁରୁତ୍ୱ ରହିବ ସେଗୁଡ଼ିକରେ ଚାଇନାର ଏକଚାଟିଆ ପ୍ରାଧାନ୍ୟ ରହିଛି। ଏହା ସତ୍ୟ ଯେ, ଚାଇନାର ଏଣ୍ଟ୍ରେପ୍ରିନ୍ୟୁୟରମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ଯାହା ଆମେ ନିକଟରେ ଡିପ୍‌ସିକ୍ ଏଆଇ କ୍ଷେତ୍ରରେ ଦେଖିଛୁ। ଆମେରିକାର ପ୍ରାଧାନ୍ୟ ଥିବା କ୍ଷେତ୍ର ଯଥା ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ)ରେ ମଧ୍ୟ ଚାଇନାର ଏଣ୍ଟ୍ରେପ୍ରିନ୍ୟୁୟରମାନଙ୍କର ସଫଳତା ଦେଖିବାକୁ ମିଳିଛି। ଚାଇନା ସରକାରଙ୍କ ରଣନୀତି ଓ ଶିଳ୍ପ ନୀତି ଯୋଗୁ ଏଭଳି ବିଜୟ ସମ୍ଭବ ହୋଇଛି। ଚାଇନର ଏଣ୍ଟ୍ରେପ୍ରିନ୍ୟୁୟରମାନେ ସଫଳତା ହାସଲ କରିବାର କାରଣ ପଛରେ ରହିଛି ଉଦାରୀକରଣରେ ହସ୍ତକ୍ଷେପ। ଆମେରିକାର ପଦକ୍ଷେପକୁ ମୁକାବିଲା କରିବା ପାଇଁ ଚାଇନାର ବିଶ୍ୱାସ ଅଛି। ଚାଇନା ମଧ୍ୟ ଭଲ ଭାବେ ବୁଝିଛି ଯେ, ଏବେ ଆମେରିକାକୁ ଶାସନ କରୁଥିବା ବ୍ୟକ୍ତିଙ୍କ ବିଚ୍ଛିନ୍ନତାବାଦୀ କଳ୍ପନା ଯାହା ହେଉନା କାହିଁକି ବିଶ୍ୱ ତା' (ଚାଇନା) ଉପରେ ନିର୍ଭର କରିବ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | | | | | 7 | |
| | | 8 | | | | 2 | 9 | |
| 7 | | | | 8 | | | 5 | 4 |
| 8 | | | | 5 | | | | |
| | | 9 | | | | 4 | | |
| 2 | | | | | 3 | | | 9 |
| | | | | 6 | 2 | 7 | 1 | |
| | | 1 | | | | | | |
| | | | | 7 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 8 | 4 | 1 | 5 | 3 | 9 |
| 5 | 8 | 9 | 2 | 3 | 6 | 1 | 7 | 4 |
| 4 | 3 | 1 | 9 | 7 | 5 | 2 | 6 | 8 |
| 7 | 4 | 8 | 3 | 2 | 9 | 6 | 5 | 1 |
| 9 | 5 | 2 | 6 | 1 | 4 | 7 | 8 | 3 |
| 6 | 1 | 3 | 5 | 8 | 7 | 4 | 9 | 2 |
| 3 | 6 | 7 | 1 | 9 | 2 | 8 | 4 | 5 |
| 8 | 2 | 5 | 4 | 6 | 3 | 9 | 1 | 7 |
| 1 | 9 | 4 | 7 | 5 | 8 | 3 | 2 | 6 |

ଗତକାଲିର ଉତ୍ତର

# ଲୁହା ଓ କଳଙ୍କି



ରଞ୍ଜନ କୁମାର ଦାସ

ଲୁହା ଏକ ଶକ୍ତିଶାଳୀ ପଦାର୍ଥ। ଏଥିରେ ନାନାଦି ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରାଦି ତିଆରି ହୁଏ। ସେଥିରେ ବି ଗଛ ହାଣିହୁଏ, ମଣିଷ ମାରିହୁଏ, ସେଇ ଲୁହାରେ ବଡ଼ ବଡ଼ କଳକାରଖାନା, କୋଠାବାଡ଼ି ଓ ଗାଡ଼ିମୋଟର ତିଆରି ହୁଏ। ଲୁହା କେବଳ ନିଜେ ଶକ୍ତିଶାଳୀ ନୁହେଁ, ତାକୁ ଧରିଥିବା ବ୍ୟକ୍ତି ମଧ୍ୟ ଶକ୍ତିଶାଳୀ ହୋଇଯାଏ। ଏମିତି କୌଣସି ଅଧିକ ଶକ୍ତିଶାଳୀ ପଦାର୍ଥ ନାହିଁ, ଯାହା ଲୁହାକୁ ସହଜେ ଭାଙ୍ଗି ବା କାଟିପାରିବ। ସେକଥା କେବଳ ଅନ୍ୟ ଏକ ଧାରୁଆ ଲୁହାରେ ସମ୍ଭବ। ତା'ଛଡ଼ା ଲୁହା ଯେବେ ନିଜେ କଳଙ୍କି ଲାଗି ଦୁର୍ବଳ ହେଇଯାଏ, ସେ ଆପେ ଆପେ କ୍ଷୟ ହୋଇଯାଏ। ଏ କଳଙ୍କି କ'ଣ ଏକ ବାହାର ଜିନିଷ? ସିଏ ବାହାର ପାଣି ପବନ ବାଜି ସେଇ ଲୁହାରୁ ହିଁ ତିଆରି ହୁଏ ଓ ତାକୁ ନଷ୍ଟ କରେ। ତେଣୁ ଏକଥା କହିବା ଅପ୍ରାସଙ୍ଗିକ ହେବନାହିଁ ଯେ, ଲୁହା ଭଳି ଏକ ଶକ୍ତିଶାଳୀ ଜିନିଷ ଖରାପ ସଂସର୍ଗ ଓ ନିଜ ଗୁଣରୁ ହିଁ ନଷ୍ଟ ହୋଇଯାଏ। ନ ହେଲେ ଅନ୍ୟ କେହି ତାକୁ ଏତେ ସହଜରେ ନଷ୍ଟ କରିପାରନ୍ତା ନାହିଁ।

ଲୁହା ଭଳି ପ୍ରତ୍ୟେକ ଜିନିଷ, ପ୍ରତ୍ୟେକ ମଣିଷ, ପ୍ରତ୍ୟେକ ଜାତି ଓ ଧର୍ମ, ପ୍ରତ୍ୟେକ ଭାଷା ସଂସର୍ଗଗତ ଦୋଷରୁ ଓ ନିଜ ଗୁଣଧର୍ମରୁ ହିଁ ନିଜେ ନଷ୍ଟ ହୁଏ। ଅନ୍ୟ ବାହ୍ୟ ଶତ୍ରୁ ଅପେକ୍ଷା ଏମାନେ ନିଜ ନିଜ ଦୋଷରୁ ହିଁ ବେଶି ନଷ୍ଟ ହୋଇଥା'ନ୍ତି! ଜିନିଷ ଭିତରେ ଦେଖିବେ କାଠ, ବାଉଁଶ ଯେତେବେଳେ ପାଣି ପବନ ସଂସର୍ଗରେ ଆସେ ନାଶ ଯାଏ। ମଣିଷର ସେମିତି ଯେତେ ଧନସମ୍ପଦ ଥାଉନା କାହିଁକି ନିଜ ଗର୍ବ, ଅହଂକାର, ଔଦ୍ଧତ୍ୟ ଓ ଚାରିତ୍ରିକ ଦୋଷରୁ ସେ ନଷ୍ଟ ହୁଏ। ବହୁ ବଡ଼ ବଡ଼ ଲୋକ ଗୋଟିଏ ଗୋଟିଏ ଛୋଟ ଦୋଷ ଯୋଗୁ ଲୋକଲୋଚନରେ ନିନ୍ଦିତ ହୋଇ ଜନମାନସରୁ ବିଦା ହୋଇଛନ୍ତି। ଯେଉଁ ସମାଜ ତାଙ୍କୁ ପୂଜା କରୁଥାଏ, ସେଇ ସମାଜ ତାଙ୍କ ଦୋଷଗୁଣ ଯୋଗୁ ଗୋଇଠା ମାରି ଦୂରଦୂର କରେ। ଆପଣ ଦେଖିବେ ଭାଷା ସେମିତି। ଗୋଟିଏ ଭାଷା ଯେତେବେଳେ ନିଜ ଐତିହ୍ୟ ଓ ପରମ୍ପରାକୁ ଭୁଲି ଅନ୍ୟ ଭାଷା ଉପରେ ଅତିରିକ୍ତ ନିର୍ଭର କରେ, ସେ ଭାଷା ମଧ୍ୟ କ୍ରମେ ଲୁପ୍ତପ୍ରାୟ ହୁଏ।

ଗୋଟିଏ ଭାଷାର ସବୁଠୁ ବଡ଼ ଶତ୍ରୁ ସେମିତି ଅନ୍ୟ ଭାଷା ବା ଅନ୍ୟ ଭାଷାଭାଷୀ ଲୋକ ଯେତେ ନୁହନ୍ତି; ସେତେ ଦୋଷୀ ହେଲେ ସେଇ ଭାଷାରେ ଜନ୍ମିତ ଲୋକ। ଗୋଟିଏ ଭାଷାର ସବୁଠୁ ବେଶି ପଢ଼ାଲେଖା କରିଥିବା ଲୋକମାନେ ଅନ୍ୟଭାଷା ବେଶି ବ୍ୟବହାର କରିଥା'ନ୍ତି। କାରଣ ସେମାନେ ଅନ୍ୟ ଭାଷା ଜାଣିଥା'ନ୍ତି ଓ ନିଜ ପାଣ୍ଡିତ୍ୟ ପ୍ରଦର୍ଶନ କରିବାକୁ ମାତୃଭାଷାକୁ ଅବହେଳା କରି ଅନେକାଂଶରେ ଅନ୍ୟଭାଷାର ବ୍ୟବହାର କରିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ସେଇ ଭାଷାର ସବୁଠୁ ଗରିବ ଓ ମୂର୍ଖ ଲୋକଟି ଅନ୍ୟ ଭାଷାକୁ ଏତେ ବେଶୀ ଜାଣିନଥିବାରୁ, ନିଜ ମାତୃଭାଷାକୁ ସର୍ବତ୍ର ବ୍ୟବହାର କରିଥାଏ ଓ ତାକୁ ବଞ୍ଚେଇ ରଖିଥାଏ। ତେଣୁ ନବ୍ୟ ଶିକ୍ଷିତମାନେ ନିଜ ଭାଷାର ବିକାଶ କରିବା ବଦଳରେ ତା'ର ବିନାଶରେ ବେଶି ସହାୟକ ହୋଇଥା'ନ୍ତି।



ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଅନୁଚାପ ଅବସ୍ଥା। ଆଧୁନିକ ପରିବାରରେ ଏବେ ପୂଜାପାଠ ଓ ପ୍ରାର୍ଥନା ପ୍ରାୟତଃ କମିଗଲାଣି। ଆପାର୍ଟମେଣ୍ଟ ବା ଡୁପ୍ଲେକ୍ସ ଘରେ ରହୁଥିବା ଲୋକ ଗୋଟେ ପୂଜାଘର ପାଇଁ ଜାଗା ଛାଡ଼ି ପାରୁନାହାନ୍ତି। ସେମାନେ ଭାବୁଛନ୍ତି, ସେତିକି ଜାଗାରେ ଅନ୍ୟ କ'ଣଟେ ହେଇପାରିବ। ଠାକୁରଘର କ'ଣ ଦରକାର? ଆମ ପିଲାବେଳେ ଆମକୁ ସକାଳ ସନ୍ଧ୍ୟାରେ ଘରେ ପଢ଼ିବାକୁ ଗଲାବେଳେ ପ୍ରାର୍ଥନା ଗାଇବାକୁ ପଡୁଥିଲା। ଏବେ ମା'ବାପା, ଛୁଆ ସେ ଦିଗରେ କେହି ଆଗ୍ରହୀ ନୁହନ୍ତି। ନବ୍ୟ ଆଧୁନିକତା ନାମରେ ସେସବୁକୁ ପୁରୁଣାକାଳିଆ କୁହାଯାଉଛି। ସେମାନେ ଭାବନ୍ତି ଭକ୍ତି ଠାକୁରଘରେ ନ ଥାଏ, ହୃଦୟରେ ଥାଏ। ହଁ, ଯଦି ସେତକ ବି ଥାଆନ୍ତା ତାହାଲେ ବି ଚିନ୍ତା ଥିଲା। ହୃଦୟରେ କି ମସ୍ତିଷ୍କରେ କୋଉଠି ଭକ୍ତିଭାବ କି ଆଧାତ୍ମିକ ଚିନ୍ତନ ପାଇଁ ଜାଗା ନାହିଁ। ଖାଲି ପରୀକ୍ଷାରେ ଭଲ ମାର୍କ ଦିଅ, ଇଣ୍ଟରଭ୍ୟୁରେ ଚାକିରିଟା ମୋର ହେଉ, ମାଲପତ୍ରରେ ମୋ ଘର ଭରିଯାଉ ଯେ ଆମ ଭକ୍ତିଭାବ ସୀମିତ। ଥରେ ଦି'ଥର ଓଡ଼ିଶା ବାହାରୁ ବୁଲି ପଳେଇ ଆସିଲେ, ପାଠ ଦି'ଅକ୍ଷର ପଢ଼ିଦେଲେ ଲୋକେ ଭାବୁଛନ୍ତି ଆମେ ଆଧୁନିକ ହୋଇଗଲୁ। ଆମ ଦ୍ୱାରା ଧୋତିପିନ୍ଧା ହବନି, ପୂଜାପାଠ ସମ୍ଭବ ନୁହେଁ। ଝିଅମାନେ ଭାବୁଛନ୍ତି ଚୁଡ଼ି ପିନ୍ଧିବା, ଶାଢ଼ି ପିନ୍ଧିବା, ସିନ୍ଦୂର ପିନ୍ଧିବା, ଗାଉଁଲି ଲୋକଙ୍କ ଲକ୍ଷଣ। ଆମ ସଭ୍ୟତାରେ ଏ ଛଦ୍ମ ଆଧୁନିକତା ଏତେ ବ୍ୟାପିଗଲାଣି ଯେ, ଆମ ଛୁଆଏ ପିଠାକୁ ଭୁଲି ପିଜାକୁ ଆପଣେଇଲେଣି। କଣ୍ଟିନେଣ୍ଟାଲ ଚାଇନିଜ୍ ଫୁଡ୍, ଥାଇଫୁଡ୍ ଯିଏ ନ ଖାଇଛି, ସିଏ ମଫସଲିଆ ବୋଲି ଲୋକେ ଭାବୁଛନ୍ତି। ଆମ ଖେଚୁଡ଼ି କୁଆଡ଼େ ଗଲା, ବିରିଆନୀ ଆସିଗଲା। ବରା ସିଙ୍ଗଡ଼ା କୁଆଡ଼େ ଗଲା, ଇଡିଲି ଦୋଷା ତା' ସ୍ଥାନ ନେଇଗଲା। ପାଖଘର ମାଉସୀ ଆମକୁ ମା'ଠୁ ମଡର୍ନ ଲାଗୁଛନ୍ତି। ବଡ଼ମାନଙ୍କୁ ନମସ୍କାର କରିବାକୁ ବା ଗୁରୁଜନଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ଆଜିକାର ପିଲାଏ ଘୃଣା କରୁଛନ୍ତି। କାରଣ ଆମ ମୁରବିମାନେ ତାଙ୍କୁ ସେଇଭଳି ଶିକ୍ଷା ଦେଉଛନ୍ତି।

ଆମ ସମାଜର ମୁରବିମାନେ ସେଥିରେ ଚିନ୍ତିତ ନୁହନ୍ତି। ପୁଅ ରାତିଅଧରେ ଘରକୁ ମଦ ପିଇ ଆସିଲେ ମଧ୍ୟ ମା'ବାପା କହୁଛନ୍ତି ଆଜିକାଲି ସମାଜରେ ଏଇଟା ଚଳିଲାଣି ଆଉ ଆମେ ପୁରୁଣାକାଳିଆ ମନୋବୃତ୍ତି ନେଇ ତାକୁ ବିରୋଧ କଲେ କ'ଣ ହବ? ନବ୍ୟ ସଭ୍ୟ ସମାଜରେ ପାର୍ଟି ଫଙ୍କ୍‌ସନ ଗଲେ ପିଇବାକୁ ପଡ଼ିବ, ତେଣୁ ଏଥିରେ ଦୋଷ କୋଉଠି ରହିଲା? ପୁଅ ତା' ସ୍ତ୍ରୀକୁ ଛାଡ଼ି ଅନ୍ୟ ଝିଅଙ୍କ ସାଙ୍ଗରେ ବୁଲିଲେ ବି ଏପରି ଅଭିଭାବକ ଅଛନ୍ତି, କହୁଛନ୍ତି ଏଥିରେ ଖରାପ କ'ଣ ରହିଲା? ଚାକିରି ବାକିରି କଲେ ଏମିତି ଫ୍ରେଣ୍ଡ୍‌ଶିପ ହୁଏ। ମାତ୍ର ଏ ଉଦାରତା ଛାଡ଼ିଯାଏ, ଯେତେବେଳେ ପୁଅ ଗୋଟାଏ ସ୍ତ୍ରୀ ଥାଉଥାଉ ଆଉ ଗୋଟେ ଆଣି ସେଇ ମା'ବାପାଙ୍କ ଆଗରେ ଘରେ ରଖେ ଏବଂ ଘରେ ନିତି ମହାଭାରତ ହୁଏ।

ଆମେ ଏଠି ଅତି ପରମ୍ପରାପ୍ରବଣ ହେଉନାହୁଁ ବା ରକ୍ଷଣଶୀଳତା ସପକ୍ଷରେ ଯୁକ୍ତି ରଖୁନାହୁଁ। ମାତ୍ର ଅତି ଆଧୁନିକତା ନାମରେ ନିଜ ବଂଶ, ବୁନିଆଦି, ଜାତି, ଭାଷା, ସଂସ୍କୃତି, ନିଜ ପୋଷାକ, ଖାଦ୍ୟପେୟ, ନିଜ ଗୁରୁଜନ, ନିଜ ଠାକୁର, ନିଜ ମାତୃଭୂମିର ଅବମାନନା ମଧ୍ୟ ଗ୍ରହଣୀୟ ନୁହେଁ। ପାଣି ପବନର ଅତି ସଂସର୍ଗ ଲୁହାକୁ ଯେମିତି କଳଙ୍କିଗ୍ରସ୍ତ କରିଦିଏ, କାଠକୁ ଯେମିତି ଘୁଣଖିଆ କରିଦିଏ, ସେମିତି ଅନ୍ୟର ଭାଷା, ପୋଷାକ, ଖାଦ୍ୟପେୟ ସଂସ୍କୃତି ସେମିତି ଆମ ମୂଳପିଣ୍ଡକୁ କଳଙ୍କିଗ୍ରସ୍ତ କରି ନ ଦଉ! ଅନ୍ୟ ଜାତି ଓ ଧର୍ମର ପର୍ବପର୍ବାଣି ପାଳନ କରୁକରୁ ଆମ ଓଡ଼ିଆ ନବବର୍ଷ ଆମେ ଭୁଲିଗଲୁଣି। ସାବିତ୍ରୀ ବ୍ରତ ଛାଡି କଡ଼ୱା ଚୌଥ, ଖୁଦୁରୁକୁଣୀ ଛାଡ଼ି ଭାଇ ଦୁଜ, ରୁଦ୍ରାଭିଷେକ ଛାଡ଼ି ବୋଲ୍ ବମ ସଂସ୍କୃତିରେ ଏମିତି ପଶିଗଲାଣି ଯେ ଆମେ ସାବିତ୍ରୀ-ସତ୍ୟବାନ୍, ତଅପୋଇଙ୍କୁ ଭୁଲିଗଲୁଣି। ମଡର୍ନଟି ଆମ ମୁଣ୍ଡଟିକୁ ଖାଇଗଲାଣି। ପିତୃଶ୍ରାଦ୍ଧ ବେଳେ ଲୋକେ ନିଜ ଜେଜେବାପା ଜେଜେମାଆଙ୍କ ନା ଆଉ ମନେ ପକେଇ ପାରୁନାହାନ୍ତି। ସେମାନେ ଭାବୁଛନ୍ତି, ମନେରଖିବାର ଆବଶ୍ୟକତା ବୋଧେ ନାହିଁ। ଏ ଟ୍ରେଣ୍ଡ ଦେଖିଲେ ଭୟ ଲାଗୁଚି ଆମେ କୋଉଦିନ ଜଗନ୍ନାଥଙ୍କୁ ଭୁଲିଯାଉ, ଆଉ କୋଉ ଇମ୍ପୋର୍ଟେଡ ଠାକୁରଙ୍କୁ ଆଣି ସେ ସ୍ଥାନରେ ବସେଇବାର ଭୁଲ୍ କରିବାନି ତ! ଆମ ପରପିଢ଼ିକୁ ଈଶ୍ୱର ଏ ସଦ୍‌ବୁଦ୍ଧି ଦିଅନ୍ତୁ, ଆଉ ବେଶି ସଦ୍‌ବୁଦ୍ଧି ଦିଅନ୍ତୁ ଆମ ତଥାକଥିତ ଛଦ୍ମ ଉଦାରବାଦୀ ମୁରବିମାନଙ୍କୁ!

ମୋ: ୯୪୩୭୨୮୬୫୧୨
ମେଲ: ranjank.das.rkd@gmail.com

# ଧର୍ମ - ରିଲିଜିଅନ୍



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ସାଧାରଣତଃ ଆମେ ଇଂରାଜୀ 'ରିଲିଜିଅନ୍' ଶବ୍ଦକୁ 'ଧର୍ମ' ଶବ୍ଦର ପ୍ରତିଶବ୍ଦ ବୋଲି ବିଚାର କରିଥାଉ। ଏହା କିନ୍ତୁ ଶବ୍ଦର ଧାତୁଗତ ଅର୍ଥ ତଥା ବାସ୍ତବ ତାତ୍ପର୍ଯ୍ୟ ଦୃଷ୍ଟିରୁ ପ୍ରମାଦପୂର୍ଣ୍ଣ ବୋଲି ମନେହୁଏ। ଧର୍ମ କଥାଟି ଆସିଛି ସଂସ୍କୃତର 'ଧୃ' ଧାତୁରୁ ଯାହାର ଅର୍ଥ ଧାରଣ କରିବା। ଯେକୌଣସି ବସ୍ତୁକୁ ତାହାର ସମସ୍ତ ବୈଶିଷ୍ଟ୍ୟ ସହିତ ଯେଉଁ ତତ୍ତ୍ୱ ଧାରଣ କରିଥାଏ ତାହା ହିଁ ତା'ର ଧର୍ମ। ଯେପରି କି ୦°-୧୦୦° ଡିଗ୍ରୀ ତାପମାତ୍ରା ମଧ୍ୟରେ ଦୁଇଟି ହାଇଡ୍ରୋଜେନ୍ କଣିକା ଓ ଗୋଟିଏ ଅକ୍ସିଜେନ୍ କଣିକାର ମିଶ୍ରଣ ଘଟିଲେ ଜଳର ସୃଷ୍ଟିହୁଏ। ଏହାର ସାମାନ୍ୟ ବ୍ୟତିକ୍ରମ ହେଲେ, ଜଳ ଆଉ ଜଳ ହୋଇ ରହିବ ନାହିଁ। ତେଣୁ ଏହି ତତ୍ତ୍ୱକୁ ହିଁ ଜଳର ଧାରକ ବା ଧର୍ମ କୁହାଯାଇପାରେ। ସତ୍ୟାନୁସରଣରେ କୁହାଯାଇଛି- ଧର୍ମକୁ ଜାଣିବା ମାନେ ହିଁ ବିଷୟର ମୂଳ କାରଣକୁ ଜାଣିବା, ଆଉ ସେହି ଜାଣିବା ହିଁ ଜ୍ଞାନ। ଏହି ଦୃଷ୍ଟିରୁ ବିଚାର କଲେ ମାନବଧର୍ମ ଯାହାକୁ ଆମେ ସାଧାରଣତଃ ଧର୍ମ ବୋଲି କହିଥାଉ, ତାହାର ତାତ୍ପର୍ଯ୍ୟ ହେଲା- ଯେଉଁ ସମସ୍ତ ଆଚାର-ଆଚରଣ, ଖାଦ୍ୟ-ପାନୀୟ, ଦେହ-ମନର ବୈଶିଷ୍ଟ୍ୟ ମଣିଷକୁ ମଣିଷ କରି ରଖିଛି ତାହା ହିଁ ମାନବ ଧର୍ମ। ସେହିପରି ସ୍ନେହ, ପ୍ରୀତି, ଦୟା, କ୍ଷମା, ପାରସ୍ପରିକତା, ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ବାକ୍‌ଶକ୍ତି, ଉଦ୍ଭାବନ-କ୍ଷମତା ଇତ୍ୟାଦି ଗୁଣ ମଣିଷକୁ ପଶୁଠାରୁ ଭିନ୍ନ ଅର୍ଥାତ୍ ମାନବୀୟ ବୈଶିଷ୍ଟ୍ୟ ପ୍ରଦାନ କରିଛି। ଏଣୁ ମାନବ ଧର୍ମ କୌଣସି ଗୋଷ୍ଠୀ ବା ସମ୍ପ୍ରଦାୟ-ସାପେକ୍ଷ ନୁହେଁ, ଏହା ସମସ୍ତଙ୍କ ପାଇଁ ସମାନ। ଏହାର ପାଳନ ଯେତେ ଉନ୍ନତ ସେ ବ୍ୟକ୍ତି ମଣିଷ ହିସାବରେ ସେତେ ଉନ୍ନତ।

ଅପରପକ୍ଷରେ ଇଂରାଜୀର ରିଲିଜିଅନ୍ ଶବ୍ଦ ଆସିଛି, ଦୁଇଟି ଲାଟିନ୍ ଶବ୍ଦ 'ରି' (ପୁନଃ) ଏବଂ 'ଲିଗେୟାର' (ନିବନ୍ଧନ)ର ସନ୍ନିଶ୍ରଣରେ, ଯାହାର ଅର୍ଥ ହେଲା, ପୁନଃ ନିର୍ବନ୍ଧନ ଅର୍ଥାତ୍ ଯେଉଁ ଉତ୍ସ ପୁରୁଷଙ୍କଠାରୁ ଆମର ଜୀବନ ନିସୃତ ହୋଇଛି। (ଯାହାଙ୍କୁ ଈଶ୍ୱର, ଆଲ୍ଲା ବା ଗଡ୍ କୁହାଯାଏ) ତାଙ୍କ ସହିତ ପୁନଃ ନିବନ୍ଧିତ ହେବା। ବିଶ୍ୱାସ, ନିଷ୍ଠା, ଶ୍ରଦ୍ଧା, ଭକ୍ତି, ପୂଜା, ଅର୍ଚ୍ଚନା, ଧ୍ୟାନ, ଧାରଣା, ପଠନ-ପାଠନ ଇତ୍ୟାଦିକୁ ଅବଲମ୍ବନ କରି ଯେଉଁ ସମସ୍ତ ଉପାସନା ପଦ୍ଧତି ଅନୁସୃତ ହୁଏ ତାହାକୁ ହିଁ ରିଲିଜିଅନ୍ କହନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଆବିର୍ଭୂତ ମହାପୁରୁଷଙ୍କ ପ୍ରଦତ୍ତ ଉପାସନା ପଦ୍ଧତିକୁ କେନ୍ଦ୍ରକରି ବିଭିନ୍ନ ସମ୍ପ୍ରଦାୟ, ଯଥା- ହିନ୍ଦୁ, ବୌଦ୍ଧ, ଜୈନ, ମୁସଲମାନ, ଖ୍ରୀଷ୍ଟିଆନ ଇତ୍ୟାଦି ସୃଷ୍ଟି ହୋଇଛି। ତେଣୁ ସମ୍ପ୍ରଦାୟ ଭେଦରେ ରିଲିଜିଅନ୍ ବହୁ ହେଲେ ମଧ୍ୟ ଧର୍ମ କିନ୍ତୁ ଏକ ଏବଂ ସାର୍ବଜନୀନ ହୋଇଥାଏ। ଉଦାହରଣସ୍ୱରୂପ- ସୁଖାଦ୍ୟ ଗ୍ରହଣ କଲେ ଜଣେ ହିନ୍ଦୁର ଜୀବନ ସୁରକ୍ଷିତ ରହେ ଏବଂ ବିଷ ଭକ୍ଷଣ କଲେ ଜୀବନ ବିପନ୍ନ ହୁଏ। ଅନୁରୂପ ଭାବରେ ଜଣେ ମୁସଲମାନ ବା ଖ୍ରୀଷ୍ଟିଆନ କ୍ଷେତ୍ରରେ ମଧ୍ୟ ସେହି ପରିଣତି ହୋଇଥାଏ। ସେହିପରି ଦୟା, କ୍ଷମା ଇତ୍ୟାଦି ଗୁଣର ଆଚରଣରେ ଯେକୌଣସି ସମ୍ପ୍ରଦାୟର ଲୋକଙ୍କ ଜୀବନ ଉନ୍ନତ ହୁଏ ଏବଂ ହିଂସା, ଦ୍ୱେଷ, ନିଷ୍ଠୁରତା ଇତ୍ୟାଦିର ଆଚରଣରେ ସମସ୍ତଙ୍କ ଜୀବନ ନିମ୍ନଗାମୀ ହୋଇଥାଏ।



ତା'ଛଡ଼ା ରିଲିଜିଅନ୍ ମୁଖ୍ୟତଃ ମଣିଷର ଆଧାତ୍ମିକ ଜୀବନ ସହିତ ସଂଶ୍ଳିଷ୍ଟ ହୋଇଥିବା ବେଳେ ଧର୍ମ ତାହାର ସାମଗ୍ରିକ ଜୀବନ, ଅର୍ଥାତ୍ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ଜୀବନକୁ ଧରିରଖେ ଏବଂ ଉନ୍ନତି ପଥରେ ପରିଚାଳିତ କରେ। ସେହି ଦୃଷ୍ଟିରୁ ଧର୍ମକୁ ସେକ୍ୟୁଲାର(ସମ୍ପ୍ରଦାୟ ନିରପେକ୍ଷ) ଏବଂ ରିଲିଜିଅନ୍‌କୁ କମ୍ୟୁନାଲ୍ (ସାମ୍ପ୍ରଦାୟିକ) କହିବା ଉଚିତ ହେବ।

ଗଣତନ୍ତ୍ର ରାଷ୍ଟ୍ରକୁ ସେକ୍ୟୁଲାର ବା ସମ୍ପ୍ରଦାୟ ନିରପେକ୍ଷ ରାଷ୍ଟ୍ର କୁହଯାଏ। ରାଷ୍ଟ୍ରର ଧର୍ମ ହେଲା ତାହାର ସମ୍ବିଧାନ, ଯାହା ଉପରେ ରାଷ୍ଟ୍ର ତିଷ୍ଠି ରହିଥାଏ। ଆମ ସମ୍ବିଧାନରେ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ସତ୍ ଭାବରେ ବଞ୍ଚିବାର ଏବଂ ଉନ୍ନତି କରିବାର ମୌଳିକ ଅଧିକାରକୁ ନିଶ୍ଚିତ କରାଯାଇଛି। ତେଣୁ ଆମର ରାଷ୍ଟ୍ର ସମ୍ପ୍ରଦାୟ ନିରପେକ୍ଷ ହୋଇ ମଧ୍ୟ ସାର୍ବଜନୀନ ମାନବ ଧର୍ମର ରକ୍ଷକ, ଅର୍ଥାତ୍ ଏକ ଧର୍ମସାପେକ୍ଷ ରାଷ୍ଟ୍ର।

ଅତୀତରେ ଭାରତବର୍ଷରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ, ଜୈନ ଭଳି ଅନେକ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ମଧ୍ୟ ସାଧାରଣ ମାନବ ଧର୍ମର ବିଧିବିଧାନଗୁଡ଼ିକ ସମସ୍ତେ ନିଜର ତଥା ପରିବେଶର ମଙ୍ଗଳ ନିମନ୍ତେ ନିଷ୍ଠାର ସହିତ ପାଳନ କରୁଥିଲେ। କେହି କାହାରି ସାମ୍ପ୍ରଦାୟିକ ମର୍ଯ୍ୟାଦା ଉପରେ ହସ୍ତକ୍ଷେପ କରୁ ନ ଥିଲେ। ଏଣୁ ସମାଜରେ ପ୍ରୀତି ସଂହତିର ଅଭାବ ନ ଥିଲା। ଧର୍ମ ହିଁ ନିଶ୍ଚିତ କରିଥିଲା ବିଭିନ୍ନତା ମଧ୍ୟରେ ଏକତ୍ୱର ଆଦର୍ଶ, ଯାହା ଭାରତବର୍ଷର ମହାନ୍ ଐତିହ୍ୟ ହୋଇ ଆସିଛି।

ସର୍ବପ୍ରଥମେ ବ୍ରିଟିଶ ଶାସକ ଗୋଷ୍ଠୀ ଧର୍ମ ଏବଂ ରିଲିଜିଅନ୍‌କୁ ଏକାର୍ଥବୋଧକ ବୋଲି ଶିକ୍ଷା ଦେଲେ ଏବଂ ଧର୍ମର ଉଦାର, ସାର୍ବଜନୀନ ରୂପକୁ ବିକୃତ କରି ସାମ୍ପ୍ରଦାୟିକତା ସହିତ ଏକାକାର କରିଦେଲେ। ଶାସନର ସ୍ୱାର୍ଥ ଦୃଷ୍ଟିରୁ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଏବଂ ବିଭେଦର ବୀଜ ରୋପଣ କରିଲେ। ଫଳରେ ଲୋକଙ୍କର ସାର୍ବଜନୀନ ଧର୍ମ ଜୀବନ ରସାତଳଗାମୀ ହେଲା, ଯାହାର ପରିଣାମ ହେଲା ଦେଶ ବିଭାଜନ ଏବଂ ସାମ୍ପ୍ରଦାୟିକ ବିଦ୍ୱେଷ, ଯାହା ଆଜି ଦେଶବାସୀଙ୍କୁ ଭୋଗିବାକୁ ପଡୁଛି। ତେଣୁ ଦେଶ ଏବଂ ଜାତିର ମଙ୍ଗଳ ନିମନ୍ତେ ଧର୍ମକୁ ରିଲିଜିଅନ୍ ବା ସାମ୍ପ୍ରଦାୟିକତାଠାରୁ ମୁକ୍ତ କରିବାକୁ ପଡ଼ିବ ଏବଂ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକଙ୍କ ଧର୍ମ ଜୀବନକୁ ଉନ୍ନତ କରିବାକୁ ପଡ଼ିବ। କେବଳ ପଠନ-ପାଠନ, ପୂଜା-ଅନୁଷ୍ଠାନ ମଧ୍ୟରେ ଧର୍ମକୁ ସୀମିତ ନ ରଖି ଲୋକଙ୍କ ବାସ୍ତବ କର୍ମ ଜୀବନରେ ଧର୍ମର ବିଧି ବିଧାନକୁ ଆଚାର-ଆଚରଣ ମାଧ୍ୟମରେ ଫଳପ୍ରସୂ କରିବାର ପ୍ରୟାସ କରିବାକୁ ପଡ଼ିବ। ଧର୍ମକୁ ଜୀବନରେ ବାସ୍ତବାୟିତ କରିବାକୁ ହେଲେ ଏଭଳି ଜଣେ ବ୍ୟକ୍ତିଙ୍କୁ ଶ୍ରଦ୍ଧାର ସହିତ ଜୀବନରେ ଅନୁସରଣ କରିବାକୁ ହେବ, ଯିଏ ଧର୍ମର ବିଧିବିଧାନଗୁଡ଼ିକୁ ନିଜ ଜୀବନରେ ବାସ୍ତବାୟିତ କରିପାରିଛନ୍ତି। ତାଙ୍କୁ ହିଁ କହନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ ବା ଗୁରୁ। ତେଣୁ ପ୍ରାଚୀନ କାଳରୁ ଗୁରୁକେନ୍ଦ୍ରିକ ଜୀବନ ଭାରତୀୟ ସଂସ୍କୃତିର ମାନଦଣ୍ଡ ହୋଇ ଆସିଛି। ଆଜିର ଧ୍ୱଂସମୁଖୀ ସମାଜକୁ ବଞ୍ଚିବାକୁ ହେଲେ, ସେହି ପଥକୁ ଫେରିବାକୁ ପଡ଼ିବ।

ମୋ-୯୪୩୭୨୮୭୯୬୪

## ଏଇ ଭାରତରେ

ସାଫ୍ରୋନକୁ ରେଡ୍ ଗୋଲ୍ଡ କୁହାଯାଏ। ଏହାର ମୂଲ୍ୟ ଅଧିକ। ଏହା ମୁଖ୍ୟତଃ କଶ୍ମୀର ମାଟିରେ ଅଧିକ ଚାଷ ହୋଇଥାଏ। ତେବେ ଘର ଭିତରେ ସାଫ୍ରୋନ ଚାଷ କରିବା କଷ୍ଟକର ହୋଇଥିଲେ ମଧ୍ୟ ଗୁଜରାଟର ଦୁଇ ଇଞ୍ଜିନିୟର ଏଥିରେ ସଫଳ ହୋଇଛନ୍ତି। ସୁଭାଷ କାନେଟିୟା ଓ ଅଶିଷ ବାଭାଲିୟା ଇଞ୍ଜିନିୟରିଂ ପଢ଼ିବା ପରେ ଘର ଭିତରେ ସାଫ୍ରୋନ ଚାଷ କରିବାକୁ ଯୋଜନା କରିଥିଲେ। ସୁଭାଷ ବାୟୋଟେକ୍ନୋଲୋଜି ଓ କୃଷିରେ ଏବଂ ଆଶିଷ କୃଷି ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ୟୁଟ୍ୟୁବ୍‌ରୁ ଏହି ଚାଷ ସମ୍ପର୍କିତ କୌଶଳ ଓ ଜ୍ଞାନ ହାସଲ କରିବା ପରେ ଏ ସମ୍ପର୍କରେ ଗବେଷଣା କରିଥିଲେ। ପ୍ରଥମେ ୨୦୨୨ରେ ଏହି ଚାଷ ଆରମ୍ଭ କରିଥିଲେ ଏବଂ ଆମରେଲିରେ ଥିବା ଆଶିଷଙ୍କ ଫାର୍ମରେ ୫୦ ବର୍ଗଫୁଟ ଜାଗାରେ ଏହା କରାଯାଇଥିଲା। ଏବେ ୨୧୬ ବର୍ଗଫୁଟ ଜାଗାରେ ଚାଷ କରାଯାଉଛି। ସେମାନେ ଏହି ଚାଷରୁ ଉତ୍ପାଦିତ ସାଫ୍ରୋନ କେଜି ପ୍ରତି ୯ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ସେମାନେ ୨୦୨୩ରେ ହାଇଟେକ୍ ଏଗ୍ରିବାୟୋଟେକ୍ କମ୍ପାନୀ ପ୍ରତିଷ୍ଠା କରି ଘରଭିତରେ ସାଫ୍ରୋନ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୭୬

- ପ୍ରବଳ ଘୂର୍ଣ୍ଣିଝଡ଼ ଫଳରେ ବାଂଲାଦେଶର ୩ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିବା ସଙ୍ଗେ ସଙ୍ଗେ ଅନ୍ୟୁନ ୫୦ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଆଲାହାବାଦଠାରେ ଅନୁଷ୍ଠିତ ଏକ ପୁନର୍ମିଳନ ଉତ୍ସବରେ ସଂଗଠନ କଂଗ୍ରେସର ୭ ହଜାର କର୍ମୀଙ୍କ ସହ ବହୁ ପ୍ରବୀଣ ନେତା କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି।
- ଗୁଜରାଟରେ ପୂର୍ବତନ ଜନତା ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ସଦସ୍ୟ ଥିବା ହରିଜନ ନେତା ଶ୍ରୀ କର୍ଷନ ଦାସ ସୋନେରୀଙ୍କ କଂଗ୍ରେସ ଦଳରେ ଯୋଗଦାନ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି।
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢୁ

ମହାଶୟ,

ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହୁ ଦିନ ଲାଗିଯାଉଛି। ଅଯଥା ସମୟ ନିଆଯାଉଛି। ଏପରିକି ଏମ୍‌ଆରଆଇ, ସିଟିସ୍କାନ୍ ଏବଂ ଅଲ୍ଟ୍ରାସାଉଣ୍ଡ ପରୀକ୍ଷା କରିବାକୁ ଧାଡ଼ିରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏପରି ଭିଡ଼ରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ। ଏ କ୍ଷେତ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ବହୁ ଦୂରରୁ ଆସୁଥିବା ରୋଗୀମାନେ ନିରାଶ ଓ ହନ୍ତସନ୍ତ ହେଉଛନ୍ତି। ପ୍ରଚଣ୍ଡ ଖରାରେ ଯନ୍ତ୍ରଣା ପାଉଛନ୍ତି। ସେହିପରି ପରୀକ୍ଷା ସମ୍ପର୍କିତ ରିପୋର୍ଟ ମିଳିବା ବିଳମ୍ବ ହେଉଛି। ତୁରନ୍ତ ଅଧିକ ସଂଖ୍ୟାରେ ପରୀକ୍ଷା କେନ୍ଦ୍ର ଖୋଲାଯାଇ ସମସ୍ୟାର ସମାଧାନ କରାଯାଉ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମୃଦ୍ଧ ଓଡ଼ିଶାକୁ ସାକାର କରିବ ଆୟୁଷ୍ମାନ ଭାରତ



ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, ସଂସଦୀୟ ବ୍ୟାପାର ବିଭାଗ, ଓଡ଼ିଶା ସରକାର

"ଆରୋଗ୍ୟମ୍ ପରମଂ ଭାଗ୍ୟଂ ସ୍ୱାସ୍ଥ୍ୟଂ ସର୍ବାର୍ଥସାଧନମ୍" ଆମ ଶାସ୍ତ୍ର କୁହେ, ସୁସ୍ଥ ରହିବା ହେଉଛି ପରମ ସୌଭାଗ୍ୟ। ସୁସ୍ଥ ବ୍ୟକ୍ତି ଦ୍ୱାରା ସମସ୍ତ କାର୍ଯ୍ୟର ସିଦ୍ଧି ହୋଇଥାଏ। ସୁସ୍ଥ ମଣିଷରୁ ସମୃଦ୍ଧ ସମାଜର ପରିକଳ୍ପନା କରାଯାଇପାରିବ, ତେଣୁ ବିକଶିତ ରାଷ୍ଟ୍ର ହେବା ଅଭିମୁଖେ ଅଗ୍ରସର ହେଉଥିବା ଆମ ଦେଶର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତାକୁ ଅନୁଭବକରି ସ୍ୱାଧୀନତାର ଅମୃତ କାଳଖଣ୍ଡରେ ୨୦୪୭ ସୁଦ୍ଧା ବିଶ୍ୱ ଦରବାର ଆଗରେ ବିକଶିତ ଭାରତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ, ଅଦ୍ୱିତୀୟ ଜନନାୟକ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୂରଦୃଷ୍ଟିସମ୍ପନ୍ନ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଅପାର ସମ୍ଭାବନାଯୁକ୍ତ ଆମ ଓଡ଼ିଶାରେ ଇତିମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ହେବାପରେ ରାଜ୍ୟ ପ୍ରତିଷ୍ଠାର ଶତାବ୍ଦୀ ବର୍ଷ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ କରିବା ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନୂଆମୋଡ଼ ଆଣିଛନ୍ତି। ଆମ ସଙ୍କଳ୍ପପତ୍ର ଅନୁସାରେ ସାଧାରଣ ଜନତାର ସଞ୍ଜୀବନୀ ସ୍ୱରୂପ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ରାଜ୍ୟରେ ଏକ ସାଙ୍ଗରେ ଲାଗୁହୋଇଛି। ସୁସ୍ଥ ଓଡ଼ିଶାରୁ ହିଁ ସମୃଦ୍ଧ ଓଡ଼ିଶାର କଳ୍ପନା ସମ୍ଭବ। ତେଣୁ ସମୃଦ୍ଧତାର ସ୍ୱପ୍ନ ଦେଖୁଥିବା ଓଡ଼ିଶା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି ଯୋଜନା ମାଧ୍ୟମରେ ଆମ ସରକାର ପ୍ରତ୍ୟେକଟି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ।

ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର ୧.୩ କୋଟି ପରିବାରର ସାଢ଼େ ୩ କୋଟିରୁ ଅଧିକ ଲୋକ ଉପକୃତ ହେବେ। ଦେଶସାରା ଯେଉଁଠି ଥିଲେ ମଧ ପ୍ରାୟ ୨୯ ହଜାର ହସ୍ପିଟାଲରେ ଏହାର ସୁବିଧା ମିଳିବ। ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ସହ ପରିବାର ପିଛା ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ଲାଗି ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର। ବରିଷ୍ଠ ନାଗରିକମାନଙ୍କ ପାଇଁ ଚିନ୍ତାଶୀଳ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କୁ ଏହି ଯୋଜନାରେ ପରିବାର ପିଛା ଅତିରିକ୍ତ ୫ ଲକ୍ଷ ଦେୟମୁକ୍ତ ସୁବିଧା ମିଳିବ। ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ଆରମ୍ଭକରି ଆୟକରଦାତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୧୭,୩୨,୫୬୯ ପରିବାରର ୨୩,୧୨,୯୭୯ ଲୋକ ଲାଭବାନ୍ ହେବେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ, ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ, ନବୀନ କାର୍ଡ ମାଧ୍ୟମରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ସମସ୍ତ ଲୋକଙ୍କ ସହ ଆଉ ଅତିରିକ୍ତ ୬ଲକ୍ଷ ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯିବ। ଆର୍ଥିକ ସମସ୍ୟା ପାଇଁ ସାଧାରଣ ଜନତା ହସ୍ପିଟାଲରୁ ଫେରିଆସି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ ନାହିଁ। ସ୍ୱାସ୍ଥ୍ୟ ସେବା ପାଇଁ ଅର୍ଥ ବାଧକ ହେବ ନାହିଁ, ସମାଜ ଶେଷ ସ୍ତରରେ ଥିବା ବ୍ୟକ୍ତି ପାଖରେ ଆୟୁଷ୍ମାନ ଭାରତ ଯୋଜନା ପହଞ୍ଚାଇବା ଲାଗି ଆମେ ବଦ୍ଧପରିକର।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନାର କାର୍ଡ ବଣ୍ଟନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜନସେବା କେନ୍ଦ୍ର ଓ ୪୮,୦୦୦ ଆଶାକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗୋଟିଏ ବ୍ୟକ୍ତି ଗୋଟିଏ କାର୍ଡ ଆଧାରରେ ଆଶାକର୍ମୀମାନେ ଘରକୁ ଘର ଯାଇ ଇ-କେୱାଇସି ମାଧ୍ୟମରେ କାର୍ଡ ବଣ୍ଟନ କରିବେ। ଏହା ସାରା ଦେଶର ଅନୁବନ୍ଧିତ ହସ୍ପିଟାଲ ପାଇଁ କାର୍ଯ୍ୟ କରିବ, ଯାହା ଦ୍ୱାରା ରାଜ୍ୟ ବାହାରେ ଥିବା ଲୋକଙ୍କ ଲାଗି ଚିକିତ୍ସା ସୁବିଧା ପାଇବାରେ ଅସୁବିଧା ହିଁ ନାହିଁ। କୌଣସି କାରଣବଶତଃ କାହା ପାଖରେ କାର୍ଡ ନ ଥିଲେ ନିଜର ଆଧାର କାର୍ଡ ଦେଖାଇ ସ୍ୱାସ୍ଥ୍ୟସେବା ପାଇପାରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଏସ୍‌ଓପି ମଧ ଜାରି ହୋଇଛି। ଏହାକୁ ଆଧାରକରି ଅନୁବନ୍ଧିତ ହସ୍ପିଟାଲଗୁଡ଼ିକ ଚିକିତ୍ସା ପ୍ରଦାନ କରିବେ। ଏହି ଚିକିତ୍ସା ସୁବିଧା ପାଇଁ ପ୍ରସ୍ତୁତ ହୋଇଥିବା ନୂଆ ଆଇଟି ପ୍ଲାଟଫର୍ମରେ ଯଦି କିଛି ସମସ୍ୟା ଉପୁଜିଲା, ଏହାକୁ ବାହାନା କରି କୌଣସି ହିତାଧିକାରୀ ଯେପରି ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଆମ ସରକାର ଗୁରୁତ୍ୱ ଦେଇଛନ୍ତି। ଏହା ସର୍ବ ଭାରତୀୟ ଆଇଟି ପ୍ଲାଟ୍‌ଫର୍ମରେ ମଧ ଅନ୍‌ବୋର୍ଡ ରହିଛି। ସମସ୍ତେ ନୂଆ ସ୍ୱାସ୍ଥ୍ୟ କାର୍ଡ ପାଇବା ପୂର୍ବରୁ ଯଦି କାହାର କୌଣସି ଅସୁବିଧା ହେଲା ଆଧାର କାର୍ଡ ମାଧ୍ୟମରେ ନିର୍ଦ୍ୱନ୍ଦ୍ୱରେ ଚିକିତ୍ସା ପାଇପାରିବେ। ଆଗାମୀ ତିନିମାସ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ପାଖକୁ କାର୍ଡ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ସଙ୍କଳ୍ପବଦ୍ଧ।

ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ନେତୃତ୍ୱରେ ଆର୍ଥିକ ଦୁର୍ବଳ ଥିବା ଲୋକଙ୍କୁ ଆର୍ଥିକ ନିରାପତ୍ତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଲକ୍ଷ୍ୟକୁ ସରକାରଙ୍କ ଦ୍ୱାରା ୨୦୧୮ ମସିହା ସେପ୍ଟେମ୍ବର ମାସରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଥିଲା। ନିଜସ୍ୱ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଗରିବ ଲୋକଙ୍କୁ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବିଗତ ସରକାର ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ରାଜ୍ୟରେ ଆୟୁଷ୍ମାନ ଯୋଜନା ଜାଣିଶୁଣି ଲାଗୁ କରି ନ ଥିଲେ। ତେବେ ଏହା ପଛରେ ତାଙ୍କର ମନ୍ଦ ଉଦ୍ଦେଶ୍ୟ ଥିଲା। କାଳେ ନିଜର ଭୋଟ ବ୍ୟାଙ୍କ୍ କମିଯିବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକେ ସବୁ ଶ୍ରେୟ ଦେଇଦେବେ, ସେଇ ଭୟ ଗତ ସରକାରଙ୍କୁ ଘାରିଥିଲା। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନ ହେବା ଯୋଗୁ ଗତ ୫ ବର୍ଷରେ ରାଜ୍ୟ ୩ ହଜାର କୋଟି କ୍ଷତି ସହିବା ଘଟଣା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପ୍ରତି ପୂର୍ବ ସରକାରଙ୍କ ହୀନ ମାନସିକତାର ପରିଚୟ। ତେବେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡବଲ ଇଞ୍ଜିନ ସରକାରର ମଙ୍ଗ ଧରିବା ପରେ ଧରାଶାୟୀ ହୋଇପଡ଼ିଥିବା ସ୍ୱାସ୍ଥ୍ୟାବସ୍ଥାର ବିକଳ ଚିତ୍ର ସଜାଡ଼ିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗତ ସରକାର ଯାହା କରିପାରି ନ ଥିଲା ୧୦ ମାସରେ ଆମ ସରକାର ତାହା କରି ଦେଖେଇଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ ଗତ ଏପ୍ରିଲ ୧୧ ତାରିଖରେ ରାଜ୍ୟର ୧୪୦୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହେବା ଫଳରେ ଓଡ଼ିଶାବାସୀଙ୍କ ପାଇଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ପୂରଣ ହୋଇଛି। ଆୟୁଷ୍ମାନ କାର୍ଡ ଅଧୀନରେ କ୍ୟାନ୍‌ସର, ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ ପରି ଗୁରୁତର ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯାହା ଦ୍ୱାରା ରୋଗୀମାନେ ବିନା ଖର୍ଚ୍ଚରେ ଉନ୍ନତମାନର ଚିକିତ୍ସା ପାଇପାରିବେ। ଏହି କାର୍ଡ ମାଧ୍ୟମରେ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇପାରିବ। ଏହା ବ୍ୟତୀତ, ଔଷଧ, ଡାଇଗ୍ନୋଷ୍ଟିକ୍ସ ଓ ଅନ୍ୟାନ୍ୟ ସେବା ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆୟୁଷ୍ମାନ ଭାରତ ଆସ୍ୟୁରାନ୍ସ ଅଟେ। ପୂର୍ବ ଯୋଜନାରେ ଗୋଟିଏ ପରିବାରକୁ ଗୋଟିଏ କାର୍ଡ ମିଳୁଥିଲା କିନ୍ତୁ ଏବେ ଜଣେ ବ୍ୟକ୍ତି ଗୋଟିଏ କାର୍ଡ ପାଇବେ, ଯାହା ଫଳରେ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ଦେଶର ବିଭିନ୍ନ ସ୍ଥାନରେ ଏକ ସାଙ୍ଗରେ ଚିକିତ୍ସା ସୁବିଧା ପାଇପାରିବେ। ପୂର୍ବ ସରକାରର ଯୋଜନା କେବଳ ରାଜ୍ୟ ଓ ରାଜ୍ୟ ବାହାରେ ହାତଗଣତି ସର୍ବମୋଟ ୯୦୦ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା ବେଳେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ କଶ୍ମୀରରୁ କନ୍ୟାକୁମାରୀ ଦେଶର ସମସ୍ତ ସ୍ଥାନରେ ୨୯,୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତ ସାସ୍ଥ୍ୟସେବା ଯୋଜନା ହୋଇଥିବାରୁ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାରେ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ।

"ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା"କୁ ଆଧାରକରି ମାଲକାନଗିରିରୁ ମୟୂରଭଞ୍ଜ, କେନ୍ଦ୍ରାପଡ଼ାରୁ ନୂଆପଡ଼ା ସମସ୍ତ ରାଜ୍ୟବାସୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବାକୁ ଆମେ ଉଦ୍ୟମରତ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମାଧ୍ୟମରେ ସମସ୍ତଙ୍କର ସୁସ୍ଥ ଓ ସୁଖଦ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବର୍ତ୍ତମାନ ବ୍ୟବସ୍ଥା ନିର୍ମାଣ ଚାଲିଛି। ସୁସ୍ଥତାରୁ ସମୃଦ୍ଧତା ଦୃଷ୍ଟିକୋଣକୁ ପାଥେୟକରି ସୁସ୍ଥ ଓଡ଼ିଶାରୁ ହିଁ ସମୃଦ୍ଧ ଓଡ଼ିଶା ଗଠନ ପରିକଳ୍ପନାର ସାକାର ହୋଇପାରିବ, ତେଣୁ ସମସ୍ତଙ୍କର ସୁଖୀ ଓ ରୋଗମୁକ୍ତ ଜୀବନ କାମନା ପାଇଁ ଆମ ସରକାର କାର୍ଯ୍ୟରତ।

**ପ୍ରଥମ ପୃଷ୍ଠାରୁ**

## ରାଜ୍ୟପାଳ ଅଲୋଡ଼ା...

ଆନିମଲ୍ ସାଇନ୍ସେସ୍ ୟୁନିଭର୍ସିଟି (ଆମେଣ୍ଡମେଣ୍ଟ) ଆକ୍ଟ ଏବଂ ତାମିଲନାଡୁ ୟୁନିଭର୍ସିଟିଜ୍ ଲଜ୍ (ସେକେଣ୍ଡ ଆମେଣ୍ଡମେଣ୍ଟ) ଆକ୍ଟ-୨୦୨୨। ନବପ୍ରଣୀତ ଆଇନ ବଳରେ ତାମିଲନାଡୁ ସରକାର ରାଜ୍ୟର ୧୮ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରିପାରିବେ। ପୂର୍ବରୁ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଥିବା ରାଜ୍ୟପାଳଙ୍କ ହାତରେ ଏହି ନିଯୁକ୍ତି କ୍ଷମତା ରହିଥିଲା। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଓ ରାଜ୍ୟପାଳ ରବି ମୁହାଁମୁହିଁ ହୋଇଥିଲେ। ତେବେ ଗତ ମଙ୍ଗଳବାର ସୁପ୍ରିମକୋର୍ଟ ରାଜ୍ୟପାଳ ରବିଙ୍କୁ ଭର୍ତ୍ସନା କରି ଏଗୁଡ଼ିକ ଆଇନରେ ପରିଣତ ହେବ ବୋଲି ସ୍ପଷ୍ଟ ରାୟ ଦେବା ପରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଏହାକୁ ଏକ ଐତିହାସିକ ନିଷ୍ପତ୍ତି ଭାବେ ଅଭିହିତ କରିଥିଲେ। ଏହା କେବଳ ତାମିଲନାଡୁର ନୁହେଁ, ବରଂ ଭାରତର ସମସ୍ତ ରାଜ୍ୟ ସରକାରଙ୍କ ବିଜୟ ବୋଲି ଷ୍ଟାଲିନ୍ କହିଥିଲେ। ଏକ ବିଧେୟକ ବିଧାନସଭାରେ ଦ୍ୱିତୀୟ ଥର ପାଇଁ ପାରିତ ହେଲେ ରାଜ୍ୟପାଳ ତାକୁ ଅନୁମୋଦନ କରିବାକୁ ବାଧ ବୋଲି ସାମ୍ବିଧାନିକ ନିୟମ ରହିଥିବା ସତ୍ତ୍ୱେ ରାଜ୍ୟପାଳ ଜାଣିଶୁଣି ବିଳମ୍ବ କରିଚାଲିଥିଲେ ବୋଲି ଷ୍ଟାଲିନ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ସମାଲୋଚନା କରିଥିଲେ। ଶନିବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ତଥା ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଆଇନଜୀବୀ ପି. ୱିଲ୍‌ସନ କହିଛନ୍ତି, ଭାରତର ପ୍ରଥମ ଥର ପାଇଁ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ସ୍ୱାକ୍ଷରରେ ଆଇନ ପରିଣତ ହୋଇ ଇତିହାସ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ବଳରେ ଏହା ସମ୍ଭବ ହୋଇଛି ବୋଲି ୱିଲ୍‌ସନ ଟୁଇଟ୍ କରିଛନ୍ତି।

## ସମ୍ମତି ପାଇଁ ରାଷ୍ଟ୍ରପତିଙ୍କୁ ...

ବିଧେୟକକୁ ରାଷ୍ଟ୍ରପତି ଗ୍ରହଣ କରିବା ଦିନଠାରୁ ୩ ମାସ ଭିତରେ ତା' ଉପରେ ସମ୍ମତି ଦେବେ ବୋଲି ଆମେ ସମୟସୀମା ସ୍ଥିର କରୁଛୁ। ରାଷ୍ଟ୍ରପତି ଏହି ଅବଧି ମଧ୍ୟରେ ବିଧେୟକ ଉପରେ ନିଷ୍ପତ୍ତି ନ ନେଲେ ତାଙ୍କୁ ବିଳମ୍ବ ହେବାର ଉପଯୁକ୍ତ କାରଣ ରେକର୍ଡରେ ଦର୍ଶାଇବାକୁ ପଡ଼ିବ। ଏପରି କି ରାଷ୍ଟ୍ରପତି ଏନେଇ ସମ୍ପୃକ୍ତ ରାଜ୍ୟକୁ ମଧ ଅବଗତ କରାଇବେ। ରାଜ୍ୟଗୁଡ଼ିକ ମଧ ସମନ୍ୱୟ ରକ୍ଷା ପୂର୍ବକ ସହଯୋଗୀ ହୋଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତର ତୁରନ୍ତ ଦେବେ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

## ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ...

କାର୍ଯ୍ୟକଳାପ ଏବଂ ନିଯୁକ୍ତି ସୃଷ୍ଟିରେ ପୋଷାକ ଶିଳ୍ପର ବଡ଼ ଭୂମିକା ରହିଥିବାବେଳେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପୋଷାକ ରପ୍ତାନିକାରୀ ବାଂଲାଦେଶ ଉପରେ ଆମେରିକା ୩୭ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ଲଗାଇଛି। ଏହା କାର୍ଯ୍ୟକାରୀ ହେଲେ ୨୦୨୯ ସୁଦ୍ଧା ଆମେରିକାକୁ ବାଂଲାଦେଶର ବାର୍ଷିକ ରପ୍ତାନି ୩.୩ ବିଲିୟନ ଡଲାର କ୍ଷତି ସହିପାରେ ବୋଲି ପାମେଲା କହିଛନ୍ତି।

## ଅହଂକାର ରଖନି, ...

ଭାଜପା କର୍ମୀ ଏବଂ ନେତାଙ୍କ ପରିଶ୍ରମ ଓ ଶୃଙ୍ଖଳା ସହ ଦେଶବାସୀଙ୍କ ଭରସା ଓ ଆଶୀର୍ବାଦ ଯୋଗୁ ୧୯ଟି ରାଜ୍ୟରେ ଏନ୍‌ଡିଏ ସରକାର ଅଛି। ଏହି ୧୯ଟି ରାଜ୍ୟରୁ ୧୩ଟି ରାଜ୍ୟରେ ଭାଜପାର ଏକାକୀ ସରକାର ରହିଛି। ବିଧାୟକ ଓ ସାଂସଦମାନେ ସବୁବେଳେ କିଛି ନୂଆ କଥା ଶିଖିବା ଉଚିତ୍। ଏହା ଦ୍ୱାରା ଦଳର ଉନ୍ନତି ହେବା ସହ ସଫଳତା ମିଳିପାରିବ ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ନିଜ ବକ୍ତବ୍ୟରେ କହିଛନ୍ତି।

## ସୁଟ୍‌କେସ୍‌ରେ ଗର୍ଲଫ୍ରେଣ୍ଡ...

ମିଳିଥିଲା। ଏହା ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀ ଓ ଅନ୍ୟ ଛାତ୍ରମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଏବଂ ସୁରକ୍ଷା କର୍ମୀମାନେ ଏହି ଦୃଶ୍ୟର ଭିଡିଓ ରେକର୍ଡ କରିଥିଲେ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## କକାଙ୍କ ମୁଣ୍ଡ ...

ସମ୍ପର୍କରେ କକା, ପୁତୁରା। ହରିଙ୍କ ଘର ପାଖରେ ଅଭିଯୁକ୍ତ କବି ଏକ ଜବରଦଖଲ ଜମିରେ ଘର କରିଛନ୍ତି। ଏନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଶୁକ୍ରବାର ରାତିରେ ଗାଁରେ ଦଣ୍ଡନାଚ ଚାଲିଥିବା ବେଳେ କବି କାକାଙ୍କୁ କୌଣସି ବାହାନାରେ ବାହାରକୁ ଡାକି ଆଣି ଏକ କୁରାଢ଼ିରେ ଆକ୍ରମଣ କରିଥିଲେ। ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଇ କଟାମୁଣ୍ଡକୁ ଏକ ବ୍ୟାଗ୍‌ରେ ଧରି ଶୁଆକାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ସଦର ପୋଲିସ ଉକ୍ତ ଗ୍ରାମକୁ ଯାଇ ମୃତଦେହ ଜବତକରି ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଦନ୍ତ କରିଛି। ଅପରାଧ ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୧୭୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ କହିଛନ୍ତି, ଏକ ଜମି ଉପରେ ଘର କରିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତଙ୍କୁ ଗିରଫ ସହ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଜବତ କରାଯାଇ ତଦନ୍ତ ଜାରି ରହିଛି।

## ଭାଇଙ୍କୁ ତୀର ମାରି ହତ୍ୟା ...

ପିଇ ଦେଇଥିଲେ। ଖବରପାଇ ମହୁଲପଦା ପୋଲିସ ଓ ସାଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଗମିୟାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ସ୍ତ୍ରୀଙ୍କୁ କଟୁରିରେ ...

ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ। ହେଲେ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ଥାନାରେ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଙ୍କନିଧିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବାଙ୍କନିଧି ଜେଲରୁ ଜାମିନରେ ଆସିବା ପରେ ଲକ୍ଷ୍ମୀପ୍ରିୟାଙ୍କୁ ମାରିବାକୁ ଉଦ୍ୟମ କରୁଥିଲେ। ମଧ୍ୟାହ୍ନରେ ଲକ୍ଷ୍ମୀପ୍ରିୟା କଳାପଥର ସ୍ୱାସ୍ଥ୍ୟକେନ୍ଦ୍ରକୁ ଝିଅର ଚିକିତ୍ସା ପାଇଁ ଯାଇଥିଲେ। ପୂର୍ବ ରାଗ ରଖି ବାଙ୍କନିଧି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କଟୁରିରେ ହାଣିବାକୁ ଗଲାବେଳେ ଚୋଟଟି ସ୍ତ୍ରୀଙ୍କ ବେକରେ ନ ବାଜି କାଖରେ ଧରିଥିବା ୩ ବର୍ଷର ଝିଅ ମୁଣ୍ଡରେ ବାଜିଥିଲା। ରକ୍ତାକ୍ତ ଅବସ୍ଥାରେ ଝିଅକୁ ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ପୋଲିସ ଉଭୟ ଝିଅ ଓ ମା'ଙ୍କୁ ଥାନାକୁ ନେଇ ରଖିଛି। ଲକ୍ଷ୍ମୀପ୍ରିୟାଙ୍କ ଏତଲା ଆଧାରରେ ପୋଲିସ ନଂ. ୬୮/୨୫ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ଘଟଣା ଘଟାଇ ଅଭିଯୁକ୍ତ ବାଙ୍କନିଧି ଗିରଫ ଭୟରେ ଫେରାର ହୋଇଯାଇଛନ୍ତି ବୋଲି ଆଇଆଇସି ପ୍ରଭାକର ନାୟକ କହିଛନ୍ତି।




Kia Syros
Evolved by the future

At Kia, safety isn't just a feature, it's our promise. The new Syros raises the bar with a bold design, cutting-edge technology, state-of-its-kind features and advanced safety. And now with a 5-star BNCAP rating, it goes on to prove that the new Syros is not just built to impress, but is a complete package.

Enhanced Protection — Safety, reimagined
ADAS~ Level 2.0 | 6 Airbags Standard | Robust 20 Standard Safety Features | Smart Dashcam with Dual Camera | 360 Degree Camera with Blind View Monitor

Innovative Technology — Future, reimagined
Dual Pane Panoramic Sunroof
FIRST-IN-SEGMENT: 2nd Row Seat Reclining & Sliding with Seat Ventilation (Seats Only)
BEST-IN-SEGMENT: 76.20 cm (30") Trinity Panoramic Display Panel
FIRST-IN-SEGMENT: Kia Connect 2.0** with Over-the-Air (OTA) Software Updates and Other 80+ Connected Car Features
Harman Kardon Premium 8 Speakers Sound System
Electric Parking Brake with Auto Hold

Book now | Call 1800 108 5000 | 093195 91407 | Visit www.kia.com | Kia Syros

Terms & Conditions Apply. *Ex-showroom price all India. Segment is defined as vehicle with length between 3 990 mm – 3 999 mm and height - 1 680 mm. **Kia Connect 2.0 comes with 3 years free subscription. Kia Connect 2.0 features may vary depending on the variant, device compatibility, software and network availability in the vehicle. ~Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. The product & feature images shown in this advertisement are for representation purposes only. Color, features and specifications as shown may not be part of standard fitment and may vary or differ slightly depending on models/variants from the one shown in this advertisement. Model shown is subject to availability and may not be available across all variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, other details of any model as mentioned or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

FOR INFORMATION CONTACT: BHUBANESHWAR: CENTRAL KIA, PAHAL, PH: 7440002919, TRUPTI KIA, PATRAPADA, PH: 7064414001/ 7064414004/ 7064414005, PURI BYPASS ROAD, PH: 7064414001, GUGNANI KIA, PATIA, PH: 9777064777, 9124401544, BHAWANIPATNA: MAJESTY KIA, PH: 9124572956, CUTTACK: CENTRAL KIA, PH: 9237304769, ROURKELA: KRISHNA KIA, PH: 7852941723, BALASORE: BASANTI KIA, PH: 7077732182, BERHAMPUR: CENTRAL KIA, PH: 7440002919, SAMBALPUR: CENTRAL KIA, PH: 7440004263, ANGUL: CENTRAL KIA, PH: 7440002919, JEYPORE: MAJESTY KIA, PH: 9124572378, KEONJHAR: TRUPTI KIA, PH: 7064414005

INNOCEAN-018/25

**ସଂକ୍ଷେପରେ**

## ଏଟିଏମ୍ କାର୍ଡ ବଦଳାଇ ୫୦ ହଜାର ଲୁଟ

କଳିଙ୍ଗନଗର,୧୨।୪(ଶୁଭାଶିଷ ରାଉତ): ଦାନଗଦୀ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରେ ଜଣେ ଯୁବକଙ୍କ ୫୦ ହଜାର ଟଙ୍କା ଲୁଟ୍ ହୋଇଛି। ଜଣେ ବ୍ୟକ୍ତି ସାହାଯ୍ୟ କରିବା ବାହାନାରେ ଯୁବକଙ୍କ ଏଟିଏମ୍ କାର୍ଡ ବଦଳାଇ ଲୁଟ୍ କରିଛନ୍ତି। ଏନେଇ ଲୁଟ୍‌ର ଶିକାର ଯୁବକ କଳିଙ୍ଗନଗର ଥାନା କଇଥା ଗାଁର ଶ୍ରୀକାନ୍ତ ବାରିକ (୨୯) ଦାନଗଦି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚଳାଇଛି। ଶ୍ରୀକାନ୍ତ ଗତ ୧୦ ତାରିଖରେ ଦାନଗଦିରେ ଥିବା ତାଙ୍କ ଭଉଣୀ ଘରକୁ ଆସିଥିଲେ। ଅପରାହ୍ନ ୫ଟାରେ ଷ୍ଟେଟ ବ୍ୟାଙ୍କରେ ଥିବା ଏଟିଏମ କାଉଣ୍ଟରକୁ ଟଙ୍କା ଉଠାଇବାକୁ ଯାଇଥିଲେ। ଏଟିଏମ୍‌ରୁ ଟଙ୍କା ଉଠିବାରେ ବିଳମ୍ୱ ହୋଇଥିଲା। ସେଠାରେ ତାଙ୍କ ପଛରେ ଠିଆ ହୋଇଥିବା ଜଣେ ଯୁବକ ଭାଇ କ'ଣ ହୋଇଛି ଦେଖିବା କହି ତାଙ୍କ କାର୍ଡକୁ ନେଇ ଯାଇଥିଲେ। ତାହାକୁ ଏଟିଏମରେ ଭର୍ତ୍ତି କରି ଟଙ୍କା ନାହିଁ ବୋଲି କହି କାର୍ଡ ବଦଳାଇ ଦେଇଥିଲେ। ପରେ ଶ୍ରୀକାନ୍ତ ପାଖରେ ଥିବା ୟୁକୋ ବ୍ୟାଙ୍କକୁ ଜମାଟଙ୍କା ଚେକ କରିବା ପାଇଁ ଯିବାବେଳେ କାର୍ଡ ବଦଳ କଥା ଜାଣିବାକୁ ପାଇଥିଲେ। ଶ୍ରୀକାନ୍ତ ଆସି ଖୋଜିବାରୁ ତାଙ୍କୁ ପାଇ ନ ଥିଲେ। ସମ୍ପୃକ୍ତ ଯୁବକ ଶ୍ରୀକାନ୍ତଙ୍କ କାର୍ଡ ବଦଳାଇ ପଳାଇ ଯାଇଥିଲେ। କାର୍ଡର ରଙ୍ଗ ସମାନ ଥିବା ବେଳେ କାର୍ଡରେ ରବୀନ୍ଦ୍ର ଆଚାର୍ଯ୍ୟ ବୋଲି ନାଁ ଲେଖା ଯାଇଛି। ତେବେ ଶ୍ରୀକାନ୍ତ ଏହା ଜାଣି ଆକାଉଣ୍ଟ ବ୍ଲକ କରିବା ଭିତରେ ତାଙ୍କ ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ପାଞ୍ଚ ଥରରେ ୫୦ ହଜାର ଉଠାଯାଇଥିଲା।

## ଯୁବତୀଙ୍କ ଆତ୍ମହତ୍ୟା

ପାଣିକୋଇଲି,୧୨।୪(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଖମଣ ପଞ୍ଚାୟତ ନାଉଡ଼ପୁର ଗ୍ରାମର ଏକ ଭଡ଼ା ଘରେ ଜଣେ ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜେନାପୁର ଥାନା ଅଧୀନ ମର୍ଜିତାପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ଝିଅ ଗୀତାଞ୍ଜଳି ସାହୁ(୨୨)। ଏନେଇ ଯୁବତୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅପମୃତ୍ୟୁ ମାମଲା ନଂ.୧୨।୨୫ ରୁଜୁ କରି ତଦନ୍ତ ଚଳାଇଛି। ରବୀନ୍ଦ୍ରଙ୍କ ସହିତ କୌଣସି କାରଣରୁ ପରିବାରର କାହାର ପଡ଼ୁ ନ ଥିଲା। ଫଳରେ ରବୀନ୍ଦ୍ରଙ୍କ ସ୍ତ୍ରୀ ଓ ୨ ଝିଅ ନାଉଡ଼ପୁରରେ ଏକ ଘର ଭଡ଼ା ନେଇ ରହୁଥିଲେ। ଗୀତାଞ୍ଜଳି ଯାଜପୁର ରୋଡ୍‌ରେ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଥିଲେ। ମୋବାଇଲ କିଣାକୁ ନେଇ ୨ ଭଉଣୀ ପାଟିତୁଣ୍ଡ ଲାଗିଥିଲେ। ଫଳରେ ସାନ ଭଉଣୀ ଓ ମା'ଙ୍କ ଅନୁପସ୍ଥିତିରେ ଗୀତାଞ୍ଜଳି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ।

## ମା 'ଚଣ୍ଡୀଠାକୁରାଣୀଙ୍କ ବାର୍ଷିକ ଉତ୍ସବ

କାଳିଆପାଣି,୧୨।୪(ଅସିତ ମହାନ୍ତ): କାଳିଆପାଣି ଗ୍ରାମରେ ମା'ଚଣ୍ଡୀଠାକୁରାଣୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଦେବୀଙ୍କ ମୁଖ୍ୟ ପୂଜକ ଅର୍ଜୁନ ଦେହୁରୀ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ବୈଷ୍ଣବ ପ୍ରଧାନ, ପୀତବାସ ଦେହୁରୀ କାର୍ଯ୍ୟ ତୁଲାଇଥିଲେ। ଗ୍ରାମ ମୁଖିଆଙ୍କ ନେତୃତ୍ୱରେ ଶତାଧିକ ଲୋକେ କୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ଶଙ୍କର୍ଷଣ ଦେହୁରୀ, କୁମ୍ଭକର୍ଣ୍ଣ ଦେହୁରୀ, ଲକ୍ଷ୍ମଣ ପ୍ରଧାନ, ଶଶିବର ପ୍ରଧାନ, ଦୀନବନ୍ଧୁ ଦେହୁରୀ, ରାଜକିଶୋର ପ୍ରଧାନ ଓ ଶୁକଦେବ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବରୁଣେଶ୍ୱର ପୀଠ ସୌନ୍ଦର୍ଯ୍ୟକରଣ ଅନୁଦାନ ଫେରିଗଲା

ଯାଜପୁର/ବିଞ୍ଝାରପୁର(ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ),୧୨।୪:

ଯାଜପୁର ମାଟିର ଅସ୍ମିତାର ପରିଚୟ ହେଉଛି ଏହାର ମନୋଜ୍ଞ ପ୍ରାକୃତିକ ବିଭବ, ସୁପ୍ରାଚୀନ ଐତିହ୍ୟ ଏବଂ ଅନ୍ୟନ୍ୟ ସଂସ୍କୃତି। ଏକଦା ପ୍ରାଚୀନ ଉତ୍କଳର ରାଜଧାନୀ ଥିବା ଏହି ପବିତ୍ର କ୍ଷେତ୍ରରେ ଏତେ ପୌରାଣିକ ଓ ଐତିହାସିକ କୀର୍ତ୍ତିରାଜି ରହିଛି ଯେ, ଏହାକୁ ଏକତ୍ରୀକରଣ କଲେ ବିଶ୍ୱ ପର୍ଯ୍ୟଟନ ଓ ସାଂସ୍କୃତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ମାନ୍ୟତା ଦାବି କରାଯାଇପାରେ। ଜିଲାର ବିଶ୍ୱ ପ୍ରସିଦ୍ଧ ବିଞ୍ଝାରପୁର ନିକଟସ୍ଥ ଅରେଇ ଗ୍ରାମର ବରୁଣେଶ୍ୱର ପୀଠ ସେଥିମଧ୍ୟରୁ ଅନ୍ୟତମ। ତେବେ ରାଜନୈତିକ ଟଣାଓଟରାରେ ଏହି ପୀଠ ଏବେ ବି ଅବହେଳିତ ହୋଇ ପଡି ରହିଛି। ଏହି ପୀଠର ଉନ୍ନତିକରଣ ପାଇଁ ୨ ବର୍ଷ ତଳେ ଆବଣ୍ଟିତ ୮ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ଫେରି ଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଯାଜପୁର ସହରର ଦକ୍ଷିଣ ଦିଗରେ



ବରୁଣେଶ୍ୱରଙ୍କ ପୀଠ।

୧୦ କିମି ଦୂରରେ ବରୁଣେଶ୍ୱର ମନ୍ଦିର ରହିଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏହି ସ୍ଥାନରେ ବରୁଣେଶ୍ୱର ମେଳା ଆୟୋଜନ ହୋଇଥାଏ। ଏହି ଶୈବ ମନ୍ଦିରରେ ପାତାଳୀ ଶିବଲିଙ୍ଗ ଜଳ ଭିତରରେ ରହିଥାନ୍ତି। ଏହି ମନ୍ଦିର ସଂଲଗ୍ନ ପରିସରରେ ଭୌମକର ସମୟର ଅନେକ କୀର୍ତ୍ତିରାଜିର ସ୍ମାରକୀ ରହିଛି। କୁଶଭଦ୍ର ନଦୀ ତୀରରେ ପ୍ରତିଷ୍ଠିତ ଏହି ଶୈବ ମନ୍ଦିର ପରିସରରେ ତୀର୍ଥଙ୍କରଗଣ, ଉମା ମହେଶ୍ୱର, ଶ୍ରୀଗଣେଶ, କାର୍ତ୍ତିକ, ଆସ୍ତିକ ଜଗତକାରୀଙ୍କ ବିଗ୍ରହ ମଧ୍ୟ ରହିଛି। ମନ୍ଦିରରେ ଥିବା ବୃଷବସ୍ତମ୍ଭଟି କାରୁକାର୍ଯ୍ୟ ବିମଣ୍ଡିତ। ପ୍ରତିବର୍ଷ ମକର ସମୟରେ ଜିଲା ଓ ଜିଲା ବାହାରୁ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ବାବା ବରୁଣେଶ୍ୱର। ହେଲେ ଏହି ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଘୋଷଣାର ୨ ବର୍ଷ ଛୁଇଁବାକୁ ବସିଥିବା କାମ କିଛି ଆରମ୍ଭ ହୋଇ ପାରିନାହିଁ। ଉକ୍ତ କାର୍ଯ୍ୟ ନିମନ୍ତେ ଆର ଏଣ୍ଡ ବି ତଥା ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଟେଣ୍ଡର କରାଯାଇ ଠିକା ସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଠିକା ସଂସ୍ଥା ଏହି କାର୍ଯ୍ୟ ନିମନ୍ତେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବରୁଣେଶ୍ୱରଙ୍କ ମନ୍ଦିର ପରିସରରେ ଜମା କରି ରଖିଥିଲେ। କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସରକାର ବଦଳିବା ସହ ବରୁଣେଶ୍ୱର ପୀଠର ଉନ୍ନତିକରଣ କାର୍ଯ୍ୟ ବନ୍ଦ ପଡିଛି। ଉଭୟ ସରକାରୀ ଓ ବିରୋଧି ନେତାଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମନେ ହେଉଛି। ଅନ୍ୟପକ୍ଷେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଧୀରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ପ୍ରକଳ୍ପର ଉନ୍ନତିକରଣ ପାଇଁ ୮ କୋଟି ଟଙ୍କା ଅନୁଦାନ ଆସିଥିଲା। ହେଲେ କାର୍ଯ୍ୟ ଆରମ୍ଭରେ ବିଳମ୍ୱ ହେତୁ ସେ ଅର୍ଥ ଫେରି ଯାଇଛି ।

# ଭୋଟକା ହିଙ୍ଗୁଳାଙ୍କ ମହାଯଜ୍ଞୋତ୍ସବ ଆରମ୍ଭ



ମହାଯଜ୍ଞ ପାଇଁ ଶୋଭାଯାତ୍ରାରେ ଆସିଥିବା କଳାସଧାରୀ।

ରସୁଲପୁର,୧୨।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ବଇଞ୍ଚ ପଡ଼ିଆ ମା'ହିଙ୍ଗୁଳାଙ୍କ ୬୬ତମ ବାର୍ଷିକ ମହାଯଜ୍ଞୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଯଜ୍ଞପାଇଁ ଭୋଟକା, ବଡ଼ରମ୍ଭେଇ, ସାନରମ୍ଭେଇ, ଇଚ୍ଛାପୁର, ବଂଟରା, ମିର୍ଜାପୁର, ଏକତଳା, ଅରଡା, ବିଲିପଡା, ସୁଆଁସାହି, ଖଣ୍ଡିତର, କେଉଟଲଗୁଆଁ, ବିଲିପଡା ମଠ, ବାହାଦଲାପୁର, ଚିନ୍ତାପଲ୍ଲୀ, ମହମ୍ମଦପୁର, କମାରପାଳ, ଓରାଳି, ରସୁଲପୁର, ଚଣ୍ଡିପୁର, କୋଳଥଳ, ଖୋସାଲପୁର, ସଦାନନ୍ଦପୁର, ରାହାମ୍ଭା, ଗନ୍ଧଣ, ବରେଇ, ମଲପଡ଼ା, ମସୁଦପୁର, ତାଳଗଡିଆ, ନିମପାଟଣା, ଅମରସିଂହପୁର, କୁଆଖିଆ ବଜାର, ରସୁଲପୁର ବ୍ଲକ, ସାହାପୁର, ସାହାପୁର ହାଟ ଆଦି ୩୬ଖଣ୍ଡ ଗ୍ରାମରେ ଆମିଷ ବର୍ଜନ ସହ ରାତ୍ରକାଳୀନ ପାକ ନିଷେଧ କରାଯାଇଛି। ସେହିପରି ପ୍ରତ୍ୟେହ ସକାଳେ ଘରେ ଘରେ ସୂର୍ଯ୍ୟପୂଜା, ଦାଣ୍ଡପୂଜା ଓ ଦେବୀଙ୍କ ଉଦ୍ଦେଶ୍ୟରେ ପଣାପାଣି ଅର୍ପଣ କରାଯାଉଛି।

ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଖରସ୍ରୋତା ନଦୀର ଶାଖା(ପାଟିଆ) ନଦୀରୁ ଜଳପୂର୍ଣ୍ଣ କଳସକୁ ୯ଜଣ କଳସଧାରୀ ଏକ ଶୋଭାଯାତ୍ରାରେ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ୫ଜଣ ପଣ୍ଡିତ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ମା'ଙ୍କ ପୀଠରେ ୨ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପାଦାନ କରୁଛନ୍ତି। ଯଜ୍ଞ ଆରମ୍ଭ ପୂର୍ବରୁ ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ, ଚଣ୍ଡୀପାଠ, ବେଦପାଠ, ଯଜ୍ଞକୁଣ୍ଡରେ ସଂଖ୍ୟା ଆହୁତି ପ୍ରଦାନ କରାଯାଇଥିଲା। ମା' ହିଙ୍ଗୁଳା ଭକ୍ତଙ୍କୁ କାଳୀ ବେଶରେ ଦର୍ଶନ ଦେଇଥିଲେ। ମା'ଙ୍କ ବେଶ ଅତ୍ୟନ୍ତ ମନୋରମ ହୋଇଥିବା ବେଳେ ସକଳା ଧୂପ ଓ ସନ୍ଧ୍ୟା ଆଳତୀ ସମୟରେ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଯାତ୍ରା ପରିବେଷଣ କରାଯାଉଛି। ଯାତ୍ରା ପଡିଆରେ ବିଭିନ୍ନ ଦୋକାନ ବଜାର ଖୋଲିଥିବା ଦେଖାଯାଉଛି। ଭକ୍ତମାନେ ପୀଠରେ ପହଞ୍ଚି ମାନସିକ ଦାନ, ଚାନ୍ଦୁଆ, ମା'ଙ୍କର ସ୍ୱର୍ଣ୍ଣ ଖଚିତ ଅଳଙ୍କାର ଆଦି ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ଭକ୍ତଙ୍କ ସକାଶେ ପ୍ରସାଦ ସେବନ ବନ୍ଦୋବସ୍ତ କରାଯାଇଛି। ପ୍ରଥମ ଦିନରେ ମା'ଙ୍କ ପୀଠରେ ୧୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ହିଙ୍ଗୁଳାଙ୍କ ପୂଜା କମିଟି ଦ୍ୱାରା ଯଜ୍ଞ ଉତ୍ସବକୁ ପରିଚାଳନା କରାଯାଉଛି। ଯାତ୍ରା କମିଟି ପକ୍ଷରୁ ଯାତ୍ରା ଓ ଅନ୍ୟ ମନୋରଞ୍ଜନ କାର୍ଯ୍ୟକୁ ପରିଚାଳନା କରାଯାଉଛି।

# ଗୋବିନ୍ଦପୁରରେ ଡାହାଣୀ ପଡ଼ିଆ ମେଳଣ

ଯାଜପୁର ଟାଉନ,୧୨।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବ୍ଲକ୍ ଅଧୀନ ଶିବାଛକ ନିକଟ ଗୋବିନ୍ଦପୁର ଡାହାଣୀ ପଡ଼ିଆରେ ପ୍ରଥମ 'ଡାହାଣୀ ପଡ଼ିଆ ମେଳଣ' ଅନୁଷ୍ଠିତ ହୋଇଯାଇଛି। ସାହସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱଜିତ୍ ସାହାଣୀ ଓ ଅଭିନ୍ନ ବେହେରାଙ୍କ ସହ ଯୁବଗୋଷ୍ଠୀ ଅଭିରାମ ସାହାଣୀ ଏବଂ ଉଦୟନାଥ ଯେନା ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ମେଳଣରେ ଗ୍ରାମର ଯୁବବର୍ଗ ଏବଂ ମୁରବୀ ସହଯୋଗ କରିଥିଲେ। ମେଳଣରେ ଆଖପାଖ ଗ୍ରାମର ବିଭିନ୍ନ ରାଧାକୃଷ୍ଣ ବିମାନ ଓ କୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ମେଳଣ ପଡ଼ିଆରେ ମୀନା ବଜାର ସାଙ୍ଗକୁ ବିଭିନ୍ନ ଦୋଳି



ମେଳଣରେ ସାମିଲ ହୋଇଥିବା ଦୋଳବିମାନ।

ପଡ଼ିଥିଲା। ମେଳଣ ବୁଲିବାକୁ ଆସିଥିବା ଜନସାଧାରଣ ବିଭିନ୍ନ ଦୋକାନରୁ ଘର କରଣା ସାମଗ୍ରୀ କିଣି ନେଇଥିଲେ। ଯାଜପୁର ସମ୍ପର୍କ ଅନୁଷ୍ଠାନର ସଭାପତି ପ୍ରଫେସର ଡାକ୍ତର ନାରାୟଣ ବାରିକ୍ ଏବଂ ଭୁବନେଶ୍ୱର 'ଆଲର୍ଟ'ର ସର୍ବଭାରତୀୟ ସମ୍ପାଦିକା ଡକ୍ଟର କୁଞ୍ଜଲତା ଦାସ ମେଳଣର ଶୃଙ୍ଖଳିତ ଓ ସଫଳ ପରିଚାଳନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ।

## ବିଶ୍ୱ ହୋମିଓପାଥିକ ଦିବସ ପାଳିତ

ବ୍ରହ୍ମବରଦା,୧୨।୪ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତଠାରେ ମୁନ୍ ମେଡିକେୟାର ତରଫରୁ ବିଶ୍ୱ ହୋମିଓପାଥିକ ଦିବସ ପାଳିତ ହୋଇଯାଇଛି। ଏଥିରେ ହୋମିଓପାଥିକ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ହୋମିଓପାଥିକ ଔଷଧର ଜନକ ଫେଡ୍ରିକ ସାମୁଏଲ ହାନେମାନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ଉପସ୍ଥିତ ଥିବା ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ଡାକ୍ତର ସାହୁ ହୋମିଓପାଥିକ ଔଷଧ ବିଷୟରେ ଅବଗତ କରାଇଥିଲେ। ଜଣେ ରୋଗୀ କମ ମୂଲ୍ୟରେ ଏବଂ ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ଏହି ଔଷଧ ସେବନ କରି ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ ସେ କହିଥିଲେ।

## ଯୁଣଭଦ୍ରା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ସିଂହପୁର,୧୨।୪ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ବିତନାସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟ ପକ୍ଷରୁ ଏନ୍‌ଏସ୍‌ଏସ୍ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଲେଙ୍କା ଉଦ୍‌ଘାଟନ କରିବା ସହ ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରିଥିଲେ। ଯୁବ ରେଡ୍‌କ୍ରସର ସଂଯୋଜକ ରବି ନାରାୟଣ ବେହେରା, ଯୁକ୍ତ ୩ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ସୁବାସ ଚନ୍ଦ୍ର ନାୟକ, ଯୁକ୍ତ ୨ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଦେବାଶିଷ ଖମାରି ଏହାକୁ ପରିଚାଳନା କରିଥିଲେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ସୀତାଂଶୁ ଶେଖର ସ୍ୱାଇଁ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତାମାନଙ୍କୁ ଅଧ୍ୟକ୍ଷ କୃତଜ୍ଞତା ଜ୍ଞାପନ କରିଥିଲେ। ମହାବିଦ୍ୟାଳର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ମଧୁବନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରସୁଲପୁର,୧୨।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ର ଯେଉଁମାନେ ଡାକ୍ତରୀ ସେବାରେ କାର୍ଯ୍ୟ କରୁଛନ୍ତି ସେମାନେ ମୁଖ୍ୟ ଆକର୍ଷଣ ସାଜିଥିଲେ। ସେମାନଙ୍କ ମଧ୍ୟରୁ ୧୩ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ଅନୁଭୂତି ଓ ସଫଳତାର କାହାଣୀ ବଖାଣିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ପ୍ରେରଣା ଦାୟୀ ବକ୍ତବ୍ୟ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲା। ପ୍ରଧାନଶିକ୍ଷକ ମନୋଜ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, କୈଳାସ ଚନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ଗୋପୀନାଥ ପତି, ପ୍ରହ୍ଲାଦ ପଣ୍ଡା, ଲକ୍ଷ୍ମୀଧର ପତି, ଫଣିନ୍ଦ୍ର ମିଶ୍ର, ପୂର୍ବତନ ଶିକ୍ଷକ ରାଜକିଶୋର ପଣ୍ଡା, ବସନ୍ତ କୁମାର ଦ୍ୱିବେଦୀ, ଶିକ୍ଷକ ରବୀନ୍ଦ୍ର କୁମାର ସାମଲ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିବା ସହ ବିଦ୍ୟାଳୟର ପ୍ରତିଷ୍ଠା ଓ ସଫଳତାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ସିଆର୍‌ସିସି ରମେଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।

# ବାର୍ଷିକ ଓଭିଇପି ଦିବସ ପାଳିତ

ଯାଜପୁର ଟାଉନ,୧୨।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଗରିଆପୁରସ୍ଥିତ ଗରିଆପୁର ୟୁଜିୟୁପି ସ୍କୁଲରେ ବାର୍ଷିକ ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା ଯୋଜନା (ଓଭିଇପି) ଦିବସ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହିନ୍ଦୀ ଶିକ୍ଷକ ନେତା ତଥା ଲେଖକ ରବି ଶତପଥୀ ଯୋଗଦେଇ ଅଲିମ୍ପିକ୍ କ୍ରୀଡ଼ାର ଇତିହାସ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧାପକ ଦାମୋଦର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସମ୍ମାନିତ ବକ୍ତାଭାବେ ଯାଜପୁର ଏବିଇଓ ନିର୍ମଳ ଚନ୍ଦ୍ର ଜେନା ଯୋଗଦେଇ ଓଭିଇପିର ମହାନ ଲକ୍ଷ୍ୟଗୁଡ଼ିକ ଶିକ୍ଷଣୀୟ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଅକ୍ଷୟ ପଣ୍ଡା ଯୋଗଦେଇ ଅଲିମ୍ପିକ୍ ମୂଲ୍ୟବୋଧ ଛାତ୍ରୀଛାତ୍ରୀଙ୍କ ଶରିରୀକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଏସ୍‌ଏମ୍‌ସି ଅଧ୍ୟକ୍ଷ ସଇଦ୍ ଉଜ୍ ଜମାନ୍, ପଞ୍ଚଶଖା ସେତୁ ଅଧ୍ୟକ୍ଷ ଅସଦୁଜ୍ ଜମାନ୍ ଓ ସିଆରସିସି ସଫିଉଜ୍ ଜମାନ୍ ଯୋଗଦେଇ ଓଭିଇପି ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଓଭିଇପିର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଶିବାନୀ ସିଂହଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ୧୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ବାରିକ, ସୁମିତ୍ରା ରାଉଳ ଓ ରୀନା ବେହେରା ପ୍ରକଳ୍ପ ପ୍ରଦର୍ଶନୀର ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ବିଷ୍ଣୁ ପ୍ରସାଦ ବାନାର୍ଜୀ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ସଫିଉର ରହେମାନ ଧନ୍ୟବାଦ ଦେଇଥିଲେ।

# ରୋଟାରି କ୍ଲବ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ

ଧର୍ମଶାଳା,୧୨।୪(ବଟକୃଷ୍ଣ ପରିଡ଼ା):

ରୋଟାରି କ୍ଲବ ଜାରକା ତରଫରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପଞ୍ଚାୟତର ଅମରେଶ୍ୱେରୀ ହାଇସ୍କୁଲକୁ ଏକ ମେଗା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ କରାଯାଇଛି। ଏହାକୁ ରୋଟାରି ଜିଲା ଅଧ୍ୟକ୍ଷ (ଗଭର୍ନର) ଯଜ୍ଞାଶିଷ ମହାପାତ୍ର ଉଦଘାଟନ କରିଛନ୍ତି। ଏହାସହିତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଫାଷ୍ଟ-ଏଡ୍ ବକ୍ସ ଓ ଔଷଧ ପ୍ରଦାନ କରଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟରି କ୍ଲବ ଜାରକାର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ସଭ୍ୟ ସୁକାନ୍ତ ସ୍ୱାଇଁ ଓ ଜୟଗୁରୁ ପାତ୍ର ଯୋଗଦେଇଥିଲେ। ଅମରେଶ୍ୱେରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ନାୟକ, ଅମରେଶ୍ୱରୀ ନୋଡାଲ ୟୁପି ସ୍କୁଲ୍ ପ୍ରଧାନଶିକ୍ଷକ ଶାନ୍ତନୁ ମହାପାତ୍ର, ଶିକ୍ଷକ ରଞ୍ଜନ କୁମାର ନାୟକ, ନିମାଇଁ ଚରଣ ପଣ୍ଡା, କର୍ମଚାରୀ ଦେବୀପ୍ରସାଦ ଦାଶ, ପବିତ୍ର ଦାସ ଓ ପ୍ରକାଶ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥଲେ।




ପାନୀୟଜଳ ପ୍ରକଳ୍ପକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ବରପୁତ୍ରଙ୍କ ସ୍ମୃତିଚାରଣ ସଭା, କବିତା ପାଠୋତ୍ସବ

**ଯାଜପୁରରେ ଓଡ଼ିଆ ପକ୍ଷ ପାଳିତ**

ଯାଜପୁର,୧୨।୪ (ହର୍ଷବର୍ଦ୍ଧନ ବେହେରା) :

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର ଯାଜପୁର ଜିଲା ସଦର ମହକୁମାରେ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା ଚକ୍ର ଓ ଜିଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ କବି ସମ୍ମେଳନକୁ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥଲେ। ନିହାରିକା ରଥ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ





ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥି।

ରାୟଙ୍କ ସଂଯୋଜନାରେ ଜିଲାର ୧୦ ବ୍ଲକ, ୨ ପୌରାଞ୍ଚଳରୁ ୪୫ ଜଣ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କବି ତୁହିନଂଶୁ ରଥ କବିତା ସମ୍ପର୍କରେ ନିଜର ମତାମତ ରଖିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଜିଲାର ବରପୁତ୍ରମାନଙ୍କ ସମ୍ପର୍କରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ରାଜ କିଶୋର ପାଢ଼ୀ ଓ ଗୌତମ ଜେନା ଆଲୋଚକ ଭାବେ ଯୋଗଦେଇ ଏ ଜାତି ପୂର୍ବସୁରୀମାନଙ୍କ ଅବଦାନ ନିକଟରେ କୃତଜ୍ଞ ବୋଲି କହି ଜିଲାର ସାରସ୍ୱତ ସାଧକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂଯୋଜକ ଥିବା ବିମଳ ପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ସଂଯୋଜିକା ସଂଯୁକ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ପରିଷଦର ଉପଦେଷ୍ଟା ସନ୍ତୋଷ ନନ୍ଦ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅଂଶ ଗ୍ରହଣ କରିଥିବା କବିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ମାନୀତ କରାଯାଇଥିଲା।

# ଜିଲାରେ ବଢୁଛି ମାଙ୍କଡ଼ ଉପଦ୍ରବ, ଚିନ୍ତାରେ ଚାଷୀ

- ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ନିଦ ଭାଙ୍ଗୁନି
- ପ୍ରତିକାର ନ ହେଲେ ଆଗକୁ ଆନ୍ଦୋଳନ ଚେତାବନୀ

ଜଗତ୍‌ସିଂହପୁର, ୧୨।୪ (ପ୍ରମୋଦ କୁମାର ନାୟକ)



ମାଙ୍କଡ଼ମାନେ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି।

ଭୌଗୋଳିକ ଦୃଷ୍ଟି କୋଣରୁ ଜଗତ୍‌ସିଂହପୁର ଏକ ଛୋଟ ଜିଲା ହୋଇଥିଲେ ସୁଦ୍ଧା ଜନସଂଖ୍ୟା ଅଧିକ। ଏହି ଜିଲାର ଲୋକେ ବିଶେଷକରି ଚାଷ ଉପରେ ନିର୍ଭରଶୀଳ। ଦୁଃଖର କଥା ହେଲା ପ୍ରାକୃତିକ ବିପର୍ଯ୍ୟୟ ଜିଲାର ମେରୁଦଣ୍ଡ ଦୋହଲାଇ ଦେଉଛି। ମାଙ୍କଡ଼ଙ୍କ ଆକ୍ରମଣରେ ବହୁ ଲୋକ ଆହତ ହୋଇଥିବା ନଜିର ରହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ମାଙ୍କଡ଼ଙ୍କୁ ସ୍ଥାନାନ୍ତର ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ସୁଦ୍ଧା ପ୍ରତିକାର ହେଉନାହିଁ। ଯାହାକୁ ନେଇ ଆନ୍ଦୋଳନାତ୍ମକ ପରିବେଶ ସୃଷ୍ଟି ହେଲାଣି।

୧୯୯୯ ମହାବାତ୍ୟାରେ ଜଗତ୍‌ସିଂହପୁର ଜିଲା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅନେକ ଧନ, ଜୀବନ ଯାଇଥିଲା। ମଣିଷଙ୍କ ସହ ବନ୍ୟପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଥିଲେ। ଜଙ୍ଗଲ କ୍ଷତିଗ୍ରସ୍ତ ସାଙ୍ଗକୁ ବନ୍ୟପ୍ରାଣୀଙ୍କ ଆହାର ସଙ୍କଟ ଦେଖା ଦେଇଥିଲା। ବିଶେଷକରି ବଣ, ଜଙ୍ଗଲରେ ରହୁଥିବା ମାଙ୍କଡ଼ଙ୍କ ପାଇଁ ଖାଦ୍ୟାଭାବ ଦେଖାଯାଇଥିଲା ଫଳରେ ମାଙ୍କଡ଼ ଜନବସତି ଆଡକୁ ମୁହାଁଇ ଥିଲେ। ଲୋକେ ବିଲବାଡିରେ କରିଥିବା ପନିପରିବା ଓ ଫସଲ ଆଦି ଖାଇବା ସହ ନଷ୍ଟଭ୍ରଷ୍ଟ ଆରମ୍ଭ କରିଥିଲେ। ସେବେଠାରୁ ମାଙ୍କଡ଼ମାନେ କାଳକ୍ରମେ ମଣିଷମାନଙ୍କ ନିକଟତର ହେବାରେ ଲାଗିଛନ୍ତି। ସହସ୍ରାଧିକ ମାଙ୍କଡ଼ ଆଉ ଜଙ୍ଗଲ ନ ଯାଇ ଜନବସତି ନିକଟରେ ରହିବାକୁ ପସନ୍ଦ କରୁଛନ୍ତି। ଏହାଦ୍ୱାରା ଚାଷୀ ଓ ଚାଷ ଗୁରୁତର ଭାବେ ପ୍ରଭାବିତ ହେଉଛି। ଲୋକେ ବିଲବାଡିରେ ବିଶେଷକରି ପନିପରିବା କରିବାକୁ ଡରୁଛନ୍ତି। ସମ୍ପ୍ରତି ଚାଷରେ ସାର, ଔଷଧ ସାଙ୍ଗକୁ ପାଣି ମଡ଼ାଇବା ପାଇଁ ବିଦ୍ୟୁତ୍ ବିଲ୍ ଓ ମୂଲ ଆଦିରେ ବହୁତ ଖର୍ଚ୍ଚ ହେଉଛି। କିନ୍ତୁ ପରିବା ଅମଳ ବେଳକୁ ମାଙ୍କଡ଼ମାନେ ଏହାକୁ ଖାଇବା ସହ ନଷ୍ଟ କରିଦେଉଛନ୍ତି। ଯାହାଦ୍ୱାରା ଚାଷୀ ନିରାଶ ହୋଇପଡୁଛନ୍ତି। ଅନୁରୂପ ଭାବେ ମାଙ୍କଡ଼ଙ୍କ ଉପଦ୍ରବ କାରଣରୁ ଲୋକେ ବହୁ କ୍ଷତି ସହୁଥିଲେ ସୁଦ୍ଧା ନାଚାର। ଜିଲାରେ ମାଙ୍କଡ଼ମାନଙ୍କ ବଂଶ ବିସ୍ତାର ଜାରି ରହିଥିବାରୁ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏହି ମାଙ୍କଡ଼ମାନଙ୍କୁ ଧରାଯାଇ ବନ୍ଧ୍ୟାକରଣ ସହ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ସରକାର ଏହି ଗମ୍ଭୀର ପ୍ରସଙ୍ଗକୁ ଗୁରୁତ୍ୱ ନ ଦେବା ଅସନ୍ତୋଷର କାରଣ ହେଉଛି।

ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ନେତା ରଶ୍ମିରଞ୍ଜନ ସ୍ୱାଇଁ, ଅଶୋକ ସ୍ୱାଇଁ, ବିଜୟ ପତି ଓ ଦିଲୁ ମହାନ୍ତି ପ୍ରମୁଖ କହିଛନ୍ତି, ସଙ୍ଗଠନ ଗଣତାନ୍ତ୍ରିକ ଆଲୋଚନା ଓ ଆନ୍ଦୋଳନ ଧାରାକୁ ଆପ୍ଲୁଧକରି କୃଷି, କୃଷକ ତଥା ଜନସାଧାରଣଙ୍କ ବିବିଧ ସମସ୍ୟାର ସମାଧାନ ପାଇଁ ସବୁବେଳେ ଚେଷ୍ଟା କରିଆସୁଛି। ଏଥି ମଧ୍ୟରେ ମାଙ୍କଡ଼ ଉପଦ୍ରବକୁ ନେଇ ସଙ୍ଗଠନ ବାରମ୍ବାର ଚିନ୍ତା ପ୍ରକଟ କରିବା ସହ ପ୍ରତିକାର ପାଇଁ ଜିଲାପାଳ, ବନ ବିଭାଗର ଏକାଧିକ ପଦାଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଛି। ଏଥିସହ କେତେକ ପ୍ରସ୍ତାବ ଦେଇଛି। ମାଙ୍କଡ଼ ଉପଦ୍ରବ ଦ୍ୱାରା ଚାଷ କ୍ଷେତ୍ର ଓ ବାଡ଼ି ବଗିଚାର ଫସଲ କ୍ଷତି ହେବା ସହ ଗ୍ରାମୀଣ ଅର୍ଥନୀତି ବିପର୍ଯ୍ୟସ୍ତ ହେଉଛି। ତେଣୁ ମାଙ୍କଡ଼ମାନଙ୍କୁ ସୁରକ୍ଷିତ ଭାବେ ସଂରକ୍ଷିତ ତଥା ବଡ଼ ବଡ଼ ଜଙ୍ଗଲରେ ଆବଶ୍ୟକ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରି ସ୍ଥାନାନ୍ତର କରାଯାଉ। ୨୦୨୨ରେ ଜିଲାରେ ମାଙ୍କଡ଼ଧରା ଅଭିଯାନ ଚାଲିଥିଲା। ସେତେବେଳେ ଧରାଳିଙ୍କ ଦ୍ୱାରା କେତେକ ମାଙ୍କଡ଼ ଧରାଯାଇ ଜଙ୍ଗଲରେ ଛଡ଼ାଯାଇଥିଲା। କିନ୍ତୁ ୧୩।୧୨।୨୨ରୁ ସରକାରୀ ଭାବେ ଏହି କାର୍ଯ୍ୟ ବନ୍ଦ କରାଯାଇଛି। ଏବେ ପୂର୍ବପରି ଧରାଳିମାନଙ୍କ ଦ୍ୱାରା ଏହି ଅଭିଯାନ ପୁଣି କାର୍ଯ୍ୟକାରୀ ହେବା ଦରକାର। ଏଥିପାଇଁ ଅଧିକ ସଂଖ୍ୟକ ଯନ୍ତା, ଆନୁଷଙ୍ଗିକ ଉପକରଣ ଓ କର୍ମଚାରୀଙ୍କ ସହାୟତା ନିଆଯାଉ। ଗ୍ରାମାଞ୍ଚଳରେ ବନ୍ୟଜନ୍ତୁ ବା ମାଙ୍କଡ଼ଙ୍କୁ ଧରିବାକୁ ଦକ୍ଷ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ସହ ଠିକା ନିଯୁକ୍ତି ଦିଆଯାଉ। ଯାହାଦ୍ୱାରା ମାଙ୍କଡ଼ଧରା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଜଙ୍ଗଲ ବିଭାଗ ଦ୍ୱାରା ଫଳ ଓ ଔଷଧୀୟ ବୃକ୍ଷ ରୋପଣକୁ ପ୍ରାଥମିକତା ଦିଆଯାଉ। ଜଙ୍ଗଲଗୁଡ଼ିକର ପରିସୀମାକୁ ସାର୍ବଜନୀନ କରାଯାଉ। ମାଙ୍କଡ଼ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା ଚାଷଜନିତ କ୍ଷତି ଆକଳନ କରାଯାଇ ଏହାର ଉପଯୁକ୍ତ କ୍ଷତିପୂରଣ ବ୍ୟବସ୍ଥା କରାଯିବାକୁ ଉପରୋକ୍ତ ଚାଷୀ ନେତାମାନେ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଧ୍ୟାନ ନ ଦେଲେ ଆଗାମୀ ଦିନରେ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ଧଳତଙ୍ଗଗଡ଼ ରେଞ୍ଜ ଅଫିସର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କୁ ପଚାରିବାରେ ମାଙ୍କଡ଼ ଉପଦ୍ରବ କଥାକୁ ସ୍ୱୀକାର କରିବା ସହ ଆବଶ୍ୟକ ଯନ୍ତା ଓ ଭ୍ୟାନ ସହ ଅନ୍ୟୁନ ୫ରୁ୧୦ ଜଣ ସ୍କ୍ୱାଡ୍ ଯୋଗାଯାଇ ପାରିଲେ ମାଙ୍କଡ଼ଧରା ଅଭିଯାନ ସରଳ ହୋଇପାରନ୍ତା। ଏ ସମ୍ପର୍କରେ କଟକ ଡିଏଫଓଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ବୋଲି କହିଛନ୍ତି।

# ୟୁନାଇଟେଡ ଚର୍ଚ୍ଚ ମଧ୍ୟରେ ଦୁଇପକ୍ଷ ମୁହାଁମୁହିଁ



ପୋଲିସ ଚର୍ଚ୍ଚ ଗେଟ୍‌ର ତାଲା ଭାଙ୍ଗିବା ସହ ଆଲୋଚନା କରୁଛି।

- ଗେଟ ତାଲା ବନ୍ଦ କରି ବିଷାକ୍ତ ସାପ ପୂରେଇ ହତ୍ୟା ଧମକ ଅଭିଯୋଗ
- ପୋଲିସ ତାଲା ଭାଙ୍ଗି ଫାଦର ପରିବାରଙ୍କୁ ଉଦ୍ଧାର କଲା

ପାରାଦୀପ,୧୨।୪ (ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ପଡ଼ିଆ ୟୁନାଇଟେଡ ଚର୍ଚ୍ଚ ମଧ୍ୟରେ ଦୁଇ ପକ୍ଷଙ୍କ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ଶୁକ୍ରବାର ରାତିରେ ଚର୍ଚ୍ଚର ଫାଦର ପରିବାର ସହ ଭିତରେ ଥିବାବେଳେ ୨ ଜଣ ଗେଟ ତାଲା ପକେଇ ବନ୍ଦ କରି ଦେଇଥିଲେ। ଭିତରେ ସାପ ପୂରାଇ ହତ୍ୟା ଧମକ ଦେଇଥିଲେ। ଶନିବାର ସକାଳୁ ସେମାନେ ଫୋନ ଯୋଗେ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଗେଟରେ ପଡ଼ିଥିବା ତାଲାକୁ ଭାଙ୍ଗି ଫାଦରଙ୍କ ପରିବାର ସଦସ୍ୟଙ୍କୁ ଉଦ୍ଧାର କରିଛି। ତାଲା ପକେଇ ଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି। ତାଲା ଖୋଲିବା ପରେ ଫାଦର ସରୋଜ କୁମାର ସେଟଙ୍କ ସ୍ତ୍ରୀ ରୀନାରାଣି ସେଟ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ସେମାନେ ଦୀର୍ଘଦିନ ହେଲା ଚର୍ଚ୍ଚ ଭିତରେ ରହୁଛନ୍ତି। ଉକ୍ତ ଉପାସନା କମିଟିର କର୍ମକର୍ତ୍ତା ଘଟଣାକୁ ନେଇ ବର୍ଷେ ହେବ ବିବାଦ ଲାଗି ରହିଛି। ବର୍ତ୍ତମାନ ଯେଉଁ କମିଟି ଅଛନ୍ତି ସେମାନଙ୍କୁ ସରକାରୀ ଭାବେ ଆଇଜିଆର ପଞ୍ଜୀକରଣ କରିଛନ୍ତି। ଏଥିରେ ବୀତସ୍ପୃହ ହୋଇ ପ୍ରତିପକ୍ଷର ଆୟୁବ ମୁଣ୍ଡା ଓ ପିତର ମୁଣ୍ଡା ତାଙ୍କୁ ଜାନୁଆରୀ ୨୪ରେ ଧମକ ଓ ଆକ୍ରମଣ କରିଥିଲେ। ସେତେବେଳେ ଏହି ଘଟଣା ଉପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୨୫/୨୫ରେ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ସେମାନେ ଜାମିନରେ ଆସି ପୁଣି ଗଣ୍ଡଗୋଳ କରୁଛନ୍ତି। ଏପରିକି ଶୁକ୍ରବାର ରାତିରେ ଧମକ ଦେବା ସହ ତାଲା ପକାଇ ବନ୍ଦୀ କରି ରଖିଥିଲେ। ଘଟଣା ଉପରେ ପୋଲିସ ତଦନ୍ତ କରୁଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ।

# ଗୁଆ, ଧୀବରଙ୍କୁ କଷ୍ଟମ୍ସ ବିଭାଗକୁ ହସ୍ତାନ୍ତରକଲା କୋଷ୍ଟଗାର୍ଡ

**ଭାରତୀୟ ଜଳସୀମାରେ ଗୁଆ ଜବତ ଘଟଣା**

- ତଦନ୍ତ ଉପରେ କେହି ମୁହଁ ଖୋଲୁନାହାନ୍ତି
- କୋକେନ ଘଟଣା ଭଳି ରହସ୍ୟମୟ ଯାଞ୍ଚ ହେଉଛି


ପାରାଦୀପ, ୧୨।୪(ଶରତ ରାଉତ)

ବଙ୍ଗୋପସାଗର ଭାରତୀୟ ଜଳସୀମାର ବର୍ଡର ଲାଇନ ପାଖରୁ ୧୦ ତାରିଖରେ ଏକ ଗୁଆ ବୋଝେଇ ମାଛଧରା ବୋଟକୁ କୋଷ୍ଟଗାର୍ଡ ଜବତ କରିଥିଲା। ଉକ୍ତ ବୋଟକୁ ଧରି ଶୁକ୍ରବାର ପାରାଦୀପ ବନ୍ଦରରେ ପହଞ୍ଚିଥିଲା। ସେଠାରେ ସମସ୍ତ ସୁରକ୍ଷା ଏଜେନ୍ସି ଅଧିକାରୀମାନେ ଯାଞ୍ଚ କରିଥିଲେ। ଶନିବାର ଅପରାହ୍ନରେ ଉକ୍ତ ବୋଟ, ସେଥିରେ ଥିବା ୩୦ ହଜାର ୯୭୬ କେଜି ଗୁଆ ଓ ୧୪ ଧୀବରଙ୍କୁ କୋଷ୍ଟଗାର୍ଡ କଷ୍ଟମ୍ସ ବିଭାଗକୁ ହସ୍ତାନ୍ତର କରିଛି। କିନ୍ତୁ କଷ୍ଟମ୍ସ ବିଭାଗ ଏ ସମ୍ପର୍କରେ କୌଣସି ସୂଚନା ଗଣମାଧ୍ୟମ କିମ୍ବା ଅନ୍ୟ ସୁରକ୍ଷା ଏଜେନ୍ସିକୁ ଦେଇନାହାନ୍ତି। ଉକ୍ତ ଘଟଣାରେ କଷ୍ଟମ୍ସ ବିଭାଗର ତଦନ୍ତ କେବେ ସାର୍ବଜନୀନ ହେବ ତା' ମଧ୍ୟ ରହସ୍ୟ ରହିଛି। କାରଣ ୨୦୨୩ ନଭେମ୍ବର ୩୦ରେ ଏମ୍‌ଭି ଦେବୀ ନାମକ ଜାହାଜରେ ୨୨୦ କୋଟି ଟଙ୍କାର କୋକେନ ଜବତ ହୋଇଥିଲା। ସେତେବେଳେ କଷ୍ଟମ୍ସ ବିଭାଗ ଉକ୍ତ ଘଟଣାର ତଦନ୍ତ ଏ ପର୍ଯ୍ୟନ୍ତ କରୁଛି। ଦେବୀ ଜାହାଜ ଆଜି ପର୍ଯ୍ୟନ୍ତ ଅଟକ ଅଛି। ସେଥିରେ ୨୧ଜଣ ନାବିକ ଜାହାଜରେ ଅଛନ୍ତି। ଉକ୍ତ କୋକେନ କିପରି କେଉଁଠୁ ଆସିଥିଲା, ଏଥିରେ କିଏ ସମ୍ପୃକ୍ତ ତା' ମଧ୍ୟ ରହସ୍ୟ ଘେରରେ ରହିଛି। ଏବେ ସମାନ ଭାବେ ଗୁଆ ଜବତ ତଦନ୍ତ କଷ୍ଟମ୍ସ ନେଇଛି। ଗୁଆ ବାଂଲାଦେଶରୁ ଭାରତ ଆସୁଥିବାବେଳେ ଧରାଯାଇଛି ବୋଲି କୋଷ୍ଟଗାର୍ଡ ସୂଚନା ଦେଇଛି। ଯେଉଁ ୧୪ ଜଣ ନାବିକ ଅଛନ୍ତି ସେମାନେ ସମସ୍ତେ ଭାରତୀୟ ଏବଂ ପଶ୍ଚିମବଙ୍ଗ ଲୋକ ବୋଲି ମଧ୍ୟ କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି। ସେମାନଙ୍କ ନାମ ପରିଚୟପତ୍ର ଆଦି କିଛି ନାହିଁ। ଏହି କାରବାର ପଛରେ ପ୍ରଭାବଶାଳୀ ଲୋକ ଥିବା ଜଣାପଡିଛି। ଏକ ମାଛଧରା ବୋଟରେ ଆନ୍ତର୍ଜାତିକ ସମୁଦ୍ର ସୀମା ବାଟେ ବେଆଇନ କାରବାର ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁ ୧୪ ନାବିକ ଅଛନ୍ତି ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଥିବା ଜଣାପଡିଛି। ଏପରିକି ସେମାନେ ଦିନକୁ ୮ ହଜାର ଟଙ୍କା ନେଇ ଏପରି ଦୁଃସାହସିକ କାରବାର କରୁଥିଲେ। ସମ୍ପୃକ୍ତ ବୋଟ ପଶ୍ଚିମବଙ୍ଗ କାକଦ୍ୱୀପଠାରେ ପଞ୍ଜୀକୃତ ହୋଇଥିବା ଜଣାପଡିଛି। କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଭରଦ ଉକ୍ତ ବୋଟକୁ ଠାବ କରିଥିଲା।

# ଦୋଷୀଙ୍କୁ ଗିରଫ କରା ନ ଗଲେ ରାସ୍ତାକୁ ଓହ୍ଲାଇବୁ: ବିଧାୟକ

ରଘୁନାଥପୁର, ୧୨।୪ (ରାଜେନ୍ଦ୍ର ନାରାୟଣ ସିଂହ)

**କର୍ମଚାରୀଙ୍କୁ ମାଡ଼ମାରି କାର୍ଯ୍ୟକ୍ରମ ବନ୍ଦ ଘଟଣା**



ଖବରଦାତା ସମ୍ମିଳନୀରେ ବିଧାୟକ ରମାକାନ୍ତ ଭୋଇ ଓ ଅନ୍ୟମାନେ ସୂଚନା ଦେଉଛନ୍ତି ।

ରଘୁନାଥପୁର ବ୍ଲକ ତରିକୁନ୍ଦରେ ଶୁକ୍ରବାର ଆୟୁଷ୍ମାନ ଭାରତ ଯୋଜନା ଅଧୀନ ଏକକ କାର୍ଡ ବିତରଣ କାର୍ଯ୍ୟକ୍ରମ ବେଳେ ହୋଇଥିବା ବିଭ୍ରାଟକୁ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିବା ସହ ଏହାର ନିନ୍ଦା କରିଛନ୍ତି। ଜଇପୁର ଡାକବଙ୍ଗଳାରେ ଶୁକ୍ରବାର ରାତି ୮ଟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଭୋଇ କହିଛନ୍ତି, ସରକାର ମହିଳା ସଶକ୍ତୀକରଣ କଥା କହୁଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ମହିଳା କର୍ମଚାରୀଙ୍କୁ ଭାଜପାର ପୁରୁଷ କର୍ମୀମାନେ ମାଡ଼ ମାରି ଘୋଷାରିଥିଲେ। ଚେୟାର ଫିଙ୍ଗା ଯାଉଥିବା ବେଳେ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ପୋଲିସ ସେଠାରେ ଉପସ୍ଥିତ ଥାଇ ନୀରବଦ୍ରଷ୍ଟା ସାଜିଥିଲା। ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରା ନ ଗଲେ ବିଜେଡି ଥାନା ଘେରାଉ କରିବା ସହ ରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଉଲ୍ଲେଖଯୋଗ୍ୟ, ଆୟୁଷ୍ମାନ ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଭାଜପା କର୍ମୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଭାଜପା ଓବିସି ମୋର୍ଚ୍ଚା ଜଗତ୍‌ସିଂହପୁର ଜିଲା ସଭାପତି ସୁବୋଧ କୁମାର ବାରିକ କହିଛନ୍ତି, ବ୍ଲକ ପ୍ରଶାସନ ଭାଜପା କର୍ମୀଙ୍କୁ ଅଣଦେଖା କରିବାରୁ ଏପରି ଘଟିଛି। ଏ ସମ୍ପର୍କରେ ଯନ୍ତ୍ରୀ ପ୍ରଦୀପ୍ତା ଖୁଣ୍ଟିଆ ଶୁକ୍ରବାର ଥାନାରେ ଭାଜପା କର୍ମୀମାନଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପଚାରିବାରେ ଜଗତ୍‌ସିଂହପୁର ଥାନାରେ ଗଣ୍ଡଗୋଳ ସୃଷ୍ଟିକାରୀଙ୍କ ବିରୋଧରେ ଯନ୍ତ୍ରୀ ଖୁଣ୍ଟିଆ ଲିଖିତ ଅଭିଯୋଗ କରିଥିବା କହିଛନ୍ତି।

# ଅଳକା କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଜଗତ୍‌ସିଂହପୁର, ୧୨।୪ (ପ୍ରମୋଦ ନାୟକ)

ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦିଆଯାଉଥିବା ଆତ୍ମା ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଶେଷ ହୋଇଯାଇଛି। ସମାଜ ବିଜ୍ଞାନ ବିଭାଗୀୟ ମୁଖ୍ୟ ସନ୍ଧ୍ୟାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜିତା ମହାନ୍ତି, ସୌଭାଗିନୀ ଜେନା, ଇଜାବେଲା ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଆତ୍ମାରକ୍ଷା କୌଶଳ ଶିବିରର ଆବଶ୍ୟକତା ବିଶେଷ କରି ଯୁବତୀ ତଥା ମହିଳାମାନେ ସାମ୍ପ୍ରତିକ ପରିସ୍ଥିତିରେ ନିଜକୁ କିପରି ସୁରକ୍ଷା ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୋଜିକା ଅଧ୍ୟାପିକା ଶୁଚିସ୍ମିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ପ୍ରଶିକ୍ଷିକା ଭାବେ ଋତୁପୂର୍ଣ୍ଣା ସେନାପତି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଯୁକ୍ତ ୨ ଆତ୍ମାରକ୍ଷା କୌଶଳ କ୍ଲବର ସଂଯୋଜିକା ଅଧ୍ୟାପିକା ସନ୍ଧ୍ୟାରାଣୀ ମାଝୀ ଧନ୍ୟବାଦ ଦେଇଥିଲେ।



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ସାର୍ଟିଫିକେଟ ଧରିଛନ୍ତି।

# ସମବାୟବିତ୍ ନିଶାମଣି ବେହେରାଙ୍କ ପରଲୋକ

ଡେରାବିଶ,୧୨।୪(ବେବର୍ତ୍ତା ଅଜୟ ଦାସ)

ଶନିବାର ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଭଣଗା ଗ୍ରାମ ନିବାସୀ ତଥା ସମବାୟବିତ୍ ନିଶାମଣି ବେହେରା(୭୪)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ସାମାଜିକ କର୍ମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ନିଶାମଣି ଦୀର୍ଘ ବର୍ଷଧରି ଚାନ୍ଦୋଳ ବଜାର କମିଟିର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦାନପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।



ନିଶାମଣି ବେହେରା

ସାମାଜିକ କର୍ମୀ ଅଜୟ ରାଉତ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତି ସଭ୍ୟା ମଞ୍ଜୁଲତା ମିଶ୍ର ପ୍ରମୁଖ ନିଶାମଣିଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଚାନ୍ଦୋଳ ବଜାର ଦାନପୁର ସମବାୟ ସମିତି କାର୍ଯ୍ୟାଳୟ ନିକଟକୁ ନିଆଯାଇଥିଲା। ବଜାର କମିଟି ସଭାପତି ଶିବାଶିଷଙ୍କ ସମେତ କମିଟି କର୍ମକର୍ତ୍ତା ଏବଂ ସମବାୟ ସମିତି କାର୍ଯ୍ୟାଳୟରେ ସଭାପତି ପର୍ଶୁରାମ ମଲ, ସୁବ୍ରତ ନାୟକଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, କଂଗ୍ରେସ ନେତା ଜୟନ୍ତ ମହାନ୍ତି ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

# ସେମିରେ ପାରାଦୀପ ବନ୍ଦର, କୋଷ୍ଟଗାର୍ଡ, ପିପିଏଲ୍, ଇଫ୍‌କୋ

ପାରାଦୀପ,୧୨।୪ (ଶରତ ରାଉତ)

**୪ ର୍ଥ କର୍ପୋରେଟ କ୍ରିକେଟ**

ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଚାଲିଥିବା ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ଶନିବାର ଶେଷ ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ପିଆଇସିଟି ପ୍ରଥମେ ବ୍ୟାଟିଂ କରି ଇଫ୍‌କୋ ବିରୋଧରେ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ବିନିମୟରେ ୭୩ ରନ କରିଥିଲା। ଇଫ୍‌କୋ ପକ୍ଷରୁ ଅଜୟ ଯାଦବ ୩ଟି ଉଇକେଟ ନେଇଥିଲେ। ଜବାବରେ ଇଫ୍‌କୋ ୫.୩ ଓଭରରେ ୨ ଉଇକେଟ ବିନିମୟରେ ୭୫ରନ କରି ମ୍ୟାଚକୁ ୮ ଉଇକେଟରେ ଜିତି ନେଇଥିଲା। ଇଫ୍‌କୋ ପକ୍ଷରୁ ଟି. ଆର. ପୁହାଣ ୨୦ ବଲରେ ୫୨ ରନ କରିଥିଲେ। ୨ୟ ମ୍ୟାଚ୍ ବ୍ୟାଙ୍କ୍ ଆଣ୍ଡ ଇନ୍ସୁରାନ୍ସ ଓ ଗୋଆ କାର୍ବନ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ବ୍ୟାଙ୍କ୍ ଆଣ୍ଡ ଇନ୍ସୁରାନ୍ସ ୭ ଉଇକେଟ ହରାଇ ୯୪ ରନ କରିଥିଲା। ଜବାବରେ ଗୋଆ କାର୍ବନ ୮.୪ ଓଭରରେ ୩ ଉଇକେଟ ବିନିମୟରେ ୯୫ରନ କରି ୭ ଉଇକେଟରେ ବିଜୟୀ ହୋଇଥିଲା। ଗୋଆ କାର୍ବନ ପକ୍ଷରୁ ପି. ହାଲଦାର ୪୯ ରନ କରିଥିଲେ। ସେହିପରି ୩ୟ ମ୍ୟାଚରେ ଆଇଓସିଏଲ୍ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୦୧ ରନ କରିଥିଲା। ଜବାବରେ କୋଷ୍ଟଗାର୍ଡ ୧୦ ଓଭରରେ ୭ ଉଇକେଟ ହରାଇ ୧୦୨ ରନ କରି ୩ ଉଇକେଟରେ ବିଜୟୀ ହୋଇଥିଲା। କୋଷ୍ଟଗାର୍ଡର ଅଙ୍କୁଶ ରାଣା ୨୩ ବଲରେ ୫୪ ରନ କରିଥିଲେ। ଯେଉଁଥିରେ ୭ଟି ଛକା ସାମିଲ ଥିଲା। ୪ର୍ଥ ମ୍ୟାଚରେ ପିପିଏଲ ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ ହରାଇ ୧୧୩ ରନ କରିଥିଲା। ପିପିଏଲ୍‌ର ରୋମାଞ୍ଚ ଦାସ ୨୮ ବଲରେ ଅପରାଜିତ ୬୫ ରନ କରିଥିଲେ। ୧୧୪ ରନର ବିଜୟ ଲକ୍ଷ୍ୟ ନେଇ କେଆଇସିଟିପିଏଲ୍ ୭ଟି ଉଇକେଟ ହରାଇ ୫୧ ରନ କରି ପରାଜିତ ହୋଇଥିଲା। ପିପିଏଲ୍‌ର ଯଶୋବନ୍ତ ଜେନା ୩ଟି ଉଇକେଟ ନେଇଥିଲେ। ରବିବାର ପାରାଦୀପ ବନ୍ଦରରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଇରାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ



ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି।

କୁଜଙ୍ଗ,୧୨।୪ (ମନୋଜ ପ୍ରଧାନ)

**କୁଜଙ୍ଗ ମହୋତ୍ସବ ୪ର୍ଥ ସନ୍ଧ୍ୟା**

ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କୁଜଙ୍ଗ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଇରା ମହାନ୍ତିଙ୍କ ସଙ୍ଗୀତ ମୂର୍ଚ୍ଛନାରେ ଦର୍ଶକ ଝୁମିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଦର୍ଶକ ନାଚିଥିଲେ। ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମାଗଣାରେ ପାନୀୟ ଜଳ ଓ ଚା ଦର୍ଶକଙ୍କୁ ଯୋଗାଇ ଦିଆଯାଉଛି। ପ୍ରବଳ ଜନସମାଗମକୁ ଆଖିଆଗରେ ରଖି କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରୁଛନ୍ତି। ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ସଭାପତି ତଥା କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରମୁଖ ଯୋଗଦେଇ କୁଜଙ୍ଗ ହେଉଛି କୁଜଙ୍ଗ ରାଜ୍ୟର ରାଜଧାନୀ। ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟରୁ ଏଠାରେ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଥିଲା। ଯାହାକି ଏଥିରୁ ପ୍ରମାଣିତ ହେଉଛି କୁଜଙ୍ଗ ରାଜ୍ୟ ଏକ ବିକଶିତ ରାଜ୍ୟ ଥିଲା।

ବର୍ତ୍ତମାନ ସେହି ଅତୀତର କୁଜଙ୍ଗ ରାଜ୍ୟ ପାରାଦୀପ ଶିଳ୍ପ ନଗରୀରେ ପରିଣତ ହେବା ସହ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ତେଣୁ କୁଜଙ୍ଗର ଐତିହ୍ୟ, ପରମ୍ପରା, ସଂସ୍କୃତି, ନୌବାଣିଜ୍ୟ ପରମ୍ପରା ସମଗ୍ର ଓଡ଼ିଶା ପାଇଁ ଅନୁଶୀଳନ ବୋଲି କହିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତପନ କୁମାର ସାମନ୍ତରାୟ, ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟର ସାଧାରଣ ସମ୍ପାଦକ ତପନ କୁମାର ତ୍ରିପାଠୀ, ମହୋତ୍ସବ କମିଟି କୋଷାଧ୍ୟକ୍ଷ ଶ୍ରୀନିବାସ ସ୍ୱାଇଁ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ, ଶିଳ୍ପ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଯୁବନେତା ରାଜେନ୍ଦ୍ର ନାରାୟଣ ଦାସ, ଅନୁଜ ପଣ୍ଡା, ଦୁଷ୍ମନ୍ତ ନାଥ ଶର୍ମା, ଅମିତ ପ୍ରଧାନ, ନାରୀନେତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

**କାଳ ବୈଶାଖୀ ପ୍ରଭାବରେ ବର୍ଷା**

ଖଣ୍ଡପଡା,(ଅଜୟ କୁମାର ମହାରଣା)-ଖଣ୍ଡପଡା ଅଞ୍ଚଳରେ ଶନିବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ହେବା ଯୋଗୁ ଅଞ୍ଚଳବାସୀ ଆଶ୍ୱସ୍ତ ଲାଭ କରିବା ସହ ଗ୍ରୀଷ୍ମ ତାତିରୁ ସାମାନ୍ୟ ମୁକ୍ତି ପାଇଛନ୍ତି । ଗତ କିଛି ଦିନ ଧରି ଗ୍ରୀଷ୍ମର ପ୍ରକୋପ ଜନ ଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ବର୍ଷା ପରେ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଛି । ଦୀର୍ଘ ୧ ଘଣ୍ଟା ଧରି ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଘଡଘଡି ସହ ମଧ୍ୟମ ଧରଣର ବର୍ଷା ହୋଇଥିବା ଜଣାପଡିଛି ।

# ଚଇତି ପର୍ବ ପାଇଁ ଉତ୍ସବମୁଖର ଖଣ୍ଡପଡ଼ା

ଖଣ୍ଡପଡା,୧୨।୪(ଅଜୟ କୁମାର ମହାରଣା)



କୈବର୍ତ୍ତ ସମ୍ପ୍ରଦାୟର ଆରାଧ୍ୟ ହେଉଛନ୍ତି ମା' ସିଦ୍ଧ ବାସୁଳୀ । ଘୋଡ଼ାନାଚ ବାସୁଳୀ ପୂଜାର ଅଂଶ ବିଶେଷ । ଆମ କଳା ସଂସ୍କୃତିକୁ ପରିପୁଷ୍ଟ କରିବା ଦିଗରେ ଘୋଡ଼ାନାଚର ବହୁ ଅବଦାନ ରହିଛି । ଚଇତ ଆସିଲେ ଏହି ଲୋକନାଟରେ ମୁଖରିତ ହୋଇଉଠେ ଓଡ଼ିଶାର ପୁରପଲ୍ଲୀ । କଣ୍ଟିଲୋ ଅଞ୍ଚଳ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ମହାଆଡ଼ମ୍ବର ସହକାରେ ପାଳନ କରିଥାନ୍ତି । ବାସୁଳୀ ଅର୍ଥାତ୍ ଘୋଡ଼ାକୁ ଲୋକେ ପୂଜା କରିବା ପରେ ପାରମ୍ପରିକ ଘୋଡ଼ାନାଚ ମାଧ୍ୟମରେ ଏହି ପର୍ବର ମହାତ୍ମ୍ୟ ପ୍ରଚାର କରିଥାଆନ୍ତି । ପ୍ରାଚୀନ କଳା ସଂସ୍କୃତିର ଏହି ଘୋଡ଼ାନାଚ ସମୟର ପରିବର୍ତ୍ତନ ଧାରାରେ ଏବେ ଅବକ୍ଷୟମୁଖୀ ।

ଶନିବାର ଚୈତ୍ର ପୂର୍ଣ୍ଣମୀ ତିଥିରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ଓ କଣ୍ଟିଲୋ ଫକୀରଅତବୁଦ୍ଧିପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁ ମଧ୍ୟରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ । ସେହିପରି ସିଧାମୂଳା ତଳ କେଉଟ ସାହି ଓ କଣ୍ଟିଲୋ କଂସାରୀ ସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡ ଦୁଆରେ ଏକ ଘୋଡ଼ା ମୁଣ୍ଡକୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କୈବର୍ତ୍ତମାନେ ଏକାଠି ହୋଇ ବାସୁଳୀଙ୍କ ପ୍ରତୀକ ଅଶ୍ୱ ମୁଖାକୁ ସଜାଇ ଏକ ବେଦୀ ଉପରେ ରଖି ପୂଜା କରିବା ସମୟରେ ମା'ବାସୁଳୀକୁ ଭୋଗ ମଧ୍ୟରେ ଫଳମୂଳ ସହିତ ଅଣ୍ଡା, ମାଛ ଓ କୁକୁଡାକୁ ବଳି ଦେଇଥିଲେ । ଅପରାହ୍ନ ପ୍ରାୟ ୨ଟା ସମୟରେ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ(କାଷ୍ଠ ନିର୍ମିତ ଅଶ୍ୱ ମୁଣ୍ଡ)ଠାକୁରାଣୀଙ୍କୁ ଫୁଲମାଳରେ ସଜ୍ଜିତ କରି ବାଉଁଶରେ ନିର୍ମିତ ଘୋଡ଼ାକୁ ବେଶ କରି ଗ୍ରାମ ମଧ୍ୟରେ ପୂଜା ଓ ବନ୍ଦାଣ ପାଇଁ ବିଜେ କରା ଯାଇଥିଲା । ଏହି ପର୍ବ ଚୈତ୍ର ପୂର୍ଣ୍ଣମୀଠାରୁ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ପରମ୍ପରା ଥିଲେ ମଧ୍ୟ ଏଠାରେ ମାତ୍ର ୪ ଦିନ କାର୍ଯ୍ୟକ୍ରମ ପାଳନ କରାଯାଇଥାଏ ।

ଶନିବାର ଥିଲା ଚଇତି ପର୍ବର ପ୍ରଥମ ଦିବସ । ଏହି ଅବସରରେ ମା'ବାସୁଳୀଙ୍କୁ ଏକ ପାଟପଟୁଆରରେ ଗ୍ରାମ ପରିକ୍ରମା କରି ପ୍ରଥମେ ବାସୁଳୀ ରହୁଥିବା ମାନସ ଖଟୁଆଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଟେରୀ ଖାଇଥିଲେ । ପରେ ବାସୁଳୀଙ୍କୁ ଗାଁ କୋଠ ଘରକୁ ବିଜେ କରା ଯାଇଥିଲା । ସନ୍ଧ୍ୟାରେ ବାସେଲୀଙ୍କୁ ନୀଳମାଧବ ମନ୍ଦିର ସିଂହ ଦ୍ୱାରକୁ ବିଜେ କରାଯାଇ ପୂଜା କରାଯାଇଥିଲା । ଏ ଅବସରରେ ଆଜି ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ସଭାପତି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି । ସେହିପରି କଂସାରୀ ସାହି ପାଟଣା ନିଆଳୀ କୈବର୍ତ୍ତ ସଂପ୍ରଦାୟର ଲୋକମାନେ ପାଟ ପଟୁଆରରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରିବା ପରେ ମା'ବାସୁଳୀଙ୍କ ନିଜ କୋଠିକୁ ଆଣି ସ୍ଥାପନା କରାଯାଇଥିଲା ।

# ତାଣ୍ଡବ ରଚିଲା କାଳବୈଶାଖୀ



ବିଦ୍ୟୁତ ଖୁଣ୍ଟ ଭାଙ୍ଗି ରାସ୍ତାରେ ପଡିଛି ।

ନୂଆଗାଁ,୧୨।୪(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ହୋଇଥିଲା । ଫଳରେ ନୂଆଗାଁ ସଦର ମହକୁମାଠାରୁ ସମ୍ପଡ଼ା ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ଅନେକ ଗଛ ଭାଙ୍ଗି ରାସ୍ତାରେ ପଡିଥିବା ଦେଖିବାକୁ ମିଳିଥିଲା । ବହୁ ଚାଳ ଓ ଛପର ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ନୂଆଗାଁ ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତାରୁ ଗଛ କାଟି ବାହାର କରିଥିଲେ । ସେହିପରି ପ୍ରବଳ ବେଗରେ ପବନ ହେବା ଫଳରେ ନୂଆଗାଁଠାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ରାସ୍ତାରେ ପଡିଥିଲା । ଫଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା ।

# ନୀଳମାଧବଙ୍କ ପୀଠକୁ ପଡ଼ିଥିବା ରାସ୍ତା ପ୍ରଶସ୍ତୀକରଣ ହେଉନି

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ ସର୍ବଜନ ବିଦିତ । ଏହି କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ନବୀକରଣ ସହ ପ୍ରଶସ୍ତିକରଣ ନିମନ୍ତେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଖଣ୍ଡପଡ଼ା ବାଣପୁର ଓ ଶୁଳିଆ ଛକ ଠାରୁ କଣ୍ଟିଲୋ ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତା ୨ଟି ଜନଗହଳି ପୂର୍ଣ୍ଣ ଖଳିସାହି, ମର୍ଦ୍ଦରାଜପୁର ଓ ବେଣାଗାଡିଆ ଗ୍ରାମ ମଧ୍ୟ ଦେଇ ଯାଇଛି । ଦୈନିକ ଉକ୍ତ ରାସ୍ତା ଦେଇ ବହୁ ସଂଖ୍ୟାରେ ଭାରିଯାନ, ଯାତ୍ରୀବାହୀ ଯାନ ସହ ପ୍ରତ୍ୟେହ ଶତାଧିକ ହାଇୱା ଗାଡି ମହାନଦୀରୁ ବାଲି ବୋଝେଇ କରି ଯାତାୟତ କରଥାଆନ୍ତି । ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଇ ଖାଲଖମା ସୃଷ୍ଟି ହୋଇଛି । ଖଣ୍ଡପଡ଼ାରୁ କଣ୍ଟିଲୋର ଦୂରତା ୧୪ କିମି ହୋଇଥିବା ବେଳେ ଉକ୍ତ ରାସ୍ତାକୁ ଅତିକ୍ରମ କରିବା ପାଇଁ ଯାନବାହନଗୁଡିକୁ ୪୫ ମିନିଟ ସମୟ ଲାଗୁଛି । ଅଣ ଓସାରିଆ ରାସ୍ତାର ଦୁରାବସ୍ଥା ସାଙ୍ଗକୁ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ଅପରପକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶୁଳିଆ ଛକଠାରୁ ୩ କିମି ଦୂରତ୍ୱ ବିଶିଷ୍ଟ କଣ୍ଟିଲୋକୁ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣର ଗୋଟିଏ ମାସ ମଧ୍ୟରେ ଫାଟି ନଷ୍ଟ ହେବାକୁ ବସିଲାଣି । ସେହିପରି ରାସ୍ତାପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଋତୁରେ ରାସ୍ତା ସାରା ପାଣି ଜମି ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି । ବର୍ଷ ତମାମ ରାଜ୍ୟର କୋଣ ଅନୁକୋଣ ସମେତ ରାଜ୍ୟ ବାହାରରୁ ପର୍ଯ୍ୟଟକମାନେ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବାକୁ ଆସୁଛନ୍ତି । ଏଣୁ ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ ସହ ପ୍ରଶସ୍ତିକରଣ ଦିଗରେ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର



ଓଡିଆ ପକ୍ଷ ପାଳନ ଅବସରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ ।

ଦଶପଲ୍ଲା,୧୨।୪(ପ୍ରକାଶ କୁମାର ପାଣି)

ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଓଡିଆ ପକ୍ଷ ଅବସରରେ ବରପୁତ୍ରମାନଙ୍କ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବ୍ଲକ ଏବିଡିଓ ସାରଦା ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଅବସରପ୍ରାପ୍ତ ଅଧାପକ ଅଲେଖ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ବରପୁତ୍ରମାନଙ୍କ ଉପରେ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ବେହେରା, ପ୍ରଫୁଲ ମିଶ୍ର, ସରୋଜ ପଣ୍ଡା, ସନ୍ତୋଷ କୁମାର ସାହୁ, ରଶ୍ମି ପ୍ରଧାନ, ଅଧାପକ ଗୋପୀନାଥ ସାହୁ, ପ୍ରଫୁଲ୍ଲ ମିଶ୍ର, ଅନ୍ତର୍ଯ୍ୟାମୀ ଭୂୟାଁ, ପ୍ରଶାନ୍ତ କୁମାର ସାହୁ,ରବିନ୍ଦ୍ର ମିଶ୍ର, ମୁରଲୀଧର ମହାରଣା, ପ୍ରାଣକୃଷ୍ଣ ବେହେରା, ପ୍ରମୋଦ କୁମାର ପ୍ରଧାନ, ଅରୁଣ ଡାକୁଆ ସମେତ ବହୁ ବକ୍ତା ମହାପୁରୁଷଙ୍କ ଉପରେ ଆଲୋଚନା କରିଥିଲେ । ଏହି ଆଲୋଚନା ଚକ୍ରରେ ବହୁ ସାହିତ୍ୟିକ,କବି ଏବଂ ମାନ୍ୟଗଣ୍ୟ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟ ରଞ୍ଜନ ସାହୁ, କନିଷ୍ଠ ସହାୟକ ଯୋଗେଶ୍ୱର ମାଝୀ,ମାନସ କୁମାର ପ୍ରଧାନ ଏବଂ ବିକାଶ କୁମାର ସାସେନୀ ପ୍ରମୁଖ ପରିଚାଳନା କରିଥିଲେ ।

# ଗିରି ହନୁମାନ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଗିରିହନୁମାନ ପୀଠରେ ଶନିବାରଠାରୁ ୩ଦିନ ବ୍ୟାପୀ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉତ୍ସବ ଅନୁଷ୍ଠିତ ହୋଇଛି । ଅଧିବାସ ଅବସରରେ ନିକଟସ୍ଥ ନଦୀରୁ ଜଳ ସଂଗ୍ରହ କରାଯାଇ ଏକ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ପୁରୁଷ ସହର ପରିକ୍ରମା କରି ଯଜ୍ଞବେଦୀରେ କଳସ ଗୁଡିକୁ ସ୍ଥାପନ କରିଥିଲେ । ପରେ ଅଧିବାସ କର୍ମ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରାହ୍ମଣ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ସମସ୍ତ ଭକ୍ତଙ୍କ ପାଇଁ ଗିରିହନୁମାନ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ସୁଧୁରୁନି ସହର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ଉଜ୍ଜ୍ୱଳ ଆଲୋକୀକଣ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ୧୩ ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟରାସ୍ତା ସମେତ ଗଳିକନ୍ଦି ରାସ୍ତାରେ ଯେଉଁଠି ଦେଖିବ ସେଇଠି ବିଦ୍ୟୁତ ଖୁଣ୍ଟପୋତାଯାଇ ଏଲଇଡି ବଲ୍‌ବ ଲଗାଯାଇଛି । ମାତ୍ର ଏବେ ଅଧିକାଂଶ ବିଦ୍ୟୁତ ଖୁଣ୍ଟରେ ସଞ୍ଜ ନଇଁଲେ ଆଉ ବଲ୍‌ବ ଜଳୁନାହିଁ । ରାତି ସାରା ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ଅନ୍ଧାରରେ ରହୁଛି । ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଉପରୋକ୍ତ ସମସ୍ୟା ସମ୍ପର୍କରେ ଅବଗତ ଥିଲେ ହେଁ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି ।

ସହରାଞ୍ଚଳର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିବା ପଛରେ କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଅନେକ କୋଟି ଟଙ୍କାର ଅନୁଦାନ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେଇଥିଲେ ହେଁ ଅନୁଦାନ ଅର୍ଥ ଠିକଣା ବାଟରେ ବିନିଯୋଗ ନ ହୋଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ସେହିପରି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିବା ପଛର କାରଣ ଜଳ ଜଳ ହୋଇ ଦିଶୁଛି । ବିଭିନ୍ନ କମ୍ପାନୀଠାରୁ ନିମ୍ନମାନର ବିଦ୍ୟୁତ ସାମଗ୍ରୀ ଓ ଏଲ୍‌ଇଡି ବଲ୍‌ବ କ୍ରୟ କରାଯାଇ ବିଦ୍ୟୁତ ଖୁଣ୍ଟରେ ଲଗାଯାଉଥିବାରୁ ସ୍ୱଳ୍ପ ଦିନରେ ତାହା ଅକାମି ହୋଇପଡୁଛି । ଏବେ ସହରର ଏକାଧିକ ବିଦ୍ୟୁତ ଖୁଣ୍ଟରେ ନାମକୁ ମାତ୍ର ଏଲ୍‌ଇଡି ଲାଇଟ ଗୁଡିକ ଲାଗିଛି । ମାତ୍ର ରାତିରେ ସେ ସବୁ ଜଳୁନାହିଁ । ଏହି ଆଲୋକୀକରଣ ବ୍ୟବସ୍ଥା ପାଇଁ ଗତ ୩୫ ବର୍ଷ ମଧ୍ୟରେ ଅନେକ କୋଟି ଟଙ୍କା ବ୍ୟୟ ହୋଇଥିଲେ ହେଁ ଏହାର ସୁଫଳ ସହରବାସୀ ନ ପାଇବା ପରିତାପର ବିଷୟ ବୋଲି ସହରର ଲୋକମାନେ କହିଛନ୍ତି । ଏହି ଦୁର୍ନୀତିର ତଦନ୍ତ ଭିଜିଲାନ୍ସ ବିଭାଗ ଓ ରାଜ୍ୟ ସରକାରଙ୍କ ନଗର ଉନ୍ନୟ ବିଭାଗ ପକ୍ଷରୁ କରାଯିବାକୁ ଦାବି ହେଉଛି ।

# ମା' ହେଙ୍ଗୁଳା ଠାକୁରାଣୀଙ୍କ ଜନ୍ମୋତ୍ସବ ପାଳିତ



ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

କଣ୍ଟିଲୋ ହାଟମୁଣ୍ଡପାଟଣାସ୍ଥିତ ମା' ହେଙ୍ଗୁଳା ଦେବୀଙ୍କ ଜନ୍ମୋତ୍ସବ ପବିତ୍ର ଚୈତ୍ର ପୂର୍ଣ୍ଣମୀରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମହିଳା, ପୁରୁଷମାନେ ନିକଟସ୍ଥ ମହାନଦୀ ଘାଟରୁ କଳସୀରେ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ । ଶନିବାର ଏଠାରେ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ଭାଗବତ ମଣ୍ଡଳୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣ ତଥା ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଅଖିଳ କୁମାର ମହାପାତ୍ର, ମଦନମୋହନ ଶିରୋମଣି, ବାସୁଦେବ ସାହୁ, ଆଶୁତୋଷ ମହାପାତ୍ର, ସମୀର କୁମାର ମହାପାତ୍ର, ମିଥୁନ କୁମାର ବେହେରା ପ୍ରମୁଖ ସ୍ଥାନୀୟ ଯୁବକମାନେ ପରିଚାଳନା କରିଥିଲେ ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ନାଟ୍ୟରଥୀ ଗୋବିନ୍ଦ ଶୁରଦେଓ



ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

ନୟାଗଡ଼,୧୨।୪(ଲୋକନାଥ ମିଶ୍ର)

**୧୪୧ତମ ଜୟନ୍ତୀ ଉତ୍ସବରେ ଶ୍ରଦ୍ଧାଞ୍ଜଳି**


ଓଡ଼ିଶାର ଅନ୍ୟତମ ବରପୁତ୍ର, ବହୁମୁଖୀ ପ୍ରତିଭା,ମହାନ ନାଟ୍ୟକାର ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୁରଦେଓଙ୍କ ୧୪୧ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି । ମୈତ୍ରୀ ଯୁବ ସଂସଦ, ନାଟ୍ୟଧାରା ଏବଂ ସଙ୍ଗୀତଧାରାର ମିଳିତ ଆନୁକୂଲ୍ୟରେ ଶନିବାର ପ୍ରତ୍ୟୁଷରେ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରସ୍ଥ ନାଟ୍ୟରଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିସହିତ ନାଟ୍ୟରଥୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଜୟନ୍ତୀ ଉତ୍ସବରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଦାମୋଦର ସାହୁ,ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୁରଦେଓ,କବି ଅଶୋକ ମଲ, ଯୁବ ମୈତ୍ରୀ ସଂସଦ ସମ୍ପାଦକ ପ୍ରଦୀପ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ଗୋକୁଳ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦାନ କରି ନାଟ୍ୟରଥିଙ୍କୁ ସସମ୍ମାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଗୋବିନ୍ଦ ଶୁରଦେଓ ନାଟକ ରଚନା ସହିତ ଚିତ୍ରସଜ୍ଜା,ମଞ୍ଚସଜ୍ଜା,ନାଟ୍ୟ ନିର୍ଦ୍ଦେଶନା, ଗୀତିକାର, ସଙ୍ଗୀତ ସଂଯୋଜନା, କଣ୍ଠଦାନ, ଅଭିନୟ ତଥା ଅଭିନେତାମାନଙ୍କର ବେଶସଜ୍ଜା କରିବାରେ ମାହିର ଥିଲେ । ସେହିପରି ରାସଲୀଳାକୁ ଅତ୍ୟାଧୁନିକ ନାଟ୍ୟରୂପ ଦେବାରେ ନାଟ୍ୟରଥୀ ଗୋବିନ୍ଦ ଶୁରଦେଓ ହିଁ ଓଡ଼ିଶାରେ ପ୍ରଥମ ଥିଲେ । ଏହିପରି ଜଣେ ବହୁମୁଖୀ ପ୍ରତିଭା ଯେ କେବଳ ନାଟ୍ୟଜଗତରେ ପ୍ରସିଦ୍ଧି ଲାଭ କରିଥିଲେ ତା'ନୁହେଁ ଜାତୀୟ ଆନ୍ଦୋଳନରେ ଭାଗ ନେଇ ରଚନା କରିଥଲେ ଅନେକ ଦେଶାତ୍ମବୋଧ ସଙ୍ଗୀତ । ଏପରିକି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସ୍ୱର୍ଗତ ଶୁରଦେଓଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ବୋଲି ବକ୍ତାମାନେ କହିଥିଲେ ।

# ପରିବେଶ ସ୍ୱଚ୍ଛତା ପାଇଁ ପୁରସ୍କାର ପ୍ରଦାନ

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢି ତୋଳିବାକୁ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି କ୍ରମରେ କାର୍ଯ୍ୟ କରୁଥିବା ସ୍ୱଚ୍ଛସାଥୀମାନଙ୍କୁ ସଦାସର୍ବଦା ସହଯୋଗର ହାତ ବଢାଉଥିବା ବ୍ୟକ୍ତି ବିଶେଷଙ୍କୁ ଏନଏସି କର୍ତ୍ତୃପକ୍ଷ ପୁରସ୍କୃତ କରିବାର ବ୍ୟବସ୍ଥା କରିଛି । ଯେଉଁ ବ୍ୟକ୍ତିମାନେ ଘରୁ ବାହାରୁଥିବା ଅଳିଆକୁ ଏଣେତେଣେ ନ ପକାଇ ଡଷ୍ଟବିନରେ ପକାଇବା ସହ ବର୍ଜ୍ୟବସ୍ତୁ ପରିଚାଳନାରେ ସଫେଇ କର୍ମଚାରୀଙ୍କୁ ସହଯୋଗ କରୁଛି ସେମାନେ ଏନଏସି କର୍ତ୍ତୃପକ୍ଷଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିବା ଜଣାପଡିଛି ।

# ଖଣ୍ଡପଡ଼ାରେ ଯୁବ ଲେଖକ ସମ୍ମିଳନୀ



ଯୁବ ଲେଖକ ସମ୍ମିଳନୀରେ ଯୋଗଦେଇଥିବା ଲେଖିକା ଲେଖକ ଓ ଅନ୍ୟମାନେ ।

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ନିର୍ଦ୍ଦେଶିତ ଓଡ଼ିଆ ପକ୍ଷ ପାଳନ ଅବସରରେ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଯୁବ ଲେଖକ ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଓ ପଠାଣି ସାମନ୍ତ ମହାବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର ଯୋଗଦେଇ ନିଜସ୍ୱ ରଚିତ କବିତା,କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧମାନ ପାଠ କରି ଓଡ଼ିଆ ଅସ୍ମିତା ସଂପର୍କୀୟ ତଥ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଖଣ୍ଡପଡା ବିଡିଓ ଅଙ୍କୁର ଅଭିଳାଷ, ଏବିଡିଓ ଝାଡେଶ୍ୱର ଦାସ, ଅତିରିକ୍ତ ନିର୍ବାହୀ ଅଧିକାରୀ ଆଶୁତୋଷ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଅଧାପକ ଅଜିତ ବସନ୍ତରାୟ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଓ) ଅନିତ ବଡସେଟ, କୃଷିଅଧିକାରୀ ଲକ୍ଷ୍ମୀକାନ୍ତ ଦାଶ, ଶିକ୍ଷକ ବିନାୟକ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ଆଲୋକ ପ୍ରଧାନ ସଂଯୋଜନା କରିଥିବା ବେଳେ ଛାତ୍ରୀ ଆଦ୍ୟାଶା ସାହୁ, ମଧୁସ୍ମିତା ସାହୁ, ସୋନାଲି ପଣ୍ଡା, ବିଷ୍ଣୁପ୍ରିୟା ଡ଼ାକୁଆ, ମଧୁସ୍ମିତା ମାଣିଆ, ବିଷୟା ପ୍ରଧାନ, ଛାତ୍ର ପ୍ରୀତିକାନ୍ତ ପଣ୍ଡା, ଚନ୍ଦନ ପରିଡା ପ୍ରମୁଖ କବିତା, କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ପାଠ କରିଥିଲେ । ଏଥିରେ ଖବରଦାତା ଶାନ୍ତି ଶେଖର ରଥ, ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ ।

# ମହିଷାଷୁଣୀ ପୀଠରେ ହାଣ୍ଡିଭଙ୍ଗା ଉତ୍ସବ

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)



ହାଡ଼ିଭଙ୍ଗା ଉତ୍ସବରେ ସାମିଲ ହୋଇଥିବା ମହିଳାମାନେ ।

ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ମହୁଲପଡ଼ା ଗ୍ରାମରେ ବିରାଜିତ ମା'ମହିଷାଷୁଣୀ ଆଖପାଖ ଅଞ୍ଚଳର ଇଷ୍ଟ ଠାକୁରାଣୀ ଭାବେ ପରିଚିତ ଓ ପ୍ରସିଦ୍ଧି ଲାଭ କରିଛନ୍ତି । ଏହି ପୀଠରେ ସମ୍ପ୍ରତି ପାଳିତ ହୋଇଯାଇଥିବା ମାନସିକ ପର୍ବ ହାଣ୍ଡିଭଙ୍ଗା ଉତ୍ସବ ଏକ ନିଆରା ପରମ୍ପରା । ତେବେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ଅଭାବ ଯୋଗୁ ଲୋକେ ନଳକୂପର ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରି ନାନା ରୋଗରେ ପୀଡ଼ିତ ହେଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ କରୁଥିବା ପୂଜକ ରମେଶ ଚନ୍ଦ୍ର ରଣା, ବାସିନ୍ଦା ଆନନ୍ଦ କୁମାର ଜେନା, ବିପିନ ବିହାରୀ ପୃଷ୍ଟି ସୂଚନା ଦେଇଛନ୍ତି ।

ମହାବିଷୁବ ସଂକ୍ରାନ୍ତି ପରେ ଆରମ୍ଭ ହୋଇଥାଏ ବୈଶାଖୀ ବ୍ରତ । ଚୈତ୍ର ପୂର୍ଣ୍ଣମୀ ଅବସରରେ ମହୁଲପଡା ଓ ଏହାର ଆଖପାଖ ଅଞ୍ଚଳର ଲୋକେ ହାଣ୍ଡିଭଙ୍ଗା ଉତ୍ସବ ପାଳନ କରିଥାନ୍ତି । ଚୈତ୍ର ମାସ ଶେଷ ଓ ବୈଶାଖମାସର ପ୍ରାରମ୍ଭରେ ପ୍ରତ୍ୟେକ ବର୍ଷ ପରି ପାରମ୍ପରିକ ରୀତିରେ ହାଣ୍ଡିଭଙ୍ଗା ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସଂସାରର ମଙ୍ଗଳ କାମନା କରାଯାଇ ମା'ମହିଷାଷୁଣୀ ପୀଠରେ ଅହୋରାତ୍ର ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥାଏ । ବିଶେଷ କରି ମହୁଲପଡା ଗ୍ରାମର ଗୃହିଣୀମାନେ ଚୈତ୍ର ପୂର୍ଣ୍ଣମୀ ସକାଳୁ ସକାଳୁ ସ୍ନାନ କରି ଶୁଦ୍ଧପୁତ ଭାବେ ଘରୁ ରୋଷେଇ ସାମଗ୍ରୀମାନ ନେଇ ମା'ମହିଷାଷୁଣୀଙ୍କ ପାଖରେ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ । ପରେ ଗ୍ରାମ ଦେବତୀ ମା'ମହିଷାଷୁଣୀ ମନ୍ଦିର ବେଢାରେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ଭୋଗ ରୋଷେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହୁଲପଡା, ଦରଦା, ଜଗନ୍ନାଥ ପ୍ରସାଦ ଏବଂ ଆଖପାଖ ଅଞ୍ଚଳର ଶତାଧିକ ଗୃହିଣୀ ଯୋଗ ଦେଇଥିବା ବେଳେ ଏତେ ସଂଖ୍ୟକ ମହିଳାମାନଙ୍କ ରୋଷେଇ ପ୍ରସ୍ତୁତିରେ ମନ୍ଦିର ବେଢା ମଧ୍ୟରେ ସ୍ଥାନାଭାବ ଯୋଗୁ ମନ୍ଦିର ପାଖକୁ ଲାଗିଥିବା ଜମିମାନଙ୍କରେ ମହିଳାମାନେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରିଥିଲେ । ସମସ୍ତ ଗୃହିଣୀମାନଙ୍କ ରୋଶେଇ ପକ୍ରୀୟା ସଂପନ୍ନ ହେବାରେ ମନ୍ଦିର ପୂଜକ ମା'ଙ୍କ ପୂଜା ସାରି ପ୍ରଥା ଅନୁସାରେ ପ୍ରତ୍ୟେକଙ୍କ ମାଟି ହାଣ୍ଡିରୁ ପ୍ରସ୍ତୁତ ଅନ୍ନ ଭୋଗକୁ ମା'ଙ୍କ ଉଦ୍ଦେଶ୍ୟରେ ପୂଜା କରିଥିଲେ । ପରେ ପୂଜାରୀ, ଗୃହିଣୀମାନେ ଘରୁ ଆଣିଥିବା ଅନ୍ୟାନ୍ୟ ଧାତୁ ପାତ୍ରକୁ ସଂପୃକ୍ତ ଅନ୍ନ ପ୍ରସାଦକୁ କାଢି ଦେଇଥିଲେ । ସମସ୍ତଙ୍କ ଅନ୍ନ ଭୋଗ ମାଟି ହାଣ୍ଡିରୁ ଖାଲି ହେବା ପରେ ମହିଳାମାନେ ରୋଷେଇ ହୋଇଥିବା ଖାଲି ମାଟି ହାଣ୍ଡି ଓ ଏକ କାଠ ଫାଳିଆ ନେଇ ମନ୍ଦିର ନିକଟ ଏକ ପୁଷ୍କରିଣୀ ମଧ୍ୟରେ ସଂପୃକ୍ତ ହାଣ୍ଡିକୁ କାଠଫାଳିଆରେ ବାଡାଇ ଭାଙ୍ଗି ଠାକୁରାଣୀଙ୍କ ପୁଷ୍କରିଣୀରେ ବୁଡି ସ୍ନାନ କରିବାର ପରମ୍ପରା ରହିଛି । ମାତ୍ର ସଂପୃକ୍ତ ପୋଖରୀରେ ଆବଶ୍ୟକ ପାଣି ନଥିବାରୁ ଚଳିତ ବର୍ଷ ମହିଳା ଏବଂ ପୁରୁଷ ମାନେ ମାଟି ହାଣ୍ଡିକୁ ଅନ୍ୟତ୍ର ନେଇ ଭାଙ୍ଗିଥିବା ପରିଲକ୍ଷିତ ହୋଇଥିଲା । ଏହି ପର୍ବକୁ ମହିଳାମାନେ ସେମାନଙ୍କ ପିଲାମାନଙ୍କ ସହିତ ପରିବାରର ମଙ୍ଗଳ କାମନାକରି ପାଳନ କରିଥାନ୍ତି । ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ଏହି ହାଣ୍ଡିଭଙ୍ଗା ଉତ୍ସବ ସମାପନ ହୋଇଯାଇଥିଲା । ଗ୍ରାମର ସଭାପତି ଭାଗିରଥୀ ନାୟକ, କମିଟିର ସଦସ୍ୟ କାଶୀନାଥ ପ୍ରଧାନ, ବଂଶୀଧର ନାୟକ, ଆନନ୍ଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କୁହନ୍ତି ପ୍ରତ୍ୟେକ ବର୍ଷ ଏହି ମେଳା ପାଳିତ ହେବା ଦ୍ୱାରା ଗ୍ରାମରେ ଏକତା ଓ ସଂହତି ବୃଦ୍ଧି ଘଟୁଛି । ସମସ୍ତଙ୍କ ମନରେ ହସ ଖୁସି ପରିଲକ୍ଷିତ ହେଉଛି । ଗ୍ରାମରେ ବହୁ ବନ୍ଧୁବାନ୍ଧବଙ୍କ ସମାଗମ ହୋଇଥାଏ । ଯୁବ କଳାକାରମାନେ ନିଜର କଳା ପ୍ରଦର୍ଶନ କରି ଆନନ୍ଦିତ ହୋଇଥାନ୍ତି ।

# କୁଶି ସେତୁ ଦବୁଛି

■ ବାଲି ଖାଦାନକୁ ନେଇ ଚିନ୍ତା
■ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଗ୍ରାମ୍ୟ ନିର୍ମାଣ ବିଭାଗ
■ ଧନଜୀବନ ହାନି ଆଶଙ୍କା

**ଯାଜପୁର,୧୨।୪(ହର୍ଷବର୍ଦ୍ଧନ ବେହେରା) :**

ନିର୍ମାଣ ଓ ଖଣି ପୋତା କାମ ପାଇଁ ନଦୀ ବାଲିର ଆବଶ୍ୟକତା ବଢ଼ିଛି। ତେଣୁ ସରକାର ବାଲି ଖାଦାନ ଲିଜ୍ ପ୍ରଦାନ ପାଇଁ ଅନେକ ନୀତି ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ଏହି ନୀତିନିୟମ ବାଲି ମାଫିଆ, ଲିଜ୍‌ଧାରୀ ଓ ଲଘୁ ଖଣି ବିଭାଗ କର୍ତ୍ତୃପକ୍ଷଙ୍କ ପାଇଁ କିଛି ଫରକ ପଡୁନାହିଁ। ବରଂ ବାଲି ଉତ୍ତୋଳନରେ ଏମିତି ବେଆଇନ କାର୍ଯ୍ୟ ଚାଲିଛି ଯେ, ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ନଦୀନାଳ ଉପରେ ନିର୍ମାଣ ହୋଇଥିବା ସେତୁଗୁଡିକ ବିପଦାପନ୍ନ ହେବାର ସମ୍ଭାବନା ସୃଷ୍ଟି କରିଛି। ଏଠାରେ ଯାଜପୁର ଜିଲା ଯାଜପୁର ବ୍ଲକ ଚଇନିପୁର ପଞ୍ଚାୟତରୁ ପଣସା ପଞ୍ଚାୟତକୁ ସଂଯୋଗ କରୁଥିବା ଏକମାତ୍ର କୁଶି ସେତୁକୁ ଉଦାହରଣ ଭାବେ ନିଆଯାଇପାରେ। ଏନେଇ ଚଇନିପୁର ସରପଞ୍ଚ, ଜିଲା ପରିଷଦ ସଭ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିବା ପରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତଦନ୍ତ କରିଥିଲେ। ଉକ୍ତ ତଦନ୍ତରେ ସେତୁଟି ୯ ବର୍ଷର ପୁରୁଣା ହୋଇଥିବାବେଳେ ଆଲାଏଜ୍‌ମେଣ୍ଟସ୍ତରର ଦୂରତା ପ୍ରାୟ ୧ ମିଟର ହୋଇଛି। ରାତି ସମୟରେ ସେତୁ ନିକଟରୁ ନିୟମିତ ଭାବେ ବାଲି ଉତ୍ତୋଳନ ହେଉଥିବାରୁ ଅର୍ଡିନାରୀ ଗ୍ରାଉଣ୍ଡ ଲେବୁଲ(ଓଜିଏଲ୍) କ୍ରମଶଃ ତଳକୁ ଖସୁଛି। ଫଳରେ ସେତୁର ଭିତ୍ତିଭୂମି(ଫାଉଣ୍ଡେଶନ) ଦୁର୍ବଳ ହୋଇ ପଡିଛି ବୋଲି ତଦନ୍ତରୁ ଜଣାପଡିଛି। ଏହାପରେ ଉକ୍ତ ତଦନ୍ତ ରିପୋର୍ଟ ସହ ସେତୁ ନିକଟରୁ ବାଲି ଉତ୍ତୋଳନ ବନ୍ଦ କରି ସେତୁର ସୁରକ୍ଷା ଦେବାକୁ ଯାଜପୁର ଜିଲାପାଳଙ୍କୁ ୯।୪।୨୦୨୫ରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅନୁରୋଧ କରିଛନ୍ତି।

ବୈଷୟିକ ଗାଇଡ୍‌ଲାଇନ ଅନୁସାରେ ବ୍ରିଜ୍‌ଠାରୁ ୧ କିମି ଦୂର ମଧ୍ୟରେ କୌଣସି ବାଲି ଖାଦାନକୁ ଅନୁମତି ମିଳିବାର ନିୟମ ନାହିଁ। କିନ୍ତୁ ଏଠାରେ ମାସିକ ଚାନ୍ଦା ଏବଂ ଅନୁମତିଠାରୁ ଢେର ଗୁଣ ଅଧିକ ବାଲି ଚାଲାଣ କାରବାର ଲୋକଙ୍କ ଧନଜୀବନଠାରୁ ଅଧିକ ବୋଲି ଅଭିଯୋଗ ହୋଇଛି। କେବଳ ଚଇନିପୁର ନୁହେଁ ଏହି ସେତୁ ଉପରେ ପଡ଼ୋଶୀ ଭଦ୍ରକ ଜିଲାର ବହୁ ଲୋକ ନିର୍ଭର କରିଥାନ୍ତି। ଏହି ଜିଲାରେ ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, ବିରୂପା, ବୁଢା ଆଦି ନଦୀଗୁଡିକ ରହିଛି। ଏହିସବୁ ନଦୀଗୁଡିକରେ ଥିବା ବାଲିଘାଟରୁ ବାର୍ଷିକ ୨୫ ରୁ ୩୫ ହଜାର ଘନମିଟର ବାଲି ଉତ୍ତୋଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଅନୁସାରେ ଦିନକୁ ହାରାହାରି ୮୨ ଘନ ମିଟର ବାଲି ଉତ୍ତୋଳନ ହୋଇ ପାରିବ। ତଦନୁସାରେ ସଂପୃକ୍ତ ଲଘୁ ଖଣି ଅଧିକାରୀଙ୍କ ପକ୍ଷରୁ ଟିପି(ଟ୍ରାନଜିଟ ପାସ୍)ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଜିଲାର ପ୍ରାୟ ସମସ୍ତ ଅନୁମତି ପ୍ରାପ୍ତ ବାଲିଘାଟରୁ ଧାର୍ଯ୍ୟ ପରିମାଣଠାରୁ ବହୁ ଗୁଣରେ ଅଧିକ ବାଲି ଉତ୍ତୋଳନ କରିବାକୁ ଲିଜ୍‌ଧାରୀମାନେ ନକଲି ଟିପିର ଆଶ୍ରୟ ନେଉଛନ୍ତି। ଫଳରେ ବାଲି ଉତ୍ସଗୁଡିକ କ୍ଷତିଗ୍ରସ୍ତ ହେବାକୁ ବସିଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡ୍‌ଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ତେଣୁ ବ୍ରିଜ ନିକଟରେ ବାଲି ଉତ୍ତୋଳନ କରିବାକୁ ବ୍ୟବସାୟୀମାନେ ପଛାଉ ନାହାନ୍ତି। ଏହିକ୍ରମରେ ଆଙ୍କୁଲା, ଗୋପାଳପୁର, କମାଗଡ ଗ୍ରାମର ବାଲି ବ୍ୟବସାୟୀ ଜୋର ଜବରଦସ୍ତ ସେତୁ ନିକଟରୁ ବାଲି ଉତ୍ତୋଳନ କରୁଛନ୍ତି। ଯାହାଦ୍ୱାରା ସେତୁର ନିମ୍ନ ଅଂଶ ନଷ୍ଟ ହେଉଥିବାବେଳେ ଭବିଷ୍ୟତରେ ଉକ୍ତ ସେତୁଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିବାର ସମ୍ଭାବନା ରହିଛି। ଏପରି କି ନଦୀବନ୍ଧର ପଥର ପ୍ୟାକିଂକୁ ବାଲି ବ୍ୟବସାୟୀମାନେ ନଷ୍ଟ କରି ଦେଇଛନ୍ତି। ଫଳରେ ବନ୍ୟା ସମୟରେ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇ ଧନଜୀବନ ହାନୀ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ସେତୁର ସୁରକ୍ଷା ପାଇଁ ଗ୍ରାମବାସୀ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ବାଲି ବ୍ୟବସାୟୀମାନେ ସେମାନଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି।


କୁଶି ସେତୁ ତଳୁ ବାଲି କାଢ଼ି ନିଆଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଲିପ୍ସିତା


@ ସୁମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜୟ ଶ୍ରୀରାମ ଧ୍ୱନିରେ ସହର କମ୍ପିଲା


ହନୁମାନଙ୍କ ଜୟନ୍ତୀରେ ସାମିଲ ରାମ, ଲକ୍ଷ୍ମଣ,ସୀତା ଓ ହନୁମାନ ବେଶଧାରୀ।


ହନୁମାନଜୀଉଙ୍କ ଜୟନ୍ତୀ ସମାରୋହରେ ବାହାରିଥିବା ଶୋଭାଯାତ୍ରା।

**ଯାଜପୁରରୋଡ୍,୧୨।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍‌ସ୍ଥିତ ସୁନ୍ଦରକାଣ୍ଡ ଭକ୍ତମଣ୍ଡଳ ପକ୍ଷରୁ ହନୁମାନଜୀଉଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଶନିବାର ସକାଳେ ସହରର ଗୋପବନ୍ଧୁ ଛକ ନିକଟ ନନ୍ଦରାମ ବଟିକା ପରିସରରୁ ଏକ ଶୋଭାଯାତ୍ରା ବାହାରି ସହରର ଗୋପବନ୍ଧୁ ଛକ, ଷ୍ଟେସନ ବଜାର, ରାଧାନାଥ ମାର୍ଗ, ଚୋରଦା ବାଇପାସ ଓ ବ୍ୟାଙ୍କ ଷ୍ଟ୍ରିଟ ଦେଇ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ପହଞ୍ଚିଥିଲା। ରାମ,ଲକ୍ଷ୍ମଣ,ସୀତା ଓ ହନୁମାନ ବେଶରେ ସଜ୍ଜିତ ପିଲାମାନେ ରଥରେ ବସି ସହର ପରିକ୍ରମା କରିଥିଲେ। ବାଜାବାଣ, କୀର୍ତ୍ତନ ସହ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା। ବିଶେଷ ଭାବରେ ମାରୱାଡି ସମାଜର ମହିଳାପୁରୁଷ, ଯୁବତୀଯୁବକ ହନୁମାନଙ୍କ ଧ୍ୱଜା ଧରି ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଲକ୍ଷ୍ମୀନାରାୟଣ ମନ୍ଦିରରେ ଦିନ ତମାମ ହନୁମାନ ଚାଳିଶା ପାଠ ସହ ସନ୍ଧ୍ୟାରେ ସୁନ୍ଦରକାଣ୍ଡ ପାଠ କରାଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଯାଜପୁରରୋଡ୍ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ରାସ୍ତାରେ ଶୋଭାଯାତ୍ରୀକାରୀଙ୍କୁ ଥଣ୍ଡା ପାନୀୟ ଏବଂ ସର୍ବତ ପ୍ରଦାନ କରାଯାଇଥିଲା।

# ରାଜ୍ୟସ୍ତରୀୟ ଡିଫା କପ: ପପୁଲାର କ୍ଲବ ସେମିରେ

**ଧର୍ମଶାଳା,୧୨।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଫୁଟ୍‌ବଲ୍ ଆସୋସିଏଶନ(ଡିଫା) ପକ୍ଷରୁ ଚାଲିଥିବା ୨୭ତମ ଡିଫା କପ୍ ଓ ୭ମ ରଞ୍ଜିତ୍ ସ୍ୱାଇଁ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍ କଲିକତାର କେଏଫ୍‌ସି ସହ ଢ଼େଙ୍କାନାଳର ପପୁଲାର୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପପୁଲାର କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ଧର୍ମଶାଳା ବାଣୀପୀଠ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍ ଚିତାକର୍ଷକ ହୋଇଥିଲା। ପ୍ରଥମ ଓ ୨ୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟ୍ରାଏବ୍ରେକ୍ ଜରିଆରେ ଢ଼େଙ୍କାନାଳର ପପୁଲାର୍ କ୍ଲବ ୫-୪ ଗୋଲରେ କେଏଫ୍‌ସିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। କ୍ରୀଡ଼ାବିତ୍ ତଥା ଧର୍ମଶାଳା ଥାନା ଏସ୍‌ଆଇ ରମାକାନ୍ତ ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। ସିପୁ ନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଅର୍ଜୁନ ସିଂଙ୍କୁ ବେଷ୍ଟ ସ୍କୋରର୍ ଭାବେ ଅତିଥି ପୁରସ୍କୃତ କରିଥିଲେ। ଖେଳକୁ ଚିତ୍ତରଞ୍ଜନ ଓଝା ଓ ସେକ୍ ସଲିମ୍ ଅହମ୍ମଦ ପରିଚାଳନା କରିଥିଲେ। ଲାଇନ୍‌ରେ ଶୈଳେସ ପାଣି ଓ ସତ୍ୟପ୍ରକାଶ ବିଶ୍ୱାଳ ସହାୟତା କରିଥିଲେ। ରବିବାର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ କଟକ ୟଙ୍ଗ ଉତ୍କଳ କ୍ଲବ ସହିତ ପୁରୀ ନୀଳଚକ୍ର କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କନ୍‌ଭେନର୍ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।


## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-07: ଏତଦ୍ଵାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**14.04.2025**ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ



ବିଜ୍ଞାପନ ସଂ. ୩୨/୨୦୨୫
ଭାରତ ସରକାର
ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ
## ମେକନ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ପ୍ରକଳ୍ପ)
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫର୍‌ୱାର୍ଡ କରାଯିବାର ଶେଷ ତାରିଖ ହେଉଛି **୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା)।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ।
CBC 40110/12/0001/2526


# ଜିଲାସ୍ତରୀୟ ପରିବେଶ ଶିକ୍ଷା ପ୍ରଦର୍ଶନୀ

**ଜେନାପୁର,୧୨।୪(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ପରିବେଶ ଶିକ୍ଷା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ନୋଡାଲ ଅଫିସର ପ୍ରଭାତ ମୋହନ ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେଶର ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା, ଜିଲା ବିଜ୍ଞାନ ନିରୀକ୍ଷକ କୁମାର ସେନ ସେନାପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ, ଅମୂଲ୍ୟ କୁମାର ଦାସ, ଡିଏସ୍‌ଓ ସୁନିତା ଦଣ୍ଡପାଟ ପ୍ରମୁଖ ଯୋଗଦେଇ ପରିବେଶକୁ ଆମେ କିପରି ସୁରକ୍ଷିତ ରଖିବା ସେ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଜିଲାର ପ୍ରତି ବ୍ଲକରୁ ମନୋନୀତ ହୋଇଥିବା ୩ଜଣ ଲେଖାଏ ପିଲା ଭାଗ ନେଇଥିଲେ। ପୋଷଣି ଜୀବନଶୈଳୀ ପରିବେଶ ସମ୍ବନ୍ଧୀୟ ପ୍ରଦର୍ଶନରେ ୩୦ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ପ୍ରଦର୍ଶନରେ ବୀଣାପାଣି ସରକାରୀ ବିଦ୍ୟାପୀଠ ନୀଳମଣିଦେଇପୁରର ଛାତ୍ରୀ ପ୍ରଗତି ପ୍ରିୟଦର୍ଶନୀ ଭୂତିଆ ପ୍ରଥମ, ମଙ୍ଗଳପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସାରଥି ପ୍ରିୟା ମଲ୍ଲିକ ଦ୍ୱିତୀୟ ଓ ଅହିୟାସ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦେବସ୍ମିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଧର୍ମଶାଳା ମହା ବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ଏନସି କଲେଜ ଅଧ୍ୟକ୍ଷ ବିକ୍ରମ କୁମାର ମଲ୍ଲିକ, ଏନସି କଲେଜ ଅଧ୍ୟାପକ ଦିବ୍ୟଲୋଚନ ସିଂହ, ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସାମଲ, ଓଷ୍ଟା କର୍ମକର୍ତ୍ତା ପବିତ୍ର କୁମାର ପଣ୍ଡା, ଶିକ୍ଷକ ଶ୍ରୀଧର ସ୍ୱାଇଁ, ପବିତ୍ର ମୋହନ ଦାସ, ଦିବ୍ୟଲୋଚନ ମହାପାତ୍ର, ଚିନ୍ମୟ କୁମାର ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ସହଯୋଗ କରିଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ସଞ୍ଜୟ କୁମାର ସାହୁ ସଭା ସଂଯୋଜନା କରିଥିଲେ। ବିଜ୍ଞାନ ଶିକ୍ଷକ ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ପରିବେଶ ଶିକ୍ଷା ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ।

# କବାଡ଼ିଆ ଦୋକାନରୁ ଯନ୍ତ୍ରାଂଶ ବୋଝେଇ ଟ୍ରକ୍ ଜବତ

**ଚଣ୍ଡିଖୋଲ,୧୨।୪(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ଥାନା ଚଣ୍ଡିଖୋଲ ଛକ ପୁରୁଣା ବଜାରରେ ଥିବା ଏକ କବାଡିଆ ଦୋକାନରେ ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଶନିବାର ମିଳିତ ଭାବେ ଚଢ଼ାଉ କରି ଏକ ଯନ୍ତ୍ରାଂଶ ବୋଝେଇ ଟ୍ରକକୁ ଜବତ କରିଛନ୍ତି। ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। କୌଣସି ସୂତ୍ରରୁ ଖବର ପାଇ ଏସପି ଚଢ଼ାଉ ନିର୍ଦ୍ଦେଶ ଦେଇଥିଲେ। ଚଢ଼ାଉ ସମୟରେ ଟ୍ରକ (ଏମଏଚ୪୦ଏକେ୫୩୮୨) ନମ୍ବର ବିଶିଷ୍ଟ ଯନ୍ତ୍ରାଂଶ ବୋଝେଇ କରୁଥିଲା। ପୋଲିସକୁ ଦେଖି କବାଡିଆ ଦୋକାନୀ ଓ ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ଟ୍ରକକୁ ଜବତ କରି ଥାନାରେ ରଖିଛି।


## झारखण्ड सरकार
## झारखण्ड खनिज क्षेत्र विकास प्राधिकार, धनबाद।
(लुबी सर्कुलर रोड, हीरापुर धनबाद 826001)

### ई-प्रोक्योरमेन्ट सूचना अति अल्पकालिन (प्रथम आमंत्रण)

ई-निविदा सूचना संख्या – **04/JMADA/2025-26** धनबाद, दिनांक – **11-04-2025**

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- | प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराह्न तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराह्न तक |
| 4 | सरकार के सचिव, सूचना प्रौद्योगिकी एवं ई-गवर्नेस, झारखंड मंत्रालय के ज्ञापांक-120 दिनांक-03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराह्न तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराह्न |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

नोट – केवल ई निविदा ही स्वीकार किये जायेंगे।
❖ उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
❖ ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
❖ निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/–
कार्यपालक अभियंता,
झमाडा, धनबाद।
PR 350274 (Drinking Water and Sanitation) 25-26 (D)



No. CAD-99
OBCC
## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
**No. 3776** **Date: 10.04.25**
**File: SMT-2055 (Vol-II)**

### NOTICE INVITING TENDER

| | | | |
|---|---|---|---|
| 1. | Name of Work | : | Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | : | 02/Tender/OBCC/2025-26 |
| 3. | Class of Contractor | : | "A" Class |
| 4. | Bid Processing Fee (Only in Online Mode) | : | Rs.11,800 (Including GST) |
| 5. | Date of availability of bid document in e-procurement portal | : | From Dt.15.04.2025 |
| 6. | Last date & time of receipt of online bid | : | Upto 05.00 P.M. of Dt.24.04.2025 |
| 7. | Date of Bid Opening | : | 25.04.2025 at 11.30 A.M. |
| 8. | Project Completion Duration | : | 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | | |

**Sd./- EIC-cum-Managing Director**
**OIPR-34106/11/0017/2526**

# ସୂର୍ଯ୍ୟମୁଖୀ ଚାଷକୁ ମିଳୁନାହିଁ ପ୍ରୋତ୍ସାହନ

■ ତାଲିମ ଓ ଅନୁଦାନ ଜିଲା ଅର୍ଥନୀତିକୁ ବିକଶିତ କରିବ
■ ୨୦୧୫ରେ ହେଉଥିଲା ୩୦ ହେକ୍ଟର ଜମିରେ ସୂର୍ଯ୍ୟମୁଖୀ ଚାଷ
■ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଏଥିରେ ଅଧିକ ସାମିଲ କରିବାକୁ ଦାବି

କେନ୍ଦ୍ରାପଡ଼ା,୧୨।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋଇଲିପୁରର ଚାରିପୋଖରିଆ ଗ୍ରାମର ସ୍ୱୟଂସହାୟକ ମହିଳା ଗୋଷ୍ଠୀ ଚଳିତ ବର୍ଷ ୭ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି। ଏହି ଚାଷ ସେମାନଙ୍କ ପାଇଁ ଦ୍ୱିତୀୟ ବର୍ଷ। ପ୍ରଥମ ବର୍ଷର ଅଭିଜ୍ଞତା ସେମାନଙ୍କୁ ପରିପକ୍ୱ କରିବା ସହିତ ମା' ମଙ୍ଗଳା ଗୋଷ୍ଠୀର ସୂର୍ଯ୍ୟମୁଖୀ ତେଲ ସ୍ଥାନୀୟ ବଜାରରେ ଆଦୃତି ଲାଭ କରିଛି। ତେବେ ତାଲିମ ଓ ପ୍ରୋତ୍ସାହନର ଅଭାବ ପାଇଁ ଏହି ଅର୍ଥକାରୀ ଫସଲ ଏବେ ଯାଏ ଜିଲାର ଚାଷୀଙ୍କୁ ବିଶେଷ ଆଗ୍ରହ ସୃଷ୍ଟି କରିପାରିନାହିଁ। ରବି ଫସଲ ସମୟରେ ହେଉଥିବା ଏହି ଚାଷକୁ ଯୋଜନାବଦ୍ଧ ଭାବେ ପ୍ରୋତ୍ସାହିତ କଲେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ସହିତ ଜିଲା ଅର୍ଥନୀତି ବେଶ ପ୍ରଭାବିତ ହେବ ବୋଲି ଚାଷୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କହିଛନ୍ତି, ଦେଶରେ ଗତ କିଛିଦିନ ହେବ ଖାଇବା ତେଲର ଦାମ ଲଗାତର ବୃଦ୍ଧି ପାଇଛି। ପେଟ୍ରୋଲ, ଡିଜେଲ, ଗ୍ୟାସ୍ ପରେ ଖାଇବା ତେଲ ଦରକୁ ନେଇ ସାଧାରଣ ଲୋକ ଚିନ୍ତାରେ ପଡ଼ିଛନ୍ତି। ୟୁକ୍ରେନ ଓ ରୁଷିଆରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ଏକପ୍ରକାର ବନ୍ଦ ପରେ ଭାରତ, ମାଲେସିଆ ଓ ଇଣ୍ଡୋନେସିଆରୁ ପାମ୍ ତେଲ ଆମଦାନୀକୁ ଗୁରୁତ୍ୱ ଦେଇଛି। ମାଲେସିଆ ଓ ଇଣ୍ଡୋନେସିଆ ସରକାର ପାମ୍ ତେଲ ଦର ବୃଦ୍ଧ କରିଛନ୍ତି। ଏପ୍ରକାର ଅସୁବିଧାର ନିରାକରଣ ପାଇଁ ୧୯୬୮ରେ ତତ୍କାଳିନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସବୁଜ ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ। ଏହି ସବୁଜ ବିପ୍ଳବ ଆହ୍ୱାନ ପାଇଁ ଭାରତ ଏବେ ଗହମ ରପ୍ତାନି କ୍ଷେତ୍ରରେ ଅଗ୍ରଗତି କରୁଛି। ତେଲ ଅଭାବର ମୁକାବିଲା ପାଇଁ ସୂର୍ଯ୍ୟମୁଖୀ ଚାଷକୁ ପ୍ରୋତ୍ସାହନ ଆବଶ୍ୟକ। କେନ୍ଦ୍ରାପଡ଼ା ଜିଲାରେ ଏଥିପାଇଁ ପାଣି, ପବନ ଓ ମାଟି ଥିବା ବେଳେ ତାଲିମ ଓ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଗରଦପୁର ପଞ୍ଚାୟତ ପତିସାହିର ପବିତ୍ର କୁମାର ପତି କହିଛନ୍ତି, ୨୦୧୫ରେ ଗରଦପୁର ବ୍ଲକର ୪ ପଞ୍ଚାୟତରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୦ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ସୂର୍ଯ୍ୟମୁଖୀ ଚାଷ ହୋଇଥିଲା। ଅମଳ ମଧ୍ୟ ଭଲ ହୋଇଥିଲା। ତେବେ ବଜାର ମଣ୍ଡି ଅଭାବ ଏହି ଚାଷ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି କରିଛି। କୃଷକ ନେତା ରଶ୍ମୀରଞ୍ଜନ ଚୌଧୁରୀ କହିଛନ୍ତି, ଜିଲା ବାର୍ଷିକ ଯୋଜନାରେ ସିଂହ ଭାଗ ଅର୍ଥ କୃଷି କ୍ଷେତ୍ରରେ ନିୟୋଜିତ ହେବ ବୋଲି ଅଟକଳ କରାଯାଉଛି। ତେବେ ଏହା ବାସ୍ତବ କ୍ଷେତ୍ରରେ ଦେଖାଯାଉନାହିଁ।



ଜଳ ପରିଚାଳନାକୁ ସୁଦୃଢ଼ କରି ପାରିଲେ ସୂର୍ଯ୍ୟମୁଖୀ ଚାଷ ପାଇଁ କେନ୍ଦ୍ରାପଡ଼ା ଜିଲା ଉଦାହରଣ ହୋଇ ପାରିବ। ଜିଲାରେ ଏହି ଚାଷ ପାଇଁ ପ୍ରାୟ ୪୦ ହଜାର ହେକ୍ଟର ଜମି ଉପଯୁକ୍ତ ଅଛି। ସୂର୍ଯ୍ୟମୁଖୀ ମଞ୍ଜିରେ ସାଧାରଣରେ ପ୍ରାୟ ୫୫ ପ୍ରତିଶତ ତେଲ ଆଦାୟ ହେବ। ଏହି ତେଲ ବାହାର କରିବା ପାଇଁ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବ। ଏଥିପାଇଁ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ସ୍ଥାନୀୟ ଅଞ୍ଚଳର ରାଜନେତା, ପ୍ରଶାସକଙ୍କ ସହିତ ଏନ୍‌ଜିଓ, ପାଣି ପଞ୍ଚାୟତ, ଫାର୍ମର୍ସ କ୍ଲବ ଆଦିଙ୍କ ସହଯୋଗ ଆବଶ୍ୟକ। ଏସ୍‌ଏସ୍‌ଜି ସଦସ୍ୟାଙ୍କୁ ବହୁଳ ମାତ୍ରାରେ ନିୟୋଜନ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନରେ ବିପ୍ଳବ ଆଣିପାରିବ। ସେହିପରି ଆତ୍ମା ମାଧ୍ୟମରେ ତାଲିମ ଓ ସରକାରୀ ଅନୁଦାନ ଏହି ଚାଷକୁ ଆଗକୁ ନେଇ ପାରିବ। ଏସମ୍ପର୍କରେ କେଭିକେ ବରିଷ୍ଠ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର କହିଛନ୍ତି, ସୂର୍ଯ୍ୟମୁଖୀ ଚାଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ଆତ୍ମା ମାଧ୍ୟମରେ ତାଲିମ ସହ ରାଜ୍ୟର ୧୧୮ଟି ଗୋଦାମ ଗୃହ ନିର୍ମାଣ କରି ଏପରି ଫସଲ ସଂଗ୍ରହ କରିବାକୁ ଯୋଜନା ହୋଇଛି। ଚାଷୀ ଚଳିତ ବର୍ଷ ଏହାର ଫାଇଦା ନେଇ ପାରିବେ।

## ୧୨ରୁ ୧୪ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

କେନ୍ଦ୍ରାପଡ଼ା,୧୨।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସନ୍ତା ୧୪ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହେବ। ଏହାର ପ୍ରସ୍ତୁତି କାର୍ଯ୍ୟ ଶେଷ ପାଇଁ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଏନେଇ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଜିଲା ସମସ୍ତ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଶୁକ୍ରବାର ଚିଠି ମାଧ୍ୟମରେ (ନଂ– ୨୯୨)ରେ ଜଣାଇଛନ୍ତି। ଏହି ଚିଠି ଅନୁଯାୟୀ କୌଣସି ସରକାରୀ ଅଧିକାରୀ ନିଜ କାର୍ଯ୍ୟାଳୟ ଛାଡ଼ିବା ପୂର୍ବରୁ ଜିଲାପାଳଙ୍କୁ ସୂଚନା ଦେବେ।

# ମହୋତ୍ସବ ପାଇଁ ସଜେଇ ହେଉଛି ଜମ୍ବୁଦ୍ୱୀପ

## ପଲ୍ଲିଶ୍ରୀ ମେଳା ପାଇଁ ଆସିଲେଣି ଜିଲା ବାହାରୁ ବ୍ୟବସାୟୀ

ମହାକାଳପଡ଼ା,୧୨।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଉପକୂଳ ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ରାମଚଣ୍ଡୀପୀଠରେ ଅନୁଷ୍ଠିତ ହେବ। ସୋମବାର ମହାବିଷୁବ ସଂକ୍ରାନ୍ତି ଦିନ ମା'ଙ୍କ ପୀଠରେ ପ୍ରସିଦ୍ଧ ଝାମୁ ଯାତ୍ରା ହେବ। ସରକାରୀ ଭାବେ ଏହି ମହୋତ୍ସବ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ବରିଷ୍ଠ ମନ୍ତ୍ରୀ, ବିଧାୟକ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପଲ୍ଲୀଶ୍ରୀ ମେଳାରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ବ୍ୟବସାୟୀମାନେ ନିଜର ଷ୍ଟଲ ଖୋଲିବେ। ବିଶେଷ କରି ହସ୍ତଶିଳ୍ପ ସାମଗ୍ରୀ, କୃଷି ଉପକରଣ, ଯନ୍ତ୍ରପାତି, ମତ୍ସ୍ୟଚାଷ ସମ୍ପର୍କିତ ଷ୍ଟଲ ପ୍ରଦର୍ଶିତ ହେବ। ସେହିପରି ଏହି ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସଭାସ୍ଥଳକୁ ପିଚୁ ରାସ୍ତା ଓ ହେଲିପ୍ୟାଡ ସହିତ ବ୍ୟାରିକେଡ୍ ନିର୍ମାଣ ଚାଲିଛି। ପୂର୍ତ୍ତ ବିଭାଗ ବରିଷ୍ଠ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟର ତଦାରଖ କରୁଛନ୍ତି। ଅପରପକ୍ଷେ ମା'ଙ୍କ ପୀଠରେ ଝାମୁ ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି। ବିଦ୍ୟୁତ୍, ପାନୀୟଜଳ, ପରିମଳ ବ୍ୟବସ୍ଥା ସହିତ ଅସ୍ଥାୟୀ ଶୌଚାଳୟ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ଅଗ୍ନିଶମ, ଅଂଶୁଘାତ ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି।



ମହୋତ୍ସବ ପାଇଁ ମଞ୍ଚ ପ୍ରସ୍ତୁତି କାମ ଚାଲିଛି।

# ଉନ୍ନୟନମୂଳକ କାର୍ଯ୍ୟର ମାନ ଠିକ୍ ରଖିବାକୁ ପରାମର୍ଶ



ଭାଜପା ନେତାମାନେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

## ବିଡିଓଙ୍କ ସହ ଆଲୋଚନା କଲେ ଭାଜପା ପ୍ରତିନିଧି ମଣ୍ଡଳୀ

ପାଟକୁରା,୧୨।୪ (ରବୀନ୍ଦ୍ର ନାଥ ବାରିକ)

ଶୁକ୍ରବାର ପାଟକୁରା ଭାଜପା ନେତା ତଥା କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଏକ ଭାଜପା ପ୍ରତିନିଧି ମଣ୍ଡଳୀ ଗରଦପୁର ବିଡ଼ିଓ ଆଲୋକ କୁମାର ସେଠୀଙ୍କୁ ସାକ୍ଷାତ କରି ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗରିବ ଲୋକଙ୍କୁ ବାସଗୃହ ଯୋଗାଇବା ଉପରେ ପରିଡ଼ା ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ହିତାଧିକାରୀ ଚୟନ ବେଳେ ବ୍ଲକ୍ ଅଧିକାରୀମାନେ ନିରପେକ୍ଷ ହେବା ଉଚିତ ବୋଲି ସେ କହିଥିଲେ। ଏହାଦ୍ୱାରା ସରକାରଙ୍କ ଗରିବଲୋକଙ୍କୁ ବାସଗୃହ ଯୋଗାଇବା ଯୋଜନା ଧାର୍ଯ୍ୟଲକ୍ଷ୍ୟରେ ପହଞ୍ଚିବ ବୋଲି ସେ କହିଥିଲେ। କେତେକ ପଞ୍ଚାୟତର କର୍ମଚାରୀମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ସାଧାରଣ ଜନତାଙ୍କ ହାରିଗୁହାରି ଶୁଣୁନାହାନ୍ତି। ଫଳରେ ଜନତାଙ୍କ ପାଇଁ ଆସୁଥିବା ସରକାରୀ ଯୋଜନାର ସୁଫଳ ସେମାନେ ପାଇପାରୁନାହାନ୍ତି। ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମାନ ଠିକ ରଖିବାକୁ ପରିଡ଼ା ପରାମର୍ଶ ଦେଇଥିଲେ। ଲୋକମାନଙ୍କ ବିଭିନ୍ନ ସମସ୍ୟା ନେଇ ବ୍ଲକଙ୍କୁ ଆସୁଥିବା ଭାଜପା କର୍ମୀମାନଙ୍କୁ ଅଣଦେଖା ନ କରିବାକୁ ସେ ବିଡ଼ିଓଙ୍କୁ କହିଥିଲେ । ଏହି ଆଲୋଚନାରେ ଭାଜପା ନେତା ବିଜୟ ନାୟକ, ଚିତ୍ତରଞ୍ଜନ ଚୌଧୁରୀ, ଚିତ୍ତରଞ୍ଜନ ସେଠୀ, ଶ୍ରୀକାନ୍ତ ସେନାପତି, ନୃସିଂହ ସ୍ୱାଇଁ, ଅତନୁ ପଣ୍ଡା, ଅନିଲ ପାଣି, ବିଜ୍ଞାନ ରତ୍ନ ସୁତାର, ପରେଶ ପରିଡ଼ା, ଗିରିଶ ଜେନା, ପ୍ରତାପ ବାରିକ, ନୀଳାମ୍ବର ପରିଡ଼ା,ଶିବବ୍ରତ ମହାପାତ୍ର, ପ୍ରମୋଦ ପ୍ରଧାନ ଓ ଭାଜପା ନାରୀନେତ୍ରୀ ପ୍ରଭାସିନୀ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବିଳମ୍ବିତ ରାତିରେ ଅଟୋରିକ୍ସାକୁ ଜାଳିଦେଲେ

ପଟ୍ଟାମୁଣ୍ଡାଇ,୧୨।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ମଣ୍ଡପଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଟୋରିକ୍ସାରେ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଅଟୋରିକ୍ସାଟି ପୋଡ଼ି ହୋଇଯାଇଛି । ଅଟୋରିକ୍ସା ନିକଟରେ ଥିବା ୨ ବାଇକ୍ ପୋଡ଼ି କ୍ଷତିଗ୍ରସ୍ତ ହୋଇଛି। ସମ୍ପ୍ରତି ମଣ୍ଡପଡ଼ା ଗାଁରେ ରାମଚରିତ ମାନସ ପାରାୟଣ ଚାଲିଥିବାବେଳେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡ଼ା ସାହୁ ସାହିର ସନ୍ତୋଷ ସାହୁ ୩ମାସ ତଳେ ଏକ ନୂଆ ଅଟୋରିକ୍ସା କିଣିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ବ୍ୟକ୍ତି ସେହି ଅଟୋରିକ୍ସାରେ ନିଆଁ ଲଗାଇ ଦେଇଥିଲେ ବୋଲି ମାଲିକ ଅଭିଯୋଗ କରିଛନ୍ତି। ଗାଁ ଲୋକମାନେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଅଟୋରିକ୍ସାଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ମଣ୍ଡପଡା ଗ୍ରାମବାସୀ ଦାବି କରିଛନ୍ତି।



ଜଳିଯାଇଥିବା ଅଟୋରିକ୍ସା।

# ପୁରାତନ ଛାତ୍ରଙ୍କ ବିୟୋଗରେ ସ୍ମୃତିସଭା

ରାଜନଗର,୧୨।୪(ଭାସ୍କର ରାଉତରାୟ)

ରାଜନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ମେଧାବୀ ଛାତ୍ର ସନ୍ଦୀପ ଲେଙ୍କାଙ୍କ ଆକସ୍ମିକ ବିୟୋଗରେ ଶନିବାର ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜ୍ଞାନ ରଞ୍ଜନ ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସହକାରୀ ଶିକ୍ଷକ ଅମୂଲ୍ୟ କୁମାର ଦାସ, ଭ୍ରମରବର ଦାସ, ପ୍ରକାଶ ସେଠୀ, ସରସ୍ୱତୀ ମୈତ୍ରୀ, ଗୁରୁପ୍ରସାଦ ସାହୁ, ସୂର୍ଜୟ କାର୍ଜି, ଦାଧିବାବନ ପଣ୍ଡା, ଚନ୍ଦନ କୁମାର ପାତ୍ର, ପ୍ରତାପ କୁମାର ପାଲ, ସରୋଜ କୁମାର ରାଉତ ପ୍ରମୁଖ ସନ୍ଦୀପଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗ ଦେଇ ନୀରବ ପ୍ରାର୍ଥନା କରିଥଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ସନ୍ଦୀପଙ୍କ ଗଳିଦାଣ୍ଡ ଘରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ବିଧାୟକ ସାହୁଙ୍କ ସହିତ ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ବାଇଧର ସେଠୀ, ବିଚିତ୍ର ମଲିକ, ଅନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


झारखण्ड सरकार
झारखण्ड खनिज क्षेत्र विकास प्राधिकार, धनबाद।
(लुबी सर्कुलर रोड, हीरापुर धनबाद 826001)

ई–प्रोक्योरमेन्ट सूचना अति अल्पकालिन (प्रथम आमंत्रण)

ई–निविदा सूचना संख्या – 04/JMADA/2025-26 धनबाद, दिनांक – 11-04-2025

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- | प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराहन् तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराहन् तक |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराहन् तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराहन् |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

नोट – केवल ई निविदा ही स्वीकार किये जायेंगे।
❖ उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
❖ ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
❖ निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/–
कार्यपालक अभियंता,
झमाडा, धनबाद।

PR 350274 (Drinking Water and Sanitation) 25-26 (D)


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲିପ୍ସିତା



@ ସୁମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା14.04.2025ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍–୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0086/2526



ବିଜ୍ଞାପନ ସଂ. ୩୨/୨୦୨୫
ଭାରତ ସରକାର
ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ
ମେକନ୍ ଲିମିଟେଡ୍‌ରେ
ନିର୍ଦ୍ଦେଶକ (ପ୍ରକଳ୍ପ)
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫରୱାର୍ଡ କରାଯିବାର ଶେଷ ତାରିଖ ହେଉଛି **୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା) ।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ ।
CBC 40110/12/0001/2526



OBCC — No. CAD-99
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No. 3776 Date: 10.04.25
File: SMT-2055 (Vol-II)

NOTICE INVITING TENDER

| | | |
|---|---|---|
| 1. | Name of Work | : Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | : 02/Tender/OBCC/2025-26 |
| 3. | Class of Contractor | : "A" Class |
| 4. | Bid Processing Fee (Only in Online Mode) | : Rs.11,800 (Including GST) |
| 5. | Date of availability of bid document in e-procurement portal | : From Dt.15.04.2025 |
| 6. | Last date & time of receipt of online bid | : Upto 05.00 P.M. of Dt.24.04.2025 |
| 7. | Date of Bid Opening | : 25.04.2025 at 11.30 A.M. |
| 8. | Project Completion Duration | : 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | |

Sd./- EIC-cum-Managing Director
OIPR-34106/11/0017/2526

# ଗଣ୍ଡା ବଧ ପାଇଁ ଶ୍ରୀରାମଙ୍କ ବିଶାଳ ଶୋଭାଯାତ୍ରା

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

ଦଶପଲ୍ଲା,୧୨।୪( ପ୍ରକାଶ କୁମାର ପାଣି)




ଗଣ୍ଡା ବଧ ପାଇଁ ବାହାରିଥିବା ଶୋଭାଯାତ୍ରା।

ଭାରତ ପ୍ରସିଦ୍ଧ, ସର୍ବପୁରାତନ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଛି ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା। ଏହି ଅବସରରେ ଶନିବାର ଗଣ୍ଡା ବଧ ଅନୁଷ୍ଠିତ ହୋଇଯାଇଛି। ଗଣ୍ଡା ବଧ ଏକ ସୁନ୍ଦର ଉପାଖ୍ୟାନ। ସୂର୍ଯ୍ୟବଂଶର ପ୍ରଥା ଅନୁଯାୟୀ ବିବାହ ପରେ ପିତୃଶ୍ରାଦ୍ଧ ଦିନ ଯୁବରାଜ ଓ ରାଜକୁମାରମାନେ ଗଣ୍ଡାବଧ କରି ସେମାନଙ୍କ ବୀରତ୍ୱ ପୂର୍ବପୁରୁଷଙ୍କୁ ପ୍ରଦର୍ଶନ କରନ୍ତି। ଏପରି ବିଧି ବ୍ୟବସ୍ଥା ରହିଥିବାରୁ ପରମ୍ପରାକୁ ସମ୍ମାନ ଦେବାକୁ ଯାଇ ପ୍ରଭୁ ଶ୍ରୀରାମ ମଧ୍ୟ ଭାଇମାନଙ୍କ ସହ ଚତୁରଙ୍ଗ ସେନା ସହିତ ବିଶାଳ ପଟୁଆର ନେଇ ଗଣ୍ଡାବଧ ପାଇଁ ବନକୁ ଗମନ କରନ୍ତି। ଏହା ମୁଖ୍ୟ ମଞ୍ଚ ଠାରୁ ପ୍ରାୟ ୨ କିମି ଦୂର ଦୁର୍ଗାବଜାରସ୍ଥିତ ଶୃଙ୍ଗବେରପୁର ମଞ୍ଚରେ (ନେତାଜୀ ମଇଦାନ ) ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବାଜା ବାଣ,ରୋଷଣୀ , ନୃତ୍ୟ ସଙ୍ଗୀତ ସହ ସୁସଜ୍ଜିତ ରଥ , ହାତୀ, ଘୋଡା, ଓଟ,କଳ ଘୋଡା, ବୁଢାବୁଢୀ ନାଚ,ବାଘଖେଳ, ବିରାଟ ଫୁଲଗଛ , ମେଢ଼ , ଶତାଧିକ ଢୋଲିଆଙ୍କ ଢୋଲବାଦ୍ୟର ତାଳେ ତାଳେ ଏକ ପଟୁଆର ଆଗକୁ ଚାଲିଥିଲା। ଏହି ପଟୁଆରରେ ଦଶପଲ୍ଲାର ସମସ୍ତ ବର୍ଗର ଜନସାଧାରଣ ଯୋଗଦେଇଥିଲେ। ୨ କିଲୋମିଟର ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଭୁ ଶ୍ରୀରାମ, ମୃଗୟା ସମୟରେ ଆପଣାର ସେନାଠାରୁ ଦୂରେଇ ଯାଆନ୍ତି। ସେଠାରେ ଶବର ରାଜା ଗୁହ୍ୟକ ସହ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାଘବେନ୍ଦ୍ରଙ୍କ ମିତ୍ରତା ହୁଏ। ଶବର ରାଜାଙ୍କ ଆତିଥ୍ୟ ଓ ଶବର ଶବୁରୁଣୀଙ୍କ ନାଚରେ ପ୍ରଭୁ ଶ୍ରୀରାମ ନିମଗ୍ନ ହୋଇଯାଆନ୍ତି। ଶେଷରେ ପୁଣି ସେନାଙ୍କ ସହ ପ୍ରଭୁଙ୍କ ମିଳନ ହୁଏ। ସମସ୍ତେ ଅଯୋଧ୍ୟା ପ୍ରତ୍ୟାଗମନ କରନ୍ତି। ଆଜିର ଏହି ନୀଳାଭିନୟ ଅତୀବ ମନୋରମ ଓ ଚିତ୍ତାକର୍ଷକ ହୋଇଥିଲା। ଉକ୍ତ ଗଣ୍ଡା ବଧ ଦୃଶ୍ୟ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସରେ ଦକ୍ଷିଣାଭିମୁଖୀ

## ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ଷଷ୍ଠ ସନ୍ଧ୍ୟା

ଓଡ଼ଗାଁ,୧୨।୪(ଆଦର୍ଶ କୁମାର ପଟ୍ଟନାୟକ )



ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ଶନିବାର ଷଷ୍ଠ ସନ୍ଧ୍ୟାରେ ପ୍ରଭୁଙ୍କ ବନବାସ ଅବସରରେ ଅନୁଜ ଲକ୍ଷ୍ମଣ ଓ ଜାନକୀଙ୍କ ସହିତ ଦକ୍ଷିଣାଭିମୁଖୀ ହୋଇଛନ୍ତି। ବର୍ଷରେ ଥରେ ପ୍ରଭୁ ଏପରି ଦର୍ଶନ ଦିଅନ୍ତି। ରାତି ପାହିଲେ ରାମଙ୍କ ରାଜ୍ୟାଭିଷେକ ହେବ ବୋଲି ଖବର ପାଇ ଅଯୋଧ୍ୟାର ନଗ୍ରବାସୀ ଖୁସିରେ ଆତ୍ମହରା ହୋଇଥିଲେ। ହେଲେ ରାତି ପାହିବା ପୂର୍ବରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଖବର ପାଇ ଅଯୋଧ୍ୟାର ନରନାରୀ ମ୍ରିୟମାଣ ହୋଇପଡିଥିଲେ। ପିତା ଦଶରଥଙ୍କ ସତ୍ୟ ପାଳନ କରିବା ପାଇଁ ପ୍ରଭୁ ଶ୍ରୀରାମ ରାଜ୍ୟ ଏବଂ ରାଜସିଂହାସନକୁ ତୁଚ୍ଛକରି ରାତି ପାହିବା ପୂର୍ବରୁ ଲକ୍ଷ୍ମଣ ଓ ସୀତାଙ୍କୁ ସଙ୍ଗରେ ନେଇ ବନବାସରେ ବାହାରି ଯାଇଥିଲେ। ଗୋଟିଏ ପକ୍ଷେ ଏହାଥିଲା ବିଧିର ବିଧାନ। ରାବଣ ନିଧନ ପାଇଁ କୈକେୟୀଙ୍କ ମାତୃତ୍ୱର ବଳିଦାନ ଇତିହାସ ନିଶ୍ଚୟ ମନେରଖିବ। ଭରତଙ୍କଠାରୁ ଅଧିକ ପ୍ରିୟ ରାମଙ୍କ ବନବାସର କାରଣ ସାଜି ନିନ୍ଦା ଅପନିନ୍ଦାର ପାତ୍ରୀ ହୋଇପଡ଼ିଥିବା କୈକେୟୀଙ୍କୁ ଭରତଙ୍କଠାରୁ ଭର୍ତ୍ସନା ଶୁଣିବାକୁ ପଡ଼ିଥିଲା।ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ପ୍ରିୟ ପୁତ୍ରକୁ ଦେଖି କୈକେୟୀଙ୍କ ଦୁଃଖ କିଛି ପରିମାଣରେ ଲାଘବ ହୋଇଥିଲା। ଅନ୍ତର୍ଯ୍ୟାମୀ ପ୍ରଭୁ ରାମଚନ୍ଦ୍ର ଏକଥା ଜାଣିଥିଲେ, ବୀରାଙ୍ଗନା ମା' କୈକେୟୀଙ୍କ ସହଯୋଗ ବିନା ରାବଣ ବଧ ଅସମ୍ଭବ। ତେଣୁ ଧର୍ମ ରକ୍ଷା ପାଇଁ ଜଣେ ମା' କିପରି ନିଜ ମାତୃତ୍ୱକୁ ମଧ୍ୟ ବାଜି ଲଗାଇପାରେ ଏବଂ ପିତାଙ୍କ ସମ୍ମାନ ରକ୍ଷା ପାଇଁ ପୁତ୍ର କିପରି ତ୍ୟାଗ କରିପାରେ ତାହା ରାମାୟଣ କଥାବସ୍ତୁରେ ଉପସ୍ଥାପନ କରାଯାଇଛି। ରବିବାର ସନ୍ଧ୍ୟାରେ ପ୍ରଭୁଙ୍କର ଚିତ୍ରକୁଟ ବେଶ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ଛେନାପୋଡ଼ର ସ୍ରଷ୍ଟା ବିଦ୍ୟାଧର ନା ସୁଦର୍ଶନ

## ଦିବସ ପାଳନ ପରେ ବି ଥମୁନି ବିତର୍କ



ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ବିଦ୍ୟାଧର ସାହୁ ଓ ତାଙ୍କ ପୁତ୍ର ସୁଦର୍ଶନ ସାହୁ।

ନୟାଗଡ଼,୧୨।୪(ଲୋକନାଥ ମିଶ୍ର)

ଛେନାପୋଡ଼ର ସ୍ରଷ୍ଟା ବିଦ୍ୟାଧର ସାହୁ ନାଁ ସୁଦର୍ଶନ ସାହୁ। ଛେନାପୋଡ଼ର ଉତ୍ପତ୍ତି ଦଶପଲ୍ଲା ନାଁ ନୟାଗଡ଼। ବିଦ୍ୟାଧର ସ୍ରଷ୍ଟା ବୋଲି ଅଣନାତି ଦାବି କରୁଥିବାବେଳେ ମାନିବାକୁ ରାଜି ନୁହନ୍ତି ସୁଦର୍ଶନଙ୍କ ପୁଅ। ଏହି ପରିପ୍ରେକ୍ଷୀରେ ଛେନାପୋଡ଼ ପ୍ରସଙ୍ଗକୁ ନେଇ ଚାଲିଛି ବିତର୍କ, ଚର୍ଚ୍ଚା, ସମାଲୋଚନା। ସୋସିଆଲ ମିଡ଼ିଆରେ ବି ଚର୍ଚ୍ଚା କମିବାରେ ନାଁ ଧରୁନି। ୨୦୨୩ ମସିହାରେ ଜିଆଇ ଟ୍ୟାଗ୍ ଦାବି ବେଳେ ଭୁଲ ତଥ୍ୟ ଦିଆଯାଇଥିବା କୁହାଯାଉଛି। ଏଣୁ ଛେନାପୋଡ଼ ବିବାଦ ଗୁରୁତର ହୋଇଛି। ଫଳରେ ବର୍ଷରେ ଏପ୍ରିଲ ୧୧ ଓ ଡିସେମ୍ବର ୩୧ରେ ୨ଥର ବିଶ୍ୱ ଛେନାପୋଡ଼ ଦିବସ ପାଳନ ହେଉଛି। ଏପ୍ରିଲ ୧୧ରେ ପୁଅ ସୁଦର୍ଶନ ସାହୁଙ୍କ ପାଇଁ ପାଳନ ହେଲା ବିଶ୍ୱ ଛେନାପୋଡ ଦିବସ। ସେହପରି ଡିସେମ୍ବର ୩୧ରେ ବାପା ବିଦ୍ୟାଧରଙ୍କ ପାଇଁ ପୁଣି ପାଳନ ହେଉଛି ଅନ୍ୟ ଏକ ଛେନାପୋଡ଼ ଦିବସ। ଏପ୍ରିଲ ୧୧କୁ ସରକାରୀସ୍ତରରେ ଦିବସ ପାଳନ କରାଯାଉଛି। ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଛେନାପୋଡ଼ ଦିବସ ପାଳନ କରିଛନ୍ତି। ବିବାଦ ପରେ ନୟାଗଡ଼ ଜିଲାରେ ଜିଲା ପ୍ରଶାସନ ଚଳିତ ବର୍ଷ ବିଶ୍ୱ ଛେନାପୋଡ଼ ଦିବସକୁ ପାଳନ କରିନାହିଁ। ଜିଲାସ୍ତରୀୟ ଅଫିସ ମଧ୍ୟ ଦୂରେଇ ରହିଛନ୍ତି। ସେହିପରି ବହୁ ଅନୁଷ୍ଠାନ ଛେନାପୋଡ଼ ଦିବସ ପାଳନକୁ ନେଇ ଦୂରେଇ ରହିଲେ। ଏପରିସ୍ଥଳେ ଛେନାପୋଡ଼ ଦିବସ ପାଳନ, ଏହାର ସ୍ରଷ୍ଟା ଓ ଉତ୍ପତ୍ତି ସ୍ଥଳ ନେଇ ତୁଟୁନି ଦ୍ୱନ୍ଦ କି ବାହାରୁନି ସମାଧାନର ନିର୍ଯ୍ୟାସ। ଛେନାପୋଡ଼କୁ ନେଇ ବିବାଦ ବଢ଼ିବା ପରେ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ବିଭାଗ ଅନୁଧ୍ୟାନ କରିବ। ଇଏ ହେଉଛି ଓଡ଼ିଆ ଅସ୍ମିତାର କଥା। ଆମ ସରକାର ଓଡ଼ିଆ ଅସ୍ମିତାକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏଣୁ ଏହାକୁ ଗୁରୁତର ସହ ନେଇ ବିଚାର କରାଯିବ ବୋଲି ସେ କହିଛନ୍ତି।

## ନୟାଗଡ଼ ବ୍ଲକ୍‌ର ପ୍ରଥମ ଚେୟାରମ୍ୟାନଙ୍କ ପରଲୋକ

ନୟାଗଡ଼,୧୨।୪(ଲୋକନାଥ ମିଶ୍ର)

କଂଗ୍ରେସ ନେତା ନରସିଂହ ବିଶ୍ୱାଳଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ଗାଁ ଶ୍ମଶାନ ନୟାଗଡ଼ ବ୍ଲକର ନରସିଂହପ୍ରସାଦରେ ତାଙ୍କର ଅନ୍ତିମସତ୍କାର କରାଯାଇଛି। ସେ ନୟାଗଡ଼ ବ୍ଲକର ପ୍ରଥମ ଚେୟାରମ୍ୟାନ ଥିଲେ। ପୁଣି ନୟାଗଡ଼ ବ୍ଲକ କଂଗ୍ରେସର ସଭାପତି ଭାବେ କାମ କରିଥିଲେ। ନିଜ ଘର ନରସିଂହପ୍ରସାଦ ହୋଇଥିବାବେଳେ ନୟାଗଡ଼ ମେଡିକାଲ ପଛପଟ ଲେନ୍‌ରେ ନିଜର କର୍ମସଂସ୍ଥାନ ଭାବେ ଆଦରି ନେଇଥିଲେ। ନାତି ବିଭୁ ପ୍ରସାଦ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ନୟାଗଡ଼ ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ବ୍ୟକ୍ତ କରିଛନ୍ତି।

# ଦର୍ଶକଙ୍କ ମନ କିଣୁଛି କୁନି କଳାକାରଙ୍କ ଅଭିନୟ

- ଭାଇ,ଭଉଣୀଙ୍କୁ ଚଢ଼େୟା ସୁଆଙ୍ଗ ଆଣିଦେଲା ସୁଯୋଗ
- ଶିବ ପାର୍ବତୀ ଭୂମିକାରେ ୪ବର୍ଷ ହେଲା କମାଲ କରୁଛନ୍ତି ବାଦଲ,ବର୍ଷା

ନୟାଗଡ଼,୧୨।୪(ଲୋକନାଥ ମିଶ୍ର)



ଶିବପାର୍ବତୀ ଭୂମିକାରେ ବାଦଲ ଓ ବର୍ଷା।

କଳାରେ ଉତ୍କର୍ଷ ଲାଭ କରିଥିବାରୁ ଓଡ଼ିଶାର ଅନ୍ୟନାମ ଉତ୍କଳ। ଉତ୍କଳର କଳା ସଂସ୍କୃତି, ଅଭିନୟ ବିଶ୍ୱ ଦରବାରରେ ବନ୍ଦିତ। ସେଥିରୁ ବି ନୟାଗଡ଼ ଜିଲା ପଛରେ ପଡିନି। ଯାହାର ସୁଯୋଗ ପାଇଛନ୍ତି ନୟାଗଡ଼ ଜିଲା ନୟାଗଡ଼ ବ୍ଲକ୍ ଖୁଣ୍ଟୁବନ୍ଧ ପଞ୍ଚାୟତ ଷଠିଆପଲ୍ଲୀର ୯ ବର୍ଷର ଭାଇ ଭଉଣୀ ବାଦଲ ଓ ବର୍ଷା। ଭଲରେ କଥାବାର୍ତ୍ତା କରି ପାରୁ ନ ଥିବା ଅବସ୍ଥାରୁ ଚଢ଼େୟା ସୁଆଙ୍ଗରେ ଶିବ ପାର୍ବତୀ ଭୂମିକାରେ ଅଭିନୟ କରି ୪ ବର୍ଷ ହେଲା ସେମାନେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଉଭୟଙ୍କ ସୁଲଳିତ କଣ୍ଠ ସ୍ୱର ଓ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୁଗ୍ଧ କରୁଛି। ପୌରାଣିକ ନାଟକ ପ୍ରତି ଦର୍ଶକଙ୍କ ସ୍ପୃହା ହ୍ରାସ ପାଇ ଚାଲିଥିବାବେଳେ ଭାଇ ଭଉଣୀଙ୍କ ନାଟ ଓ ଗୀତ ଦର୍ଶକଙ୍କୁ ଦୀର୍ଘ ସମୟ ଧରି ମଞ୍ଚ ନିକଟରେ ବାନ୍ଧି ରଖୁଛି।

ସୂଚନା ଅନୁଯାୟୀ, ଷଠିଆପଲ୍ଲୀରେ ୨୦୨୨ରୁ ଦଣ୍ଡ ଠାକୁରଙ୍କ ଯାତ୍ରା ଆରମ୍ଭ ହୋଇଛି। ଷଠିଆପଲ୍ଲୀର କାହ୍ନୁ ଚରଣ ସ୍ୱାଇଁଙ୍କ ପରିବାର ଦଣ୍ଡ ଯାତ୍ରା କରାଉଛନ୍ତି। ଦଣ୍ଡ ଯାତ୍ରାରେ ଚଢ଼େୟା ସୁଆଙ୍ଗ ନାଟକ ପରିବେଷଣ ହୁଏ। ସେହିବର୍ଷ ଦଣ୍ଡ ପର୍ବ ପ୍ରାରମ୍ଭରୁ ଚଢ଼େୟା ସୁଆଙ୍ଗ ପାଇଁ ଆଖଡା ହୋଇଥିଲା। ଚଢ଼େୟା ସୁଆଙ୍ଗର ଶିବ ପାର୍ବତୀ ଅଭିନୟ ପାଇଁ କୁନି କଳାକାରଙ୍କ ଆବଶ୍ୟକ ଥିଲା। ହେଲେ କୁନି କାଳାକାର ମିଳୁ ନ ଥିଲେ। କାହ୍ନାଙ୍କ ବଡ଼ବାପା ବୈକୁଣ୍ଠ ସ୍ୱାଇଁ ଜଣେ ଭଲ ନିର୍ଦ୍ଦେଶକ। ସେ ୪୨ ବର୍ଷ ହେଲା ଭାରତଲୀଳା, ରାମଲୀଳା, ମହାଭାରତ, ଦଣ୍ଡନାଚ ପରି ପୌରାଣିକ ନାଟକର ନିର୍ଦ୍ଦେଶନା ଦେଇ ଆସୁଛନ୍ତି। ନିଜ ପୁତୁରା ଦଣ୍ଡ ନାଚ କରାଉଥିବାରୁ ବୈକୁଣ୍ଠ ସ୍ୱାଇଁ ଷଠିଆପଲ୍ଲୀ ଦଣ୍ଡନାଚର ନିର୍ଦ୍ଦେଶକ ଥିଲେ। ଦିନେ ଘରେ ବସି ପୁତୁରା ଓ ବଡ଼ବାପା ଟିଭି ଦେଖୁଥାନ୍ତି। ସେହି ସମୟରେ ଟିଭି ନାଚ ଗୀତ ଦେଖି କାହ୍ନାଙ୍କ ପୁଅ ବାଦଲ ଓ ସାନ ଭାଇର ଝିଅ ବର୍ଷା ଚମତ୍କାର ଭାବେ ନାଚିଥିଲେ। ନିଜ ନାତିନାତୁଣୀଙ୍କ ନାଚ ଦେଖି ନିର୍ଦ୍ଦେଶକ ଜେଜେବାପା ଶିବ ପାର୍ବତୀ ଭୂମିକାରେ ସେମାନଙ୍କୁ ଅଭିନୟ କରିବାର ସୁଯୋଗ ଦେବାକୁ କହିଲେ। ସେଦିନଠାରୁ ଆଖଡାକୁ ନେଇ ନାତି ନାତୁଣୀଙ୍କୁ ନାଚ ଶିଖାଇଲେ। ବାଦଲ ଓ ବର୍ଷା ଜେଜେବାପାଙ୍କ ଅଭିନୟକୁ କାବୁ କରି ଅତି ସୁନ୍ଦର ଭାବେ ଅଭିନୟ କଲେ। ଏହା ପରେ ବର୍ଷା ଓ ବାଦଲକୁ ୨୦୨୨ ମସିହା ନାଚ ପେଣ୍ଡାଲରେ ଶିବ ପାର୍ବତୀ ଭୂମିକାରେ ଅଭିନୟ କରାଇଥିଲେ। ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା ବାଦଲ ଓ ବର୍ଷା ସେଦିନ ଠାରୁ ଆଉ ପଛକୁ ଫେରି ନାହାନ୍ତି। ଦୀର୍ଘ ୪ ବର୍ଷ ହେଲା ଏହି କୁନି ପ୍ରତିଭା ଶିବ ପାର୍ବତୀ ବେଶରେ ଅଭିନୟ କରି ଆସୁଛନ୍ତି।

ଏନେଇ ନିର୍ଦ୍ଦେଶକ ମୁରଲୀ ଧର ସ୍ୱାଇଁ କୁହନ୍ତି, ମୋ ଘରେ କଳାକାର ଥିଲେ। ହେଲେ ମୁଁ ଜାଣି ପାରି ନ ଥିଲି। ଶିବ ପାର୍ବତୀଙ୍କ ପାଇଁ କଳାକାର ଖୋଜା ଚାଲିଥିଲା। ଟିଭି ନାଚର ତାଳେ ତାଳେ ମୋ ନାତି ନାତୁଣୀଙ୍କ ନାଚ ଦେଖି ମୋତେ କଳାକାର ଖୋଜିବା ସରିଥିଲା। ଏ ନେଇ ବାଦଲ ଓ ବର୍ଷ କୁହନ୍ତି, ଜେଜେବାପା ଆମକୁ ଯେପରି କହିଲେ ଆମେ ସେପରି ନାଚ କରୁଛୁ। ଆମ ନାଚ ଅନ୍ୟକୁ ଖୁସି ଦେଉଛି ବୋଲି ସମସ୍ତେ କହୁଛନ୍ତି। ଆଗକୁ ଆହୁରି ଭଲ ଅଭିନୟ କରିବାକୁ ଚେଷ୍ଟା କରିବୁ ବୋଲି ଉଭୟ କହିଛନ୍ତି ।

# ସିଧାମୂଳା ନୀଳକଣ୍ଠେଶ୍ୱର ମହାଦେବଙ୍କ ୫୬ ପାଟଦଣ୍ଡ



ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ଦଣ୍ଡୁଆମାନେ ପୂଜାର୍ଚ୍ଚନା କରୁଛନ୍ତି।

ଖଣ୍ଡପଡ଼ା,୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧାମୂଳା ନୀଳକଣ୍ଠେଶ୍ୱର ମହାଦେବ ଜୀଉ କାମନା ଠାକୁରଙ୍କ କୋଠିର ୫୬ ପାଟଦଣ୍ଡ ମହୋତ୍ସବ ପାରମ୍ପରିକ ରୀତିରେ ଶନିବାର ପାଳିତ ହୋଇ ଯାଇଛି। ସିଧାମୂଳା ପଞ୍ଚାୟତ ଅଧୀନ ୭ଟି ମୌଜାର ଶତାଧିକ ମାନସିକ ବ୍ରତଧାରୀ ଦଣ୍ଡୁଆମାନେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ନିକଟସ୍ଥ ମହାନଦୀରେ ସ୍ନାନ ପୂଜା ସମ୍ପନ୍ନ କରି ଠାକୁରଙ୍କୁ ଗ୍ରାମ ବିଜେ କରାଇ ପ୍ରତି ଦ୍ୱାରରେ ଠାକୁର ପୂଜା ପାଇଥିଲେ। ଗ୍ରାମବାସୀ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ। ଏହାଛଡା ଦଣ୍ଡଠାକୁର ଯିବା ରାସ୍ତାରେ ପ୍ରତି ସାହିରେ ପାହୁଡ(ସମସ୍ତ ରାସ୍ତାରେ ନୂତନ ବସ୍ତ୍ର ବିଛାଇବା)ବିଛାଯାଇଥିଲା। ଠାକୁର ଏବଂ ଦଣ୍ଡୁଆମାନେ ଏହି ନୂତନ ବସ୍ତ୍ର ଉପରେ ଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ। ଏହି ଆଧ୍ୟାତ୍ମିକ ପରମ୍ପରା ଦର୍ଶନ ପାଇଁ ସିଧାମୂଳା ପଞ୍ଚାୟତ ଅଧୀନ ସିଧାମୂଳା, ବଳରାମପ୍ରସାଦ, ରାଜକିଆରୀ, ଦୁଆରଗାଁ, ହଟିଆପଲ୍ଲୀ, କନାସିଂ ଆଦି ଗ୍ରାମରେ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପ୍ରତି ଦ୍ୱାରରେ ଦୀପ, କଳସ ଓ କଦଳୀ ଗଛ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଦଣ୍ଡୁଆ ମାନଙ୍କ 'କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ, କୈଳାସ କନ୍ଦରୁ ଯୋଗ ନିଦ୍ରା ଭାଙ୍ଗିବାକୁ ଆଜ୍ଞା ହେଉ ହେ ମଣିମା' ଡାକରେ ତଥା ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଶବ୍ଦ ପରିବେଶକୁ ଅଧିକ ମନୋଜ୍ଞ ଓ ସରସ ସୁନ୍ଦର କରିଥିଲା।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିପ୍ସିତା



@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା14.04.2025ରିଖ** ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ବିଜ୍ଞାପନ ସଂ. ୩୨/୨୦୨୫
### ଭାରତ ସରକାର
### ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ
## ମେକନ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ପ୍ରକଳ୍ପ)

ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)

ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫର୍‌ୱାର୍ଡ କରାଯିବାର ଶେଷ ତାରିଖ ହେଉଛି **୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା) ।

ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ ।

CBC 40110/12/0001/2526

OBCC No. CAD-99
## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No. 3776 Date: 10.04.25
File: SMT-2055 (Vol-II)

### NOTICE INVITING TENDER

| | | |
|---|---|---|
| 1. | Name of Work | Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | 02/Tender/OBCC/2025-26 |
| 3. | Class of Contractor | "A" Class |
| 4. | Bid Processing Fee (Only in Online Mode) | Rs.11,800 (Including GST) |
| 5. | Date of availability of bid document in e-procurement portal | From Dt.15.04.2025 |
| 6. | Last date & time of receipt of online bid | Upto 05.00 P.M. of Dt.24.04.2025 |
| 7. | Date of Bid Opening | 25.04.2025 at 11.30 A.M. |
| 8. | Project Completion Duration | 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in.** | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | |

Sd./- EIC-cum-Managing Director
OIPR-34106/11/0017/2526

## झारखण्ड सरकार
### झारखण्ड खनिज क्षेत्र विकास प्राधिकार, धनबाद।
(लुबी सर्कुलर रोड, हीरापुर धनबाद 826001)

### ई-प्रोक्योरमेन्ट सूचना अति अल्पकालिन (प्रथम आमंत्रण)

ई-निविदा सूचना संख्या – 04/JMADA/2025-26 धनबाद, दिनांक – 11-04-2025

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- | प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराहन् तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराहन् तक |
| 4 | सरकार के सचिव, सूचना प्रौद्योगिकी एवं ई-गवर्नेस, झारखंड मंत्रालय के ज्ञापांक-120 दिनांक-03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराहन् तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराहन् |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या- | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

नोट – केवल ई निविदा ही स्वीकार किये जायेंगे।
- उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
- ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
- निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/-
कार्यपालक अभियंता,
झमाडा, धनबाद।

PR 350274 (Drinking Water and Sanitation) 25-26 (D)



ପୁରୀସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଶନିବାର ଆୟୋଜିତ ଭାଜପାର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଦଳୀୟ ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ପାଣ୍ଡିଆନ୍‌ଙ୍କୁ ପ୍ରଥମେ ବିରୋଧ କରିଥିଲି: ପାଟଶାଣୀ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)



ପ୍ରସନ୍ନ ପାଟଶାଣୀ

ବିଜେଡିରେ ଥିବାବେଳେ ଦଳର ସଭାପତି ନୀବନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତା ଭି.କେ. ପାଣ୍ଡିଆନ୍‌ଙ୍କୁ କେହି ବିରୋଧ କରିପାରୁ ନ ଥିଲେ। ତେବେ ସେତେବେଳେ ତାଙ୍କୁ ପ୍ରଥମେ ସେ ହିଁ ବିରୋଧ କରିଥିବା କହିଛନ୍ତି ଭାଜପା ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ। ୱକ୍‌ଫ ବିଲ୍ ସପକ୍ଷରେ ରାଜ୍ୟ ସଭାରେ କେତେଜଣ ବିଜେଡି ସଦସ୍ୟଙ୍କ ଭୋଟିଂକୁ ନେଇ ନବୀନଙ୍କୁ ଦଳ ଭିତରୁ ଓ ବାହାରୁ ଟାର୍ଗେଟ କରାଯାଉଥିବାବେଳେ ଶନିବାର ଭାଜପା ନେତା ପାଟଶାଣୀ ମୁହଁ ଖୋଲି ବର୍ଷିଛନ୍ତି। ପାଟଶାଣୀ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ତାଙ୍କ ସହଯୋଗୀ ପାଣ୍ଡିଆନ୍‌ଙ୍କ କଥାରେ ଭୀଷଣ ମିଛ କହୁଛନ୍ତି। ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେବା କଥା କହିବା ସବୁଠାରୁ ବଡ଼ ମିଛ। ପାଣ୍ଡିଆନ୍‌ଙ୍କ ଯୋଗୁ ବିଜେଡି ନିର୍ବାଚନ ହାରିଛି। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପରବୁଦ୍ଧିରେ ବାଟ ଚାଲିଲେ ଘର ଭାଙ୍ଗିବ। ପାଣ୍ଡିଆନ୍‌ଙ୍କ ପାଇଁ ବିଜେଡିର ଏପରି ବିପର୍ଯ୍ୟୟ। ତଥାପି ନବୀନ କାହିଁକି ତାଙ୍କୁ ଛାଡ଼ିପାରୁ ନାହାନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ଲୋକମାନେ ବିଜେଡିକୁ ଫୋପାଡ଼ିଦେଲେ। ପାଣ୍ଡିଆନ୍‌ଙ୍କ ପାଖରେ କ'ଣ ଅଛି ନବୀନ ତାଙ୍କୁ ଡରୁଛନ୍ତି। ବିଜେଡିରେ ଏବେ ବି ବିଭୀଷଣ ଷଡ଼ଯନ୍ତ୍ର ଚାଲିଛି। ତାଙ୍କ ବିରୋଧରେ ମଧ୍ୟ ଷଡ଼ଯନ୍ତ୍ର ହୋଇଥିଲା। ପ୍ରଥମେ ସେ ପାଣ୍ଡିଆନ୍‌ଙ୍କୁ ବିରୋଧ କରିଥିଲେ। ଚିଲିକାରୁ ଟିକେଟ ଚାହୁଁଥିଲେ, ଶେଷ ସମୟରେ ତାଙ୍କୁ ବାଦ୍ ଦିଆଗଲା। ଏବେ ପ୍ରଭାତ ତ୍ରିପାଠୀଙ୍କୁ ନେଇ ନବୀନଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ନେତାଙ୍କୁ ତାଗିଦ କରିବା ଅଧିକାର କାହାର ନାହିଁ। ନବୀନଙ୍କ ଚେତାବନୀ କିଛି କାମ କରିବନାହିଁ। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପାଣ୍ଡିଆନ୍ ଆସିବା ଦିନଠାରୁ ଦଳ ଧ୍ୱଂସ ପାଇଗଲା। ନବୀନବାବୁ ସବୁବେଳେ ପାଣ୍ଡିଆନ୍‌ଙ୍କୁ ସମର୍ଥନ କରୁଥିବାରୁ ତାଙ୍କ ମାର୍କେଟ ଗଲା ବୋଲି ପାଟଶାଣୀ କହିଛନ୍ତି।

ପାଟଶାଣୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ତାଙ୍କ ଦଳରେ କେଉଁଠି ଅସନ୍ତୋଷ ନାହିଁ। ପାଟଶାଣୀବାବୁ ବିଜେଡିରେ ଥିବାବେଳେ ଦଣ୍ଡ ଧରି ତାଙ୍କ ଦଳ ଦଉଡ଼ିକୁ ସମ୍ଭାଳିଥିଲେ। ଯୁଆଡ଼େ ଗଲେ ବି ତାଙ୍କ ଦଣ୍ଡର ପ୍ରଭାବ ରହିବ ବୋଲି ଦେବୀ କହିଛନ୍ତି।

# ନବୀନଙ୍କ ବୁଦ୍ଧି ଉଦୟ ହେଉନି: ଜୟନାରାୟଣ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

## ବିଜେଡି ଲୋପ ପାଇବା ବିଜେଡିର ଇଚ୍ଛାଧୀନ ବ୍ୟାପାର

ଭାଜପା ହୁଇସିଲ୍ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ଆମେମାନେ ହୁଇସିଲ୍ ଅପେକ୍ଷାରେ ରହିଛୁ। ଯେଉଁଦିନ ଫୁଙ୍କା ହେବ ସେଦିନ ବିଜେଡି ଗୋଲ୍ ହୋଇଯିବ। ତାସ୍ ପତା ଭଳି ବିଜେଡି ଭାଙ୍ଗିଯିବ। ବିଜେଡି ଲୋପ ପାଇବା ବିଜେଡିର ଇଚ୍ଛାଧୀନ ବ୍ୟାପାର। ବିଜେଡିର ସମସ୍ତେ ଯୋଗାଯୋଗରେ ଅଛନ୍ତି, ଆଗକୁ ଅନେକ କଥା ଘଟିବ ବୋଲି ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି, ରାଜ୍ୟର ଖଣି, ପାଣି ସବୁ ପାଣ୍ଡିଆନ୍ ଲୁଟ୍ କରିଛନ୍ତି। ସେହି ଲୋକକୁ ଛଡ଼ାଯିବା ଉଚିତ ନୁହେଁ। ବିଜେଡି ନେତାମାନେ ଏବେ ତାଙ୍କ ବିରୋଧରେ ଯେଉଁ ମୁହଁ ଖୋଲୁଛନ୍ତି ସେମାନଙ୍କୁ ସେ ସାହସ ଦେଇଛନ୍ତି। ଦୀର୍ଘଦିନ ଧରି ପାଣ୍ଡିଆନ୍‌ଙ୍କୁ ନେଇ ବିଜେଡି ନେତାମାନେ ନିଜର ଅସନ୍ତୋଷ ଚାପି ରଖିଥିଲେ। ଏବେ ସେଗୁଡିକ ଉଗ୍ରରୂପ ଧାରଣ କରି ବାହାରକୁ ବାହାରୁଛି। ଆଗକୁ ଅଧିକ ବାହାରିବା ଦରକାର। ଅଧିକ ବାହାରିଲେ ସେ ଲୋକ ଏକ୍ସପୋଜ ହେବ। ପାଣ୍ଡିଆନ୍ ଓ ନବୀନଙ୍କ ଭିତରେ କ'ଣ କେମିଷ୍ଟ୍ରି ରହିଛି ଜାଣିନି। ସେ ଲୋକ ପାଇଁ ଦଳ ଏତେ ବୁଡ଼ିଲା ପରେ ବି ନବୀନଙ୍କ ବୁଦ୍ଧି ଉଦୟ ହେଉନାହିଁ ଅର୍ଥ ସେମାନଙ୍କ ଭିତରେ କିଛି ପ୍ରୀତି ମଧୁର ରହିଥିବ ବୋଲି ଜୟନାରାୟଣ କହିଛନ୍ତି।

# ଭାଜପା ସରକାର ବିରୋଧରେ ଆନ୍ଦୋଳନ କରିବ ଯୁବକଂଗ୍ରେସ: ମହେଶ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ଓଡ଼ିଶାର ଭାଜପା ସରକାର ବିରୋଧରେ ଯୁବକଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ୧୦ ମାସ ଅତିବାହିତ ହେଲାପରେ ମଧ୍ୟ ରାଜ୍ୟର ଭାଜପା ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ଅସମର୍ଥ ହୋଇଛି। ମହିଳାଙ୍କୁ ସୁରକ୍ଷିତ ଓ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ମହିଳା ନିର୍ଯାତନା, ବଳାତ୍କାର ଅନିୟନ୍ତ୍ରିତ ହୋଇପଡ଼ିଛି। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସ୍ମାର୍ଟମିଟର ଲଗାଇ ଶୋଷଣ କରିବା ସହ ବାରମ୍ବାର ବିଜୁଳି କାଟ ଚାଲିଛି। ମାଗଣା ବିଜୁଳି କଥା ଆଉ ମୁହଁରେ ଧରୁନାହାନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ମହେଶ ଦେଶମୁଖ କହିଛନ୍ତି।

ଯୁବକଂଗ୍ରେସ ପ୍ରଭାରୀ ମହେଶଙ୍କୁ କଂଗ୍ରେସ ଭବନଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲା ଯୁବ କଂଗ୍ରେସ ସଭାପତି ଏବଂ ରାଜ୍ୟ କର୍ମକର୍ତ୍ତାଙ୍କ ବୈଠକରେ ଯୋଗଦେଇ ସେ କହିଛନ୍ତି, ରାଜ୍ୟର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜରେ ୫୦%ରୁ ଅଧିକ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ଚାଷୀ ଓ ଚାଷ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିନା କଟ୍‌ନି ଛଟ୍‌ନିରେ ଚାଷୀର ସମସ୍ତ ଧାନ କିଣିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଏବେ କଟ୍‌ନି ଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ମହେଶ କହିଛନ୍ତି।



ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ମହେଶ ଦେଶମୁଖଙ୍କୁ କଂଗ୍ରେସ ଭବନଠାରେ ଯୁବକଂଗ୍ରେସ ନେତାମାନେ ସ୍ୱାଗତ କରୁଛନ୍ତି।

# ୧୭ରେ ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ପାଳିବ ବିଜୁବାବୁଙ୍କ ତିରୋଧାନ ଦିବସ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ଆସନ୍ତା ୧୭ ତାରିଖରେ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ଏନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସବୁ ଏମ୍‌ପି, ବିଧାୟିକା ବିଧାୟକ, ନିର୍ବାଚନମଣ୍ଡଳୀର ସମସ୍ତ କର୍ମକର୍ତ୍ତା, ଜିଲା ପରିଷଦ ସଭାପତି, ବ୍ଲକ୍ ଓ ନଗର ଅଧ୍ୟକ୍ଷ, ବ୍ଲକ୍ ଓ ନଗର ସଭାପତିମାନଙ୍କୁ ଶନିବାର ଚିଠି ଲେଖି ଅବଗତ କରାଇଛନ୍ତି। ସେ କହିଛନ୍ତି, ଏହି ଦିବସରେ ପୂର୍ବବର୍ଷଗୁଡିକ ଭଳି ସକାଳେ ତିଳତର୍ପଣ, ବିଜୁବାବୁ ଏବଂ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହାପରେ ଆଧୁନିକ ଓଡ଼ିଶା ନିର୍ମାଣରେ ବିଜୁବାବୁଙ୍କ ଅବଦାନ ଓ ତାଙ୍କ ଆଦର୍ଶରେ ଓଡ଼ିଶାର ସମୃଦ୍ଧି ଏବଂ ଆଗାମୀର ଆହ୍ୱାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପାଳନ ପରେ ଏହାର ଫଟୋଚିତ୍ର ଶଙ୍ଖ ଭବନ ହ୍ୱାଟ୍ସଆପ୍ ନମ୍ବରରେ ପଠାଇବାକୁ ନବୀନ କହିଛନ୍ତି।

## Business

# ଭୁବନେଶ୍ୱରରେ ରୁପା କିଲୋ ୧.୧୦ ଲକ୍ଷ

ଭୁବନେଶ୍ୱର,୧୨।୪ (ଅଭୟ ଦାଶ)




ଘରୋଇ ବଜାରରେ କ୍ରମାଗତ ଭାବେ ସୁନା ଓ ରୁପାର ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏପରିକି ସୁନା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ବେଳେ ରୁପା ଦର କିଲୋଗ୍ରାମ ପିଛା ୧.୧୦ ଲକ୍ଷ (୧,୧୦,୦୦୦ ଟଙ୍କା)ରେ କାରବାର ହେଉଛି।

ଅପରପକ୍ଷରେ ବୈଶ୍ୱିକ ସ୍ତରର ଯୁଦ୍ଧ ପରିସ୍ଥିତି ଏବଂ ଚାଇନା ଓ ଆମେରିକାର ତିକ୍ତତା ସାଙ୍ଗକୁ ନୂଆ ଟାରିଫ୍, ବାଣିଜ୍ୟ ନୀତି ସହ ଉତ୍ପାଦନରେ ହ୍ରାସର ପ୍ରଭାବ ଯୋଗୁ ସୁନା, ରୁପାର ଦର ବୃଦ୍ଧି ହେଉଛି। ସେହିଭଳି ଫେଡେରାଲର ରିଜର୍ଭର ସୁଧହାର ବୃଦ୍ଧି ଏବଂ ଟ୍ରମ୍ପଙ୍କ ନୂଆ ବାଣିଜ୍ୟ ନୀତିର ପ୍ରଭାବ ଭାରତୀୟ ବଜାରରେ ସିଧାସଳଖ ପ୍ରଭାବ ପକାଉଛି।

ଉଲ୍ଲେଖଯୋଗ୍ୟ, ଶନିବାର ଭୁବନେଶ୍ୱରରେ ରୁପା ଦର କିଲୋପିଛା ୧.୧୦ ଲକ୍ଷ ଟଙ୍କା ଥିଲାବେଳେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୫,୫୮୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୭,୭୦୦ ଟଙ୍କାରେ କାରବାର ହେଉଛି। ଏପରିକି ରାଜ୍ୟର ପ୍ରମୁଖ ସହର କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଝାରସୁଗୁଡା, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ବରଗଡ଼, କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ଭଳି ସହରର ରୁପା କିଲୋ ପିଛା ୧.୮ରୁ ୧.୧୦ ଲକ୍ଷ ମଧ୍ୟରେ କାରବାର ହେଉଛି ବୋଲି ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିପରି ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୯୪,୩୩୦ ଟଙ୍କା ରହିଥିଲାବେଳେ ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ଭଳି ପ୍ରମୁଖ ମହାନଗରରେ ରୁପା କିଲୋଗ୍ରାମ ପିଛା ୯୪,୪୯୦ ଟଙ୍କା, ୯୪,୭୬୦ ଟଙ୍କା ଏବଂ ୯୪,୩୬୦ ଟଙ୍କାରେ କାରବାର ହେଉଛି। ଉପରୋକ୍ତ ମହାନଗରଗୁଡ଼ିକରେ ସୁନା ଦର ୯୪,୦୦୦ ରୁ ୯୬,୦୦୦ ଟଙ୍କାରେ ପହଞ୍ଚିଛି।

# ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ନୂତନ ଅଭିଯାନ

ମୁମ୍ବାଇ, ୧୨।୪

ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ନୂତନ ଅଭିଯାନ 'ରଙ୍ଗୋ କା ଖେଲ ୨.୦'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍ ୨୦୨୫ ପାଇଁ ଏହି ନୂତନ ଅଭିଯାନ ଆରମ୍ଭ ହୋଇଛି। ପୂର୍ବ ଅଭିଯାନର ସଫଳତାକୁ ଆଧାରକରି ନୂତନ ସଂସ୍କରଣରେ ରଙ୍ଗ, ସାମୂହିକ ଭାବନା ଏବଂ ଚର୍ଚ୍ଚିତ ଚେହେରାର ମିଶ୍ରଣ ସହିତ ସିନେମା ଏବଂ ଉତ୍ସବର ଅନୁଭୂତିକୁ ଉନ୍ନତ କରାଯାଇଛି। ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ଯୁଗ୍ମ ଏମ୍‌ଡି ତଥା ସିଇଓ ସୁନ୍ଦରେସନ ଏଏସ୍ କହିଛନ୍ତି, କ୍ରିକେଟ ଆଜି ରଙ୍ଗ ଓ ଭାବନାର ଏକ ଶକ୍ତିଶାଳୀ ପର୍ବ। ରଙ୍ଗୋ କା ଖେଲ ୨.୦' ଜରିଆରେ ଆମେ ଲକ୍ଷ ଲକ୍ଷ କ୍ରିକେଟ୍ ପ୍ରଶଂସକଙ୍କ ସହ ଆମର ସମ୍ପର୍କକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ। କ୍ରିକେଟ କିମ୍ବଦନ୍ତୀ, ଗୋଷ୍ଠୀ ସଦ୍‌ଭାବନା ଏବଂ ଆମର ଜୀବନ୍ତ ପରିସର ସହିତ ଆମେ ଜାଣିବାକୁ ଚାହୁଁଥିଲୁ।

# ଏଫ୍‌ଆଇଭିବି ପ୍ରଶାସନିକ ବୋର୍ଡରେ ଈଶା

ମୁମ୍ବାଇ, ୧୨।୪



ଈଶା ଅମ୍ବାନୀ

ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍‌ଆଇଭିବି)କୁ ବିଶିଷ୍ଟ ମହିଳା ଉଦ୍ୟୋଗୀ ଈଶା ଅମ୍ବାନୀ ମନୋନୀତ ହୋଇଛନ୍ତି। ଏପରିକି ୨୦୨୪-୨୮ ଅଲିମ୍ପିକ୍ ଚକ୍ର ପାଇଁ ଈଶା ଅମ୍ବାନୀ ଏବଂ ଲୁଇସ୍ ବାଓଡେନ୍‌ଙ୍କୁ ଏଫ୍‌ଆଇଭିବିର ପ୍ରଶାସନିକ ବୋର୍ଡରେ ନିଯୁକ୍ତ କରାଯାଇଛି, ଯାହା ସଙ୍ଗଠନର ସର୍ବୋଚ୍ଚ ସ୍ତରରେ ତାଜା ଦୃଷ୍ଟିକୋଣ, ବ୍ୟବସାୟିକ ବୁଦ୍ଧି ଓ କୌଶଳ ଏବଂ ଖେଳାଳି ପ୍ରତିନିଧିତ୍ୱ ଆଣିଛି। ସେହିଭଳି ଈଶା ଏବଂ ଲୁଇସ୍‌ଙ୍କୁ ଏଫ୍‌ଆଇଭିବି ସମ୍ବିଧାନର ଧାରା ୨.୪.୧.୫ ଅନୁଯାୟୀ ନିଯୁକ୍ତ କରାଯାଇଛି, ଯାହା ଏଫ୍‌ଆଇଭିବି ସଭାପତିଙ୍କୁ ବିଭିନ୍ନ ବର୍ଗରେ ପ୍ରାୟ ୪ ଜଣ ଅତିରିକ୍ତ ବୋର୍ଡ ସଦସ୍ୟଙ୍କୁ ଚୟନ କରିବାକୁ ଅନୁମତି ଦେଇଥାଏ। ଏହା ଦୃଷ୍ଟିକୋଣର ବ୍ୟାପକତା ସୁନିଶ୍ଚିତ କରିବା ସହ ବୋର୍ଡର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିଛି। ସେହିପରି ଈଶା ଅମ୍ବାନୀ ଏଫ୍‌ଆଇଭିବି ବୋର୍ଡରେ ସଂଖ୍ୟାଲଘୁ ଲିଙ୍ଗ ବର୍ଗର ପ୍ରତିନିଧିତ୍ୱ କରୁଥିବା ନିଯୁକ୍ତ ସଦସ୍ୟ ଭାବେ ଯୋଗଦାନ କରିଛନ୍ତି। ବ୍ୟବସାୟ ଜଗତର ନେତୃତ୍ୱ ନେଉଥିବା ସଫଳ ବ୍ୟକ୍ତି ଭାବେ ଈଶା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନେତୃତ୍ୱର ଏକ ଅଂଶ ଏବଂ ରିଲାଏନ୍ସ ରିଟେଲ ସମେତ ଅନେକ ଗ୍ରୁପ୍ କମ୍ପାନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେଠାରେ ସେ କମ୍ପାନୀର ବ୍ୟାପକ ଅଭିବୃଦ୍ଧିର ନେତୃତ୍ୱ ନେଇଛନ୍ତି ଏବଂ ପ୍ରମୁଖ ଡିଜିଟାଲ ଏବଂ ଇ-କମର୍ସ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଉଛନ୍ତି। ଏଥିସହ ଈଶା କମ୍ପାନୀର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

# ସେନେସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୨।୪

ଦେଶର ପ୍ରମୁଖ ତଥା ପ୍ରିମିୟମ ହୀରା ବ୍ରାଣ୍ଡ 'ସେନେସ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେନେସ୍ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ସେନେସ୍ ହେଉଛି, ସେନ୍‌କୋ ଗୋଲ୍ଡର ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହା ୮୫ ବର୍ଷରୁ ଅଧିକ ସମୟ ଧରି ନିଜର ସମୃଦ୍ଧ କାରିଗରି ପାଇଁ ଜଣାଶୁଣା। ଏହି ବ୍ରାଣ୍ଡରେ ଅନେକ ପ୍ରକାର ଉତ୍କୃଷ୍ଟ ଅଳଙ୍କାର ଖଣ୍ଡ ସାମିଲ ରହିଛି, ଯାହା ସ୍ଥାୟିତ୍ୱର ଭାବକୁ ଦର୍ଶାଉଛି। ଇଟାଲୀୟ ଡିଜାଇନ ଏବଂ ଭାରତୀୟ କାରିଗରିର ଏକ ଅନନ୍ୟ ମିଶ୍ରଣ ସହ ସେନେସ୍ ଉପଭୋକ୍ତା/ଗ୍ରାହକ/ଆପଣଙ୍କୁ ବିଳାସ ଏବଂ ମୌଳିକତାର ଜୀବନଶୈଳୀ ଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି। ଏହି ବ୍ରାଣ୍ଡ୍ ବିଭିନ୍ନ ଡିଜାଇନ, ସୁନ୍ଦର ସେଟିଂରେ ଲାବ୍ ଉତ୍ପାଦିତ ହୀରା ପ୍ରଦାନ କରୁଛି। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆଧୁନିକ ବିଳାସକୁ ଗ୍ରହଣ କରିବା ସହିତ ଭାରତର ଅତୁଳନୀୟ କାରିଗରୀକୁ ସଂରକ୍ଷଣ ଓ ପାଳନ କରିବା ପାଇଁ ସେନେସ୍ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିଭଳି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ କହିଛନ୍ତି, ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲ୍‌ରେ ଆଜି ଆମର ସେନେସ୍ ଶୋ'ରୁମ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଉସ୍ ଅଫ୍ ସେନେସ୍ ପକ୍ଷରୁ ଗ୍ରାହକଙ୍କ ଶପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଅନେକ ଉଦ୍‌ଘାଟନୀ ଅଫର ଘୋଷଣା କରାଯାଇଛି। ଏପରିକି ଗ୍ରାହକମାନେ ଚମଡ଼ା ବ୍ୟାଗ୍ ଏବଂ ଆକ୍ସେସରିଜ୍ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ଲାବ୍‌ରେ ପ୍ରସ୍ତୁତ ହୀରାର ଏମ୍‌ଆର୍‌ପି ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

# ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ

ମୁମ୍ବାଇ, ୧୨।୪



ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ତିରୁପତି କଲେକ୍ସନ' ସହ ଜୁଏଲ୍ସ ଅଫ୍ ଇଣ୍ଡିଆର ୧୦ମ ସଂସ୍କରଣକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ତିରୁପତିର ପବିତ୍ର ଭୂମିକୁ ଶ୍ରଦ୍ଧାଞ୍ଜଳି ଅର୍ପଣକରି ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ସଂଗ୍ରହ ଏବଂ ଜୁଏଲ୍ସ ଅଫ୍ ଇଣ୍ଡିଆର ୧୦ମ ସଂସ୍କରଣରେ 'ତିରୁପତି କଲେକ୍ସନ'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ସେହିଭଳି ସୂକ୍ଷ୍ମ କଳାକୌଶଳରେ ନିର୍ମିତ ଏହି ଡିଜାଇନଗୁଡ଼ିକ ଭଗବାନ ବାଲାଜୀଙ୍କ ଆଧ୍ୟାତ୍ମିକ ମହିମା, ପବିତ୍ର ତିରୁମାଲା ପାହାଡ଼ ଏବଂ ଶ୍ରୀନିବାସ କଲ୍ୟାଣମର ସୁନ୍ଦର ଆକର୍ଷଣକୁ ପ୍ରଦର୍ଶିତ କରୁଛି। ଏହା ରାଜକୀୟ ଚୋକର୍ସ ହେଉ କିମ୍ବା ଆକର୍ଷଣୀୟ ଲମ୍ବା ହାର, ସୂକ୍ଷ୍ମ ହସ୍ତଶିଳ୍ପ ତିଆରି ଚୁଡ଼ି କିମ୍ବା ସୁନ୍ଦର ଭାବେ କାରୁକାର୍ଯ୍ୟପୂର୍ଣ୍ଣ କାନଫୁଲ, ପ୍ରତ୍ୟେକ ଅଳଙ୍କାର ମନ୍ଦିର ପରମ୍ପରାର କଳାତ୍ମକତାକୁ ପ୍ରତିଫଳିତ କରୁଛି, ଯାହା ଆଧୁନିକତା ସହିତ ସହଜ ଭାବରେ ଖାପ ଖୁଆଉଛି। ଏହାର ଉତ୍କୃଷ୍ଟ ସୃଷ୍ଟି ବ୍ୟତୀତ ଜୁଏଲ୍ସ ଅଫ୍ ଇଣ୍ଡିଆ–ତିରୁପତି' କଲେକ୍ସନରେ ଭଗବାନ ବାଲାଜୀଙ୍କ ପବିତ୍ର ତତ୍ତ୍ୱକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏବଂ ହାଲୁକା ଓ ପିନ୍ଧିବା ଯୋଗ୍ୟ ଅଳଙ୍କାରର ଏକ ଶୃଙ୍ଖଳା ମଧ୍ୟ ଏଥିରେ ସାମିଲ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଅଳଙ୍କାର କେବଳ ଏକ ଆଭୂଷଣ ନୁହେଁ; ଏହା ଐତିହ୍ୟ, ବିଶ୍ୱାସ ଏବଂ ଦିବ୍ୟ ସମ୍ବନ୍ଧର ଏକ ଶାଶ୍ୱତ ଅଭିବ୍ୟକ୍ତି। ଜୁଏଲ୍ସ ଅଫ୍ ଇଣ୍ଡିଆ ତିରୁପତି କଲେକ୍ସନ ଭଗବାନ ବାଲାଜୀଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି, ଯାହାର ପ୍ରତ୍ୟେକ ଅଂଶରେ ତାଙ୍କର ଆଶୀର୍ବାଦ ସନ୍ନିହିତ ରହିଛି। ଏହା ଅକ୍ଷୟ ତୃତୀୟାର ଭାବନାକୁ ସୁନ୍ଦର ଭାବେ ପ୍ରସ୍ତୁତ କରୁଛି। ସେହିଭଳି ଆଗାମୀ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ସୀମିତ ଅବଧିର ଉତ୍ସବ ରିହାତି ପ୍ରଦାନ କରୁଛି। ସୁନା ଅଳଙ୍କାରରେ ଗଢା ମଜୁରି ଉପରେ ୨୫% ପର୍ଯ୍ୟନ୍ତ ରିହାତି ଏବଂ ହୀରା ଅଳଙ୍କାର ଉପରେ ୩୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ। ଗ୍ରାହକମାନେ ପୁରୁଣା ସୁନା ଉପରେ ୧୦୦% ବିନିମୟ ମୂଲ୍ୟର ଲାଭ ମଧ୍ୟ ନେଇପାରିବେ। ଏହି ଅଫର ୨୦୨୫ ମେ ୫ ପର୍ଯ୍ୟନ୍ତ ବୈଧ ରହିଛି।

# ବଜାରରେ ଲୟଡ୍‌ର 'ଲକ୍‌ଜୁରିଆ'

ମୁମ୍ବାଇ, ୧୨।୪

ଲୟଡ୍‌ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଲକ୍‌ଜୁରିଆ' କଲେକ୍ସନକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ଏହି ନୂତନ କଲେକ୍ସନକୁ ବଜାର ପ୍ରବେଶ ସହ ଉତ୍ପାଦନ ପରିସରକୁ ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଗତ ବର୍ଷର ସଫଳତା ଉପରେ ଆଧାରକରି ଲୟଡ୍ ତା'ର ଘିଲୋଥ ଓ ଶ୍ରୀ ସିଟି ପ୍ଲାଣ୍ଟର ଉତ୍ପାଦନ କ୍ଷମତାକୁ ବାର୍ଷିକ ୩ ନିୟୁତ ଏସିଏସ୍ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଲୟଡ୍ ଲକଜୁରିଆ ସଂଗ୍ରହ ଶ୍ରେଷ୍ଠ କାରିଗରି, ଅଭିନବ ପ୍ରଯୁକ୍ତିବିଦ୍ୟା ଓ ଶକ୍ତିଦକ୍ଷତା ସହ ଏହାର ଏସି ଗୁଡ଼ିକୁ ମଜଭୁତ କରିଥାଏ। ଏହି ସେଗ୍‌ମେଣ୍ଟ ଉପରେ ଧ୍ୟାନଦେଇ ଲୟଡ୍ ଆରାମ ଗୁଣବତ୍ତା ବୃଦ୍ଧିକରି ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ଏ ସମ୍ପର୍କରେ ହାଭେଲ୍ସ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୋଗେଶ କୁମାର ଗୁପ୍ତା କହିଛନ୍ତି, ଲୟଡ୍ ସର୍ବଦା ନବସୃଜନ ପ୍ରତି ଧ୍ୟାନ ଦେଇଥାଏ। ଯେଉଁ କାରଣରୁ ଗତ ବର୍ଷର ସଫଳତା ଆମକୁ ପ୍ରିମିୟମ ବଜାରରେ ବ୍ରାଣ୍ଡ୍‌ର ସ୍ଥିତିକୁ ମଜଭୁତ କରିଥିଲା। ଲକ୍‌ଜୁରିଆ କଲେକ୍ସନ ହେଉଛି,ଚିନ୍ତାଶୀଳ ଭାବେ କ୍ୟୁରେଟେଡ୍ କୁଲିଂ ସମାଧାନ ପାଇଁ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଆମର ପ୍ରୟାସ। ଶ୍ରୀ ସିଟିରେ ଆମର ଉତ୍ପାଦନ କ୍ଷମତା ବଢାଇବା ହେଉଛି, ଆମର ବିଶ୍ୱାସ ଓ ଉଚ୍ଚ ଗୁଣବତା ମାନଦଣ୍ଡ ପ୍ରତି ସଜାଗ ରହିବା ସହ ଉପଯୁକ୍ତ ମୂଲ୍ୟରେ ଉତ୍ପାଦ ଯୋଗାଇବା ପ୍ରତି ଆମର ପ୍ରତିବଦ୍ଧତା।

ଲୟଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଆଲୋକ ଟିକୁ କହିଛନ୍ତି, ଏହା ଆମ ପାଇଁ ଏକ ବଡ଼ ମୁହୂର୍ତ୍ତ। ଆମେ ପ୍ରିମିୟମ ଏୟାର କଣ୍ଡିସନିଂ ବଜାରରେ ସ୍ତର ବୃଦ୍ଧି କରୁଛୁ। ଲକ୍‌ଜୁରିଆ କଲେକ୍ସନ ସହ ଶୁଭାରମ୍ଭ ହୋଇଥିବା ଉତ୍ପାଦଗୁଡ଼ିକ ଗ୍ରାହକଙ୍କ ପ୍ରାଥମିକତାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଉଲ୍ଲେଖ କରିବ। କେବଳ ଭଲ କାର୍ଯ୍ୟ ଦକ୍ଷତା ପାଇଁ ନୁହେଁ ବରଂ ଉପଯୁକ୍ତ ବିଳାସ ଓ ସୌନ୍ଦର୍ଯ୍ୟ ବୋଧ ପ୍ରତି ଆମ ଉତ୍ପାଦର ଏକ ସ୍ୱତନ୍ତ୍ରତା ପ୍ରଦାନ କରିବ।

# ୨ ବଳାତ୍କାରୀଙ୍କୁ ଏନ୍‌କାଉଣ୍ଟର

## କୋର୍ଟ ଚାଲାଣ ବେଳେ ବନ୍ଧୁକ ଛଡ଼ାଇ ଫେରାର ହେଉଥିଲେ




ପୋଲିସର ଏନ୍‌କାଉଣ୍ଟରରେ ଆହତ ୨ ଅଭିଯୁକ୍ତ।

ଝାରସୁଗୁଡ଼ା,୧୨।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଞ୍ଚଳର ଏକ ବଳାତ୍କାର ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହେଉଥିବା ୨ଅଭିଯୁକ୍ତ ପୋଲିସ ବନ୍ଧୁକ ଛଡ଼ାଇ ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେଉଥିବାବେଳେ ଏନ୍‌କାଉଣ୍ଟରର ଶିକାର ହୋଇଛନ୍ତି। ଅଭିଯୁକ୍ତ ଶେଖ୍ ଆଶିଷ (୨୨) ଓ ଅଭିଷେକ ବାରିକ (୩୦)ଙ୍କ ୨ଗୋଡ଼ରେ ଗୁଳି ବାଜିଛି। ଆହତ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରାଯାଇ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇ ଝାରସୁଗୁଡା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ଗୁଳିଚାଳନାରେ ଜଣେ ଏସ୍‌ଆଇ ଆହତ ହୋଇଛନ୍ତି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଆଇଜିପି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ବେଲପାହାଡ଼ ଥାନା ଅଞ୍ଚଳରେ ଗତ ଗୁରୁବାର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପରେ ବେଲପାହାଡ଼ ପୋଲିସ ଶେଖ୍ ଆଶିଷ ଓ ଅଭିଷେକଙ୍କୁ ଗିରଫ କରି ନିଜ ହେପାଜତରେ ରଖିଥିଲା। ଶୁକ୍ରବାର ୨ଜଣଙ୍କ ବୟାନ ରେକର୍ଡ କରାଯାଇ ମେଡିକାଲ ପରୀକ୍ଷା କରାଯାଇଥିଲା। ଶନିବାର ସକାଳୁ ଉଭୟଙ୍କୁ କୋର୍ଟ ଚାଲାଣ ପାଇଁ ଏକ ଭ୍ୟାନ୍‌ରେ ଝାରସୁଗୁଡ଼ା ଅଣାଯାଉଥିଲା। ଏହି ସମୟରେ ବେଲପାହାଡ଼ଠାରୁ ଝାରସୁଗୁଡ଼ା ମଧ୍ୟରେ ଥିବା ବୁଢ଼ବୁଢ଼ିଆ ଜଙ୍ଗଲ ଛୁଆଲିବେର୍ଣ୍ଣା ନିକଟରେ ୨ ଅଭିଯୁକ୍ତ ପୋଲିସଠାରୁ ଗୋଟିଏ ବନ୍ଧୁକ ଛଡ଼ାଇ ନେଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ଆତ୍ମସମର୍ପଣ କରିବା ପାଇଁ କୁହାଯାଇଥିଲା। କିନ୍ତୁ ସେମାନେ ନ ଶୁଣି ପୋଲିସ ଉପରକୁ ଗୁଳି ଚାଳନା କରିବାରୁ ପୋଲିସ ଆତ୍ମରକ୍ଷା ପାଇଁ ୩ ରାଉଣ୍ଡ ଗୁଳି ଚଳାଇଥିଲା। ୨ ଅଭିଯୁକ୍ତଙ୍କ ୨ ଗୋଡ଼ରେ ଗୋଟିଏ ଲେଖାଏ ଗୁଳି ବାଜିଥିବାବେଳେ ଗୋଟିଏ ବ୍ଲାଙ୍କ ଫାୟାର କରାଯାଇଥିବା ପୋଲିସ କହିଛି। ବଳାତ୍କାର ଶିକାର ନାବାଳିକା ଏବଂ ତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର ପାଇଁ ଅଭିଯୁକ୍ତ ଶେଖ୍ ଆଶିଷଙ୍କ ପରିବାର ଲୋକେ ଧମକ ଦେଇଥିଲେ। ଏ ନେଇ ବେଲପାହାଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ଶେଖ୍ ଆଶିଷଙ୍କ ନାମରେ ପୂର୍ବରୁ ୨ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ପୋଲିସ କହିଛି।

# ଅବକାରୀ ବିଭାଗ ଗାଡ଼ିକୁ ଗୁଳିମାଡ଼



ଗିରଫ ହୋଇଥିବା ଅଭିଯୁକ୍ତ।



ଜବତ ହୋଇଥିବା ଗୋରୁ।

ସୁନ୍ଦରଗଡ,୧୨।୪
(ଜୟ ନାରାୟଣ ମେଣ୍ଡୁଲି)

- ଜଣେ ଗିରଫ, ୨ ଫେରାର
- ପିକ୍‌ଅପ୍ ଭ୍ୟାନ୍‌ରେ ହେଉଥିଲା ଗୋରୁ ଚାଲାଣ
- ଚୋରାମଦ ଚାଲାଣ ସନ୍ଦେହରେ ଗୋଡ଼ାଉଥିଲା ଅବକାରୀ ବିଭାଗ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସରଫଗଡ଼-ମଶାବିରା ରାସ୍ତାରେ ଶନିବାର ଭୋର୍ ସମୟରେ ଅବକାରୀ ବିଭାଗର ଗାଡ଼ି ଉପରକୁ ଗୁଳିମାଡ଼ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁତ୍ରା ଥାନା ଖତକୁର ବାହାଲର ଅବ୍ୟାଜ ଖାନ୍(୨୧)। ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ଦେଶୀ ବନ୍ଧୁକ, ଗୋଟିଏ ମୋବାଇଲ ଫୋନ, ୨,୦୪୦ଟଙ୍କା ସହ ଗୋରୁ ବୋଝେଇ ପିକ୍ ଅପ ଭ୍ୟାନକୁ ଜବତ କରିଛି। ହେମଗିର ଅବକାରୀ ସବ୍ ଇନ୍ସପେକ୍ଟର ବୀରେନ୍ଦ୍ର ଲାକ୍ରାଙ୍କ ରିପୋର୍ଟ କ୍ରମେ ପୋଲିସ ଲେଫ୍ରିପଡ଼ା ଥାନାରେ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୩୦୩(୨), ୧୦୯/୩(୫),୨୫/୨୭ଆର୍ମ୍ସଆକ୍ଟ ଓ ପଶୁ ଚାଲାଣ ନିରୋଧ ଆଇନରେ ଏକ ମାମଲା(ନଂ. ୬୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ପ୍ରାୟ ୩ ରାଉଣ୍ଡ ଗୁଳି ଚାଳନା କରିଥିବା ଜଣାପଡ଼ିଛି।

ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସୂଚନା ମୁତାବକ, ପଡ଼ୋଶୀ ଛତିଶଗଡ଼ର ରାୟଗଡ଼ ଅଞ୍ଚଳରୁ ଏକ ପିକ୍‌ଅପ୍‌ରେ ଚୋରା ମହୁଲ ଓ ମଦ ଆସୁଥିବା ନେଇ ହେମଗିର ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସନ୍ଦେହରେ ଏକ ପିକ୍‌ଅପ୍ ଭ୍ୟାନକୁ ଅବକାରୀ ବିଭାଗ କର୍ମଚାରୀ ପିଛା କରିଥିଲେ। ପିକ୍‌ଅପ୍ ଭ୍ୟାନରେ ଥିବା ଦୁର୍ବୃତ୍ତମାନେ କର୍ମଚାରୀଙ୍କ ଗାଡ଼ିକୁ ୩ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଅବକାରୀ ବିଭାଗ ଗାଡ଼ିରେ ଗୋଟିଏ ରାଉଣ୍ଡ ଗୁଳି ବାଜିଥିଲା। ପରେ ପିକ୍‌ଅପ୍ ଗାଡ଼ିକୁ ଅଟକାଇ ଯାଞ୍ଚ ବେଳେ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଲେଫ୍ରିପଡ଼ା ପୋଲିସ ସରଫଗଡ଼-ମଶାବିରା ରାସ୍ତାରେ ପିକ୍‌ଅପରେ ଥିବା ଜଣକୁ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ପିକ୍‌ଅପ ଭ୍ୟାନରେ ଥିବା ୯ ଗୋରୁଙ୍କୁ ଗୋ-ଶାଳାରେ ଛଡ଼ାଯିବ ବୋଲି ଥାନା ଆଇଆଇସି ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅବକାରୀ ବିଭାଗର କୌଣସି କର୍ମଚାରୀଙ୍କ ଦେହରେ ଗୁଳି ବାଜି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୨।୪
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଗହୀରମଥାର ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରୁ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଶନିବାର ଏକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେ଼ପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରୁ ପ୍ରଭାତୀ-୩ ନାମକ ଟ୍ରଲରକୁ ଜବତ କରିଥିଲା। ଟ୍ରଲରରୁ ୩ କୁଇଣ୍ଟାଲ ମାଛ, ଗୋଟିଏ ଜିପିଏସ୍, ଗୋଟିଏ ଭିଏଚ୍‌ଏଫ୍, ଗୋଟିଏ ଫିସ୍‌ଫାଇଣ୍ଡର, ୭ଟି ଜାଲ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ମତ୍ସ୍ୟଜୀବୀମାନେ ହେଲେ ବାସୁଦେବ ଗିରି, ସୂର୍ଯ୍ୟକାନ୍ତ ଗିରି, ବିଶ୍ୱରଞ୍ଜନ ମଲିକ, ବାସୁଦେବ ବେରା, ମାଧବ ପଞ୍ଜା, ସୁଦର୍ଶନ ପ୍ରଧାନ, ମହେନ୍ଦ୍ର ଭୂୟାଁ। ବନ୍ୟପ୍ରାଣୀ ଆଇନର ୧୯୭୨ ଧାରାରେ ମକଦ୍ଦମା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଜିଲାର ବାସିନ୍ଦା ବୋଲି ସୂଚନା ମିଳିଛି।

# କିନ୍ନରଙ୍କ ଝୁଲନ୍ତା ମୃତଦେହ ଜବତ

ଦିଗପହଣ୍ଡି,୧୨।୪
(ଅଶେଷ ନାଥ ମିଶ୍ର)

## ଦଣ୍ଡନାଚ ଦଳରୁ ହଠାତ୍ ନିଖୋଜ ହୋଇଯାଇଥିଲେ



ଅଜିତ ବିଷୋୟୀ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମର କୁଲୁ ବିଷୋୟୀଙ୍କ ଘରୁ ଶନିବାର ସକାଳେ ସନ୍ଦେହଜନକ ଅବସ୍ଥାରେ ଜଣେ କିନ୍ନରଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ କୋଟିନେଡ଼ା ଗ୍ରାମର ଅଜିତ ବିଷୋୟୀ(୩୨)। ଶୁକ୍ରବାର ରାତିରେ ଦିଗପହଣ୍ଡିର ଦଣ୍ଡନାଚ ଦଳ ଗ୍ରାମରେ ନାଚ ପରିବେଷଣ କରିଥିଲେ। ଉକ୍ତ ନାଚ ଦଳରେ ଅଜିତ ଚିତ୍ତାକର୍ଷକ ଅଭିନୟ କରୁଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଦଣ୍ଡନାଚ ଦଳର କିଛି ସହକର୍ମୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ରାତିରେ ପ୍ରସାଦ ସେବନ ପରେ ଅଜିତ ଆକସ୍ମିକ ଭାବେ ନିଖୋଜ ହୋଇ ଯାଇଥିଲେ। ଦଣ୍ଡନାଚ ଦଳର ଅଭିନେତ୍ରୀ ଅଭିନେତାମାନେ ରହିଥିବା ଘରର ମାଲିକ କୁଲୁ ତାଙ୍କ ସାଇକେଲ ଆଣିବାକୁ ଶନିବାର ସକାଳେ ଯାଇଥିବା ବେଳେ ଅଜିତଙ୍କ ମୃତଦେହ ଘର ମଧ୍ୟରେ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ସେ ଏନେଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଦଣ୍ଡନାଚ ଅନୁଷ୍ଠାନର ମ୍ୟାନେଜର ଗୁଣନିଧି ପାଣିଗ୍ରାହୀ ଦିଗପହଣ୍ଡିଥାନାରେ ଏନେଇ ଏତଲା ଦେବା ପରେ ଆଇଆଇସି ପ୍ରଶାନ୍ତ ପାତ୍ର ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ପାତ୍ର କହିଛନ୍ତି।

**OFFICE OF THE ZILLA PARISHAD, KALAHANDI**
**AT/POST-BHAWANIPATNA**
Email : ori-dkalahandi@nic.in, Phone No. : 06670-230334
**Notice No-1742/ Date 08.04.2025**
**No.CAD-101** : Zilla Parishad, Kalahandi invites "Expression of interest for selection of Manpower Service providing Agencies to provide manpower under Rural Housing Scheme". The bid documents containing last date for submission/opening of tender/eligibility criteria and detail terms and conditions of the tender can be downloaded from the District website https://kalahandi.nic.in.
OIPR-19287/11/0005/2526 Sd./- CDO-Cum-EO, ZP, Kalahandi

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828
Email: admin@tdccorissa.org, website: www.tdccorissa.org
**Letter No : 677/TDCCOL** **Date : 11/04/2025**
**Detail Tender Call Notice for Supply of customized Koraput Coffee branded water proof food grade paper cup to TDCCOL**
**No.CAD-105** : Sealed Tender(s) are invited from registered suppliers/ manufacturers for supply of customized Koraput Coffee branded water proof food grade paper cups to TDCCOL for a period of One year. The tenderer(s) should quote their basic rate, tax and other charges if any. The last date of submission of tender is 25.04.2025 till 4:00 PM. The detail of Tender call notice, instruction and terms and conditions can be downloaded from the official website www.tdccorissa.org.The Managing Director, TDCCOL reserves the right to accept or reject any or all the Tenders without assigning any reason thereof.
OIPR-26005/11/0007/2526 Sd./- Managing Director

# ଦିନ ଦ୍ୱିପ୍ରହରରେ ରାସ୍ତାରେ ଯୁବକଙ୍କୁ ହତ୍ୟା, ୨ ଅଟକ

## ଟଙ୍କା କାରବାରକୁ କେନ୍ଦ୍ର କରି ହତ୍ୟାକାଣ୍ଡ ସନ୍ଦେହ

ବଲାଙ୍ଗୀର,୧୨।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଚିମିନିଭାଟିପଡ଼ା ରାସ୍ତା ମଝିରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ଚିମିନିଭାଟି ପଡ଼ାର ରାମ ଦାସ (୪୦)। ସେ ଜଣେ ଟ୍ରକ୍ ଡ୍ରାଇଭର ବୋଲି ଚିହ୍ନଟ କରାଯାଇଛି। ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରି ଫେରାର ହୋଇଯାଇଛନ୍ତି। ସହରର ବିଟ୍ ରାସ୍ତାରେ ହତ୍ୟାକାଣ୍ଡ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ମୃତଦେହ ନିକଟରେ ଠେଙ୍ଗା ଓ ଏକ ବାଇକ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏହି ଘଟଣାରେ ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଟଙ୍କା ନେଣଦେଣ କାରବାରକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ରାମ ଦାସ ଏକ ବାଇକ୍ ଯୋଗେ ଚିମିନିଭାଟି ପଡ଼ାକୁ ଫେରୁଥିଲେ। ତାଙ୍କୁ ଚିମିନିଭାଟି ପଡ଼ା ପ୍ରାଥମିକ ସ୍କୁଲ ନିକଟ ରାସ୍ତା ଉପରେ କେହି ଅଟକାଇ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ହତ୍ୟାରେ କିଏ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇନାହିଁ। ଖବର ପାଇ ଟାଉନ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ହତ୍ୟାକାରୀ ଫେରାର ହୋଇଯାଇଥିବାରୁ ଘଟଣା ବିଷୟରେ କେବଳ ତଦନ୍ତ ଚାଲିଛି ବୋଲି ସଦର ଏସଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ତଳେ ସଦର ଥାନା ଅନ୍ତର୍ଗତ ସରଗାଡ ଗାଁ ବିଟ୍ ରାସ୍ତାରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ବାପପୁଅ ଗିରଫ ହୋଇଥିଲେ। ବଲାଙ୍ଗୀର ଜିଲାରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିମାନେ ଏସପି ଅଭିଲାଷ ଜି.ଙ୍କୁ ପୋଲିସ କ'ଣ କରୁଛି ବୋଲି ପ୍ରଶ୍ନ କରିବାରୁ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା କହିଛନ୍ତି।

# ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ଜୟପୁର/ମାଲକାନଗିରି/ ଆସିକା, ୧୨।୪(ପବନ ପାଣିଗ୍ରାହୀ/ ଦୁର୍ଯ୍ୟୋଧନ ପାତ୍ର/ ସୁରେନ୍ଦ୍ର ନାଥ ସାହୁ)

- ୧୮ ଲକ୍ଷ ୧୧ ହଜାର ଟଙ୍କା ଜବତ
- ବିଭିନ୍ନ ସ୍ଥାନରୁ ଫ୍ଲାଟ୍, ପ୍ଲଟ୍ ଠାବ

ମାଲକାନଗିରି ଜିଲା ଚିତ୍ରୋକୋଣ୍ଡା ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀ ଟଙ୍କା ନେଇ ଭୁବନେଶ୍ୱର ଯାଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶୁକ୍ରବାର ତାଙ୍କୁ ଅଟକ ରଖି ପଚରାଉଚରା ପରେ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କ ଜାମିନ ଆବେଦନ ସ୍ଥଗିତ ରଖାଯାଇଛି। ଆଗାମୀ ୧୪ ଦିନ ପରେ ଏହାର ଶୁଣାଣି କରାଯିବାକୁ ଥିବା ବେଳେ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀ ଶୁକ୍ରବାର ତାଙ୍କର ଜଣେ ସହଯୋଗୀ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରାଙ୍କ ସହ କାର(ଓଡି-୩୦ଇ-୩୦୯୬)ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ପୂର୍ବ ସୂଚନା ଅନୁଯାୟୀ ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲୀ ଛକରେ କାରକୁ ଅଟକାଇ ଯାଞ୍ଚ କରିଥିଲେ। କାର ଭିତରୁ ନୋଟ୍ ଭର୍ତ୍ତି ହୋଇ ରହିଥିବା ଏକ ବ୍ୟାଗକୁ ଜବତ କରିଥିଲେ। କିନ୍ତୁ ସନ୍ଧ୍ୟା ଯୋଗୁ ଭିଜିଲାନ୍ସ ଅଧିକାରୀମାନେ ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟକୁ ଟଙ୍କା ଭର୍ତ୍ତି ବ୍ୟାଗକୁ ଆଣିଥିଲେ। ସେଥିରେ ୫ ଲକ୍ଷ ୭ ହଜାର ଟଙ୍କା ଥିବା ଗଣତିରୁ ଜଣାପଡ଼ିଥିଲା। ଏତେ ପରିମାଣର ଟଙ୍କା କେଉଁଠାରୁ ଆସିଲା ନେଇ ଅଧିକାରୀଙ୍କ ପ୍ରଶ୍ନର କୌଣସି ସନ୍ତୋଷମୂଳକ ଉତ୍ତର ଯନ୍ତ୍ରୀ ପାଣିଗ୍ରାହୀ ଦେଇପାରିନଥିବାରୁ ତାଙ୍କୁ ପଚରାଉଚରା ଜାରି ରଖାଯାଇଥିଲା। ଏଥିସହ ଚିତ୍ରକୋଣ୍ଡାସ୍ଥିତ ତାଙ୍କ ବାସଭବନ ଓ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣାସ୍ଥିତ ନନ୍ଦାଦେବୀ ଆପାର୍ଟମେଣ୍ଟରେ ଥିବା ତାଙ୍କ ବାସଭବନ, ଆସିକା ତାଲୁକାସ୍ଥିତ ପୈତୃକ ବାସଭବନ ଉପରେ ଚଢାଉ କରାଯାଇଥିଲା। ଭୁବନେଶ୍ୱର ବାସଭବନରୁ ୧୩ ଲକ୍ଷ ୪ହଜାର ୨ଶହ ଟଙ୍କା ଏହିପରି ମୋଟ ୧୮ଲକ୍ଷ ୧୧ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ଏହି ଟିମ୍ ପୈତୃକ ବାସଭବନ ଓ ତତ୍‌ସଂଲଗ୍ନ ସ୍ଥାବର ସମ୍ପତ୍ତି ମାପଚୁପ କରି ମୂଲ୍ୟ ଆକଳନ କରିଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱରରେ ୧୫୦୦ ବର୍ଗଫୁଟର ବାସଗୃହ, ରାଜଧାନୀର ବିଭିନ୍ନ ଅଞ୍ଚଳରେ ୨ଟି, ବରଗଡରେ ଗୋଟିଏ ଏବଂ ଗଞ୍ଜାମ ଜିଲା ଆସିକାରେ ପ୍ଲଟ୍ ରହିଛି। ଯନ୍ତ୍ରୀଙ୍କ ନିକଟରେ ୨୭୦ ଗ୍ରାମ ଓଜନର ସୁନାଗହଣା, ଗୋଟିଏ କାର, ୭୨ଲକ୍ଷ ୨୦ ହଜାର ଟଙ୍କାର ଜୀବନବୀମା ଥିବା ଯାଞ୍ଚରୁ ଜଣାପଡିଛି। ତାଙ୍କ ସହିତ କାରରେ ଯାଉଥିବା କନିଷ୍ଠ ଯନ୍ତ୍ରୀ ବେହେରାଙ୍କ କୌଣସି ସମ୍ପୃକ୍ତି ନ ଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଛାଡ଼ି ଦେଇଛି।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES | Mining Happiness
**E-auction Notice (19.04.2025 - 183rd & 184th E-auction)**
**IRON ORE CLO & FINES**
No. CAD-134: The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.04.2025.**
For details, please visit the website of MSTC i.e. **www.mstcecommerce.com**.
OIPR-30005/11/0177/2526 Chief General Manager (S&M)

**ODISHA PUBLIC SERVICE COMMISSION**
**NOTICE**
No.D-11
No.2361/P.S.C., Dt. 11.04.2025
(1E-36-2023/24) (DR-II)
**5th Corrigendum to Advertisement No. 19 of 2023-24 for recruitment to the posts of Assistant Executive Engineer (Civil & Mechanical), under the Department of Water Resources, Government of Odisha.**
1. The original Advertisement for recruitment of total 580 & 41 posts of Assistant Executive Engineer in Civil & Mechanical respectively under Water Resources Department was published vide Advertisement No. 19 of 2023-24 on 28.12.2023. Four Corrigenda to this Advertisement were issued and the last date of application was extended till 26.02.2024 in the 4th Corrigendum issued vide Notice No. 961/PSC, dated 17.02.2024.
2. The interim order dated 07.03.2024, passed by the Hon'ble High Court in W.P.(C) No. 596 of 2024 and similar such W.P.(C)s, directed the Opposite Parties to proceed with the selection process pursuant to Advertisement No. 19 of 2023-24 dated 28.12.2023. However, the final result of such recruitment test shall not be published without leave of this court. Accordingly, the Commission conducted the interview of candidates on 09.07.2024 & 10.07.2024 for Assistant Executive Engineer (Mechanical) vide Notice No. 3321/PSC, dated 28.06.2024 & from 16.07.2024 to 30.07.2024 for Assistant Executive Engineer (Civil) vide Notice No.3603/PSC, dated 09.07.2024 and did not publish the result thereof.
3. Now, in pursuance to the Orders dated 15.01.2025 of the Hon'ble High Court of Odisha, Cuttack in W.P.(C) No. 596 of 2024, W.P.(C) No. 10185 of 2024, W.P.(C) No. 42059 of 2023, W.P.(C) No. 8166 of 2024 & W.A. No. 948 of 2024, the period for submission of online application for recruitment to the posts of **Assistant Executive Engineer (Civil & Mechanical)**, as per Advertisement No. 19 of 2023-24 read with all earlier Corrigenda issued thereto, is further rescheduled and the live application shall be available from 22.04.2025 to 08.05.2025 **(11.59 P.M.) (Note: 08.05.2025 is the last date for submission of registered online application).**
4. The candidates who are eligible in terms of **(i) Educational Qualification** provided at Para-4 of Advertisement No. 19 of 2023-24 read with 3rd Corrigendum vide Notice No.376/PSC, dated 19.01.2024 as on the last date of application, i.e. 26.02.2024 of the Advertisement No.19 of 2023- 24, **(ii) Age** as per the requirement in Para-3 of Advertisement No. 19 of 2023-24 and **(iii)** have got valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024 may apply in pursuance to this Corrigendum.
5. Those candidates who have already submitted their online applications by 26.02.2024 with valid GATE Score in their applications and whose applications have been processed for shortlisting for interview need not apply again. However, they will be given the option to update and upload the upgraded/enhanced valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 if they have got any upgraded/enhanced valid GATE Score subsequent to the last date of application, i.e. 26.02.2024 and can furnish the same through the online application portal in "My Applications" section of https://opscechayan.in portal. The last date of updating the information on upgraded/enhanced valid GATE Score will be **08.05.2025 (11.59 P.M.)**. Those candidates who do not want to alter their submitted GATE Score details are not required to do anything.
6. However, those candidates who had already applied by the last date i.e. 26.02.2024, but their applications were not processed for shortlisting for interview because of non-furnishing of valid GATE Score, may enter/ upload the valid GATE Score through the online application portal in "My Applications" section of https://opscechayan.in portal, in pursuance to this Corrigendum if they possess a valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024. The last date for updating the valid GATE Score will be **08.05.2025 (11.59 P.M.)**.
7. For all fresh applicants as mentioned in Para-4 supra the educational qualification as on the last date of application and age eligibility will strictly remain the same as per the terms of the Advertisement No. 19 of 2023-24 read with all earlier Corrigenda issued thereto without any changes i.e. they must possess B. Tech / B.E. Degree in Civil/ Mechanical Engineering by 26.02.2024 and they should have attained the age of 21 (twenty one) years as on 01.01.2023 and must not be above the age of 38 (thirty eight) years as on 01.01.2021 i.e. he or she must be born not earlier than 02.01.1983 and not later than 01.01.2002.
8. The marks secured by the candidates in the interview who had already appeared for the interview vide Notice No. 3321/PSC, dated 28.06.2024 for AEE (Mechanical) & Notice No. 3603/PSC, dated 09.07.2024 for AEE (Civil) will remain valid and will be taken into account in preparation of the final Select List as per "Method of Selection" in Para-5 of the Advertisement No. 19 of 2023-24.
9. All other terms and conditions specified in Advertisement No. 19 of 2023-24 along with all earlier Corrigenda issued thereto shall remain unchanged.
10. **FACILITATION COUNTER :-**
To resolve any technical problems faced in filling up of online Application forms, candidates may contact OPSC Technical Support **over Telephone No. 0671-2304707** between 10.30 A.M. to 1.30 P.M. & 2.00 P.M. to 5.30 P.M. on any Odisha Government working days.
In case of any guidance/information, candidates may go through the FAQ available in the website of the Commission or contact the O.P.S.C. Facilitation Counter over Telephone No. 0671- 2304141/2305611 & Extn.- 227 on any working day between 10.30 A.M. to 1.30 P.M. & 2.00 P.M. to 5.30 P.M.
**The concerned candidates are advised to visit the website of the Commission at www.opsc.gov.in.**
OIPR-12002/11/0185/2526 Sd./- Secretary

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
D-2/3 & 4, Industrial Estate, Rasulgarh, Bhubaneswar-751010,
**QUOTATION CALL NOTICE**
**No.CAD-97** : Sealed Quotations are invited from registered firm for supply of Printing of the Form & Register & Office stationery items for the Financial year 2025-26. The tender paper can be obtained from the office of the undersigned on deposit of **Rs.1000/- (Rupees one thousand)** only in cash towards cost of the each tender paper & Schedule form on any working days from **Dt.15.04.2025**. The last date for sale of tender paper is **Dt.22.04.2025 by 3.00 P.M.** The Tender Papers is available in website of OSCHC Ltd., Bhubaneswar www.utkalikaodisha.in. The tender paper will be opened on the same day i.e. on **Dt.22.04.2025 at 4.00 P.M.** in presence of the Tenderers or their authorised representatives and Officials of the Corporation.
The authority reserves the right to accept / reject any or all tender papers without assigning any reason thereof.
OIPR-31041/11/0056/2526 Sd./- Manager

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**
No. CAD-124: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3E/976ଟିକୁ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ସ୍ୱାମୀ: ସଚ୍ଚିଦାନନ୍ଦ ମୁଦୁଲି, ସା: ଚାନ୍ଦୋଳ, ପୋ.: କାଦୁଅପଡ଼ା, ଥା/ଜିଲା: ଜଗତ୍‌ସିଂହପୁର - 754106ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶୁଭ୍ରାଜ୍ୟୋତି ମିଶ୍ର, ସ୍ୱାମୀ: ଜ୍ଞାନ ରଞ୍ଜନ ଶତପଥୀ, ସା./ପୋ.: ଓଡ଼ିସୋ, ଅଣ୍ଡେଇଗୋଡ଼ା, ଥା: କୁଆଖିଆ, ଧର୍ମଶାଳା, ଜିଲା: ଯାଜପୁର - 755008ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13037/11/0231/2526 ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

**OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA-766001 (ODISHA)**
(Social Welfare Section)
**No.:1181** **Date : 10.04.2025**
**Tender Call Notice**
**No.g-07** : Sealed tenders are invited in the prescribed forms from the intending individuals/ Companies/ Firms /Corporations having valid agent's license for transportation of foodstuff under SNP Feeding Programme of Kalahandi District during the year 2025-26. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 1:00 P.M. of 25.04.2025 and will be opened in the presence of the tenderers or their authorized representatives on 29.04.2025 at 11:00 A.M. at the Collectorate Conference Hall, Kalahandi. The tender documents can be obtained from the District Social Welfare Officer, Kalahandi on payment of Rs.10,000/- (Rupees Ten thousand) only in shape of Bank Draft in favour of the "District Social Welfare Officer, Kalahandi" as Tender paper cost. The tender received beyond the date and time mentioned above shall not be taken into consideration. The cost of tender paper is not refundable.
Not withstanding anything contained to the contrary in the tender document, the undersigned reserves the right to cancel or modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detailed terms and conditions may be downloaded from the District website www.kalahandi.nic.in.
OIPR-24180/11/0009/2526 Sd./- Collector, Kalahandi

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦାୟିତ୍ୱ ଗ୍ରହଣ କଲେ ସମୀର



ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଗହଣରେ ସମୀର ମହାନ୍ତି।

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ)ର ନବ ନିର୍ବାଚିତ ସଭାପତି ସମୀର ମହାନ୍ତି ଶନିବାର କଟକସ୍ଥିତ ଆସୋସିଏଶନ ମୁଖ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ସେ ଆସୋସିଏଶନର ଅଧିକାରୀ ଓ କର୍ମଚାରୀଙ୍କ ସହ ଭାବ ବିନିମୟ କରିଛନ୍ତି। ''ଉନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ସହ ରାଜ୍ୟର ସ୍ପୋର୍ଟ୍ସ ଇକୋ ସିଷ୍ଟମକୁ ଦୃଢ଼ କରିବା ଉପରେ ଫୋକସ ରହିବ। ଆଥ୍‌ଲେଟ୍‌ମାନେ ଯେପରି କ୍ୱାଲିଟି ଟ୍ରେନିଂ ପାଇ ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ନିଜର ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇପାରିବେ ତା' ଉପରେ ଗୁରୁତ୍ୱ ଦିଆଯିବ'' ବୋଲି ସମୀର ପ୍ରକାଶ କରିଛନ୍ତି। ଏହି ଅବସରରେ ଓଓଏ ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭାରତରୁ ଖେଳିବେ କିଟ୍‌ର ୪ ଖେଳାଳି

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଜର୍ମାନୀର ରିନେ-ରୁହରଠାରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିବା ପାଇଁ କିଟ୍‌ର ୪ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କବିର ହଂସ, ଅଥର୍ବ ଶର୍ମା ଇଣ୍ଡିଆନ ୟୁନିଭର୍ସିଟି ଲନ୍ ଟେନିସ (ପୁରୁଷ) ଏବଂ ଅନନ୍ୟା ସିଂ ଓ ଗମିତ ମିନାଲ ମହିଳା ଭଲିବଲ ଦଳରେ ସାମିଲ ହୋଇଛନ୍ତି। କିଟ୍ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ମହିଳା ଭଲିବଲର ଚୟନ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ସେହିପରି ଲନ୍ ଟେନିସ ଚୟନ ଟ୍ରାଏଲ୍ସ ଲିଆଣ୍ଡର ପେସ୍ ଟେନିସ କୋର୍ଟରେ ଆୟୋଜିତ ହୋଇଥିଲା। ଗତ ୯ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ଚୟନ ଟ୍ରାଏଲ୍ସରେ ୭୦ ଭଲିବଲ ଓ ୫୬ ଟେନିସ ଖେଳାଳି ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଶେଷ ଭାଗରେ କିଟ୍‌ରେ ଆଥ୍‌ଲେଟିକ୍ସ ଓ ବ୍ୟାଡ୍‌ମିଣ୍ଟନର ମଧ୍ୟ ଚୟନ ଟ୍ରାଏଲ୍ସ ହେବ। ଆର୍ଚେରର ଟ୍ରାଏଲ୍ସ ମଧ୍ୟ ଏଠାରେ ହୋଇଥିଲା। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଡବ୍ଲ୍ୟୁଟିସି ସାଇକେଲ ପଏଣ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରେ

**ଲଣ୍ଡନ,୧୨।୪(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ପଏଣ୍ଟ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ କରିବା ଲାଗି ରାଜି ହୋଇପାରେ। ତେବେ ଟେଷ୍ଟ କ୍ରିକେଟକୁ ଦୁଇ ଡିଭିଜନରେ ଭାଗ କରିବାର ବିକଳ୍ପ ଉପରେ ଆଲୋଚନା ହେବାର ଖୁବ୍ କମ ସମ୍ଭାବନା ରହିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ କ୍ରିକେଟର ପରିଚାଳନା ସଂସ୍ଥା ଦୀର୍ଘଦିନ ହେଲା ବଡ଼ ବ୍ୟବଧାନରେ ବିଜୟ ଲାଗି ବୋନସ ପଏଣ୍ଟର ନୂଆ ବ୍ୟବସ୍ଥା ଉପରେ ବିଚାର କରୁଛି। ଏଭଳି ପଏଣ୍ଟ ବ୍ୟବସ୍ଥା ରଗ୍‌ବୀ ୟୁନିଅନ ଦ୍ୱାରା ବ୍ୟବହାର କରାଯାଏ। ଅପେକ୍ଷାକୃତ ଶକ୍ତିଶାଳୀ ଦଳ ବିରୋଧରେ ମିଳିଥିବା ବିଜୟ ଓ ବିଦେଶରେ ଜିତିବା ଲାଗି ଅତିରିକ୍ତ ପଏଣ୍ଟ ଉପରେ ଜିମ୍ବାୱେଠାରେ ଚାଲିଥିବା ୪ ଦିନିଆ ବୈଠକରେ ଆଲୋଚନା ହେବ। ପରବର୍ତ୍ତୀ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଆସନ୍ତା ଜୁନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସହିତ ଆରମ୍ଭ ହେବ। ୨୦୨୩-୨୫ ସାଇକେଲର ଫାଇନାଲ ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ।

## ଏକକ ଲିଗ୍ ଫର୍ମାଟ ରହିପାରେ

ବର୍ତ୍ତମାନ ଲାଗି ଟେଷ୍ଟ କ୍ରିକେଟକୁ ଦୁଇ ଡିଭିଜନରେ ଭାଗ ଭାଗ କରିବାର ଯୋଜନାକୁ ଆଇସିସି ସ୍ଥଗିତ ରଖିପାରେ। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଡବ୍ଲ୍ୟୁଟିସିକୁ ଦୁଇଟି ଡିଭିଜନରେ ଭାଗ କରିବାକୁ ସୁପାରିସ ଦିଆଯାଇଥିଲା। ଏହା ଉପରେ ଭୋଟିଂ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦୁଇ ଥାକିଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଆଇସିସିକୁ ଆର୍ଥିକ ଓ କ୍ରୀଡ଼ାଭିତ୍ତିକ ପ୍ରଭାବ ଉପରେ ବିଚାର କରିବାକୁ ପଡ଼ିବ।

# ଆନ୍ତଃଜିଲ୍ଲା ସିନିୟର ରଗ୍‌ବୀ ଉଦ୍‌ଯାପିତ

## କେନ୍ଦୁଝରକୁ ହରାଇ କିସ୍ ଚାମ୍ପିୟନ




ଚାମ୍ପିୟନ କିସ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ସିନିୟର ମହିଳା ରଗ୍‌ବୀ ୭ଏସ୍ ଟୁର୍ଣ୍ଣାମେଣ୍ଟ ଓ ଚୟନ ଟ୍ରାଏଲ ଆଇଆର୍‌ସି ଭିଲେଜସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିସ୍ ଚାମ୍ପିୟନ ଓ କେନ୍ଦୁଝର ରନରଅପ୍ ହୋଇଛି। ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ କିସ୍ ୨୦-୦ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୧୦-୫ରେ ଭୁବନେଶ୍ୱରକୁ ହରାଇ ଦେଇଛି। ଉଦ୍‌ଯାପନୀ ସମାରୋହରେ ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, ମ୍ୟାଚ ଅଫିସିଆଲ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ବ୍ରୋଞ୍ଜ ପଦକ

## ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ




ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ସଫଳ ଫର୍ଦ୍ଦ। କେନ୍ଦୁଝର ଠାରେ ଶନିବାର ଉଦ୍‌ଯାପିତ ହୋଇଥିବା ୩୯ତମ ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛି। ସେମିଫାଇନାଲରେ ଓଡ଼ିଶା ୨୧-୩୬ ଗୋଲରେ ଉତ୍ତରପ୍ରଦେଶଠାରୁ ପରାଜିତ ହୋଇଥିଲା। ଖେଳର ନିୟମ ଅନୁସାରେ ଅନ୍ୟ ପରାଜିତ ସେମିଫାଇନାଲିଷ୍ଟ ହରିୟାଣା ସହ ଓଡ଼ିଶା ଯୁଗ୍ମଭାବେ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୪-୪ରେ ଦିଲ୍ଲୀକୁ ଓ କ୍ୱାର୍ଟର ଫାଇନାଲରେ ମଣିପୁରକୁ ୨୪-୨୧ରେ ପରାସ୍ତ କରିଥିଲା। ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଦିନିକିଆରେ ଦୁଇ ବଲ ବ୍ୟବହାର ନିୟମ ବଦଳିପାରେ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ଦିନିକିଆ କ୍ରିକେଟ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଉଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୫୦ ଓଭରିଆ ଫର୍ମାଟରେ ଦୁଇ ନୂଆ ବଲର ବ୍ୟବହାର ନିୟମରେ ପରିବର୍ତ୍ତନ କରିପାରେ। ଦିନିକିଆ ଫର୍ମାଟରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଦୁଇ ନୂଆ ବଲ ବ୍ୟବହାର କରାଯାଉଛି। ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟି ଦିନିକିଆରେ ଗୋଟିଏ ବଲ ବ୍ୟବହାର କରିବାକୁ ସୁପାରିସ କରିଛି। ଏହି ସୁପାରିସକୁ ପ୍ଲେଇଂ କଣ୍ଡିଶନରେ ସାମିଲ କରିବା ପାଇଁ ଆଇସିସି ବୋର୍ଡ ଅଫ ଡାଇରେକ୍ଟର୍ସଙ୍କ ମଞ୍ଜୁରୀ ଦରକାର। ଆଇସିସି ବୋର୍ଡ ସଦସ୍ୟ ହରାରେରେ ରବିବାର ଏ ସଂକ୍ରାନ୍ତରେ ଆଲୋଚନା କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଦିନିକିଆରେ ଦୁଇଟି ନୂଆ ଧଳା କୁକାବୁରା ବଲ ବ୍ୟବହାର କରାଯାଉଛି। ବୋଲରମାନେ ଉଭୟ ଏଣ୍ଡରୁ ଭିନ୍ନ ଭିନ୍ନ ନୂଆ ବଲ ବ୍ୟବହାର କରୁଥିବାରୁ ବଲ ମ୍ୟାଚ ଶେଷ ହେବା ପର୍ଯ୍ୟନ୍ତ ହାର୍ଡ ରହୁଛି। ଏହା ବ୍ୟାଟରଙ୍କୁ ମୁକ୍ତ ଭାବେ ସ୍କୋର କରିବାକୁ ସୁଯୋଗ ଦେଉଛି। ୩୦ ୟାର୍ଡ ସର୍କଲ ବାହାରେ ମାତ୍ର ୪ ଖେଳାଳିଙ୍କୁ ଅନୁମତି ଥିବାରୁ ବୋଲରଙ୍କ ଅପେକ୍ଷା ବ୍ୟାଟରମାନେ ଅଧିକ ଫାଇଦାରେ ରହୁଛନ୍ତି। ଏପରି କି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ମଧ୍ୟ ଦୁଇ ନୂଆ ବଲ ବ୍ୟବହାରକୁ ନାପସନ୍ଦ କରିଥିଲେ। ଦୁଇ ନୂଆ ବଲର ବ୍ୟବହାର ଯୋଗୁ ରିଭର୍ସ ସ୍ୱିଙ୍ଗ ଦେଖିବାକୁ ମିଳୁନାହିଁ। କାରଣ ରିଭର୍ସ ସ୍ୱିଙ୍ଗ ହେବା ଲାଗି ବଲକୁ ଅତିକମ୍‌ରେ ୩୫ ଓଭର ପୁରୁଣା ହେବା ଦରକାର। ବଲ ପୂରା ମ୍ୟାଚରେ ହାର୍ଡ ରହୁଥିବାରୁ ସ୍ପିନରମାନେ ବି ସଂଘର୍ଷ କରୁଛନ୍ତି। ଦୁଇଟି ବଲ ୨୫ତମ ଓଭର ପର୍ଯ୍ୟନ୍ତ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ତା' ପରେ ବୋଲିଂ ଦଳକୁ ଦୁଇ ବଲ ମଧ୍ୟରୁ ଗୋଟିଏ ବାଛିବାକୁ ବିକଳ୍ପ ଦିଆଯାଇପାରେ, ଯେଉଁଥିରେ ଦଳ ମ୍ୟାଚ ଶେଷ ପର୍ଯ୍ୟନ୍ତ ବୋଲିଂ କରିବ।

### ଟେଷ୍ଟରେ ଟାଇମ୍ କ୍ଲକ

ଟାଇମ୍‌ର କ୍ଲକ ସମ୍ପର୍କରେ ସୁପାରିସ କରାଯାଇଛି ଯେ, ପ୍ରତି ଓଭର ମଧ୍ୟରେ ବୋଲିଂ ଦଳକୁ ୬୦ ସେକେଣ୍ଡ ଅନୁମତି ଦିଆଯିବ ଏବଂ ଏକ ଦିନରେ ୯୦ ଓଭର ବୋଲିଂ କରିବା ପାଇଁ ଏକ ନିର୍ଦ୍ଧାରିତ ସମୟ ଦିଆଯିବ। ଧୀମା ଓଭର ହାର ଲାଗି ଟି୨୦ରେ ନିୟମ ରହିଛି। ଛୋଟିଆ ଫର୍ମାଟରେ ସମୟ ମଧ୍ୟରେ ଓଭର ଶେଷ ନ କରିଥିବା ଦଳକୁ ୧୯ତମ ଓଭର ଶେଷରେ ସର୍କଲ ମଧ୍ୟରେ ଅତିରିକ୍ତ ଜଣେ ଫିଲ୍ଡରଙ୍କୁ ରଖିବାକୁ ପଡ଼େ।

# ପଙ୍କଜ ଆଡ୍‌ଭାନୀଙ୍କୁ ରୌପ୍ୟ ପଦକ

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଏଠାରେ ଚାଲିଥିବା ଡବ୍ଲ୍ୟୁବିଏଲ୍ ୱାର୍ଲ୍ଡ ମ୍ୟାଚ୍‌ପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ବେଷ୍ଟ ଅଫ୍ ୧୫ ଫାଇନାଲ ମୁକାବିଲାରେ ସେ ବ୍ରିଟେନର ଡେଭିଡ୍ କଜିରଙ୍କଠାରୁ ଅଳ୍ପକେ ହାରିଯାଇଛନ୍ତି। ଆୟର୍ଲାଣ୍ଡର କାର୍ଲୋଠାରେ ଅନୁଷ୍ଠିତ ଏହି ମୁକାବିଲାରେ ଉଭୟ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା। ତେବେ କଜିର ଅଳ୍ପକେ ୮-୭ (୧୯-୧୦୦, ୦-୧୦୦, ୧୦୦-୪୭, ୧୦୦-୫୨, ୧୯-୧୦୦, ୧୦୦-୦, ୪୯-୧୦୦, ୧୦୦-୩, ୩୪-୧୦୦, ୪-୧୦୦, ୧୦୦-୮୫, ୩୧-୧୦୦, ୧୦୦-୫୩, ୧୦୦-୪୩, ୧୦୦-୧୮) ମୁକାବିଲା ଜିତି ନେଇଥିଲେ। ଆଡ୍‌ଭାନୀ ବର୍ତ୍ତମାନ ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଟାଇଟଲ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛନ୍ତି।


# Classified Everyday
0674-2580101, 9692975378



## MATRIMONIAL

### BRIDE WANTED

ଚାକିରି କରି ଏକାକୀ ରହୁଥିବା 49ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-149

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକରାତ୍ମକତା, ବୁଝିବାରେ ଜୀବନ ଆନନ୍ଦମୟ। 9437593214. D-151

### GROOM WANTED

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ।7077016578 ଧ-୭୫୩୭୯

Beautiful Khandayat Girl 1997, 5'3" MSc, B.ed, serving Lecturer Govt. College, "Sunasansar"- 9937512659. D-76257

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## REAL ESTATE

### SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

4BHK Duplex Rera/ BMC approved at Hanspal. Finance from National Bank, 1Km NH. 8847887273. D-145

**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ଭିଙ୍ଗାରପୁର ଛକଠାରୁ 7 କି.ମି. ଆଗରେ ମୌଜା ପ୍ରତାପରୁଦ୍ରପୁରଠାରେ କେନାଲ ପିଚୁ ରାସ୍ତାକୁ ଲାଗି **24500** ବର୍ଗଫୁଟ ଜମି ବିକ୍ରି ହେବ। ପ୍ରତି ବର୍ଗଫୁଟକୁ **300** ଟଙ୍କା। ଯୋଗାଯୋଗ: **9439688844.** D-136

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types hair cutting, body massage by smart lady room services available. Contact: 7077240328. D-71396

**Full body massage experience, good looking therapist @999 (Bhubaneswar). 9078484455.** D-152

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by odia therapist in homely atmosphere. 9556498382. D-75378

Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist. 9114559860. D-76907

### BUSINESS

Learn AI Automation, Web design, SEO, Digital advertising with Digitomesh Bhubaneswar/ Puri. 100% placement guarantee in IT, Realestate, Hotels. Get AI tools 5,00,000/- 8093008289. D-052

### LOST

I, Susant Nayak, S/o- Radhu Nayak, At/P.O.- Badihi, P.S.- Tantipala, Dist.- Kendrapara, Odisha, I am the owner of the Property of ROR No.- 201/153, dt- 06.11.2023, which was purchased from Pabitra Samal vide sale deed No.- 10962301531, dt- 18.10.2023 ROR No.- 201/38, Plot No.- 430/915, which is in the name of Dinabandhu Samantray and Daitari Samantray has been purchased Vide RSD No.- 493 dt- 26.03.2007, Area- 0.060 Dec. Under Mouza- Jasuapli, Tahasil- Mahakalpada, Dist.- Kendrapara. That Original ROR No.- 201/38, Plot No.- 430/915, RSD No.- 493, dt- 26.03.2007, which is link to my property Document ROR No.- 201/153, dt- 06.11.2023, RSD No.- 10962301531 dt- 18.10.2023, has been lost some where during travel from my own house to Kendrapara at Aurata Chowk on dt- 29.03.2025 and inspite of my best efforts the ROR and the sale deed was untraceable. Any person find this document please contact the above address or on this Mobile No.- 8144569711. D-140

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue of an affidavit sworn before the Executive Magistrate, Dharmasala dated 08.04.2025, I, Mahammad Jakir Hosen, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son's name from Mojasil Hosen To Mojammil Hussain. Henceforth, he shall be known as Mojammil Hussain for all future purposes. D-144

By an affidavit before Notary Public, Balasore, I, Rasmi Simons, D/o- Biren Chandra Das, W/o- Manuel Simons of Padhuanpada, P.S.- Sahadevkhunta, Balasore, Odisha my name recorded in Educational Certificates Rashmi Rekha Das. After my marriage with Manuel Simons presently I known as Rasmi Simons and accordingly my name in Aadhaar Card vide No.- xxxx xxxx 8058 and my Pan card EPSP0487E have been prepared as RASMI SIMONS, though I am one and same person & it will be used in future for all purposes. D-148

I, Priti Priyadarsini, D/o- Prasanta Kumar Behera, At- MIG11, H.B. Colony, P.O./P.S./Dist.- Khordha- 752055, I declare by this affidavit No.- 842 dated on 28.03.2025 that now onwards I shall be known as Priti Priyadarshni for all purposes. D-73586

### ମନେ ପଡ଼ନ୍ତି

**୧୮ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶରଦଶଶୀ ନାୟକ**

ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।

:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର। ଧ-୧୪୩

**ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ମନୋରମା ଜେନା**

ଆବିର୍ଭାବ : ୨୨.୧୨.୧୯୩୧
ତିରୋଧାନ : ୦୩.୦୪.୨୦୨୫

କୋରକରା (ଉଆସ), ଭଦ୍ରକ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବାବା ଆଖଣ୍ଡଳମଣୀ ଓ ମା ବଙ୍କବାଣୁଳୀଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ଜେନା ପରିବାର ଓ ବନ୍ଧୁବର୍ଗ ଧ-୧୪୨



# ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍

**ଆଜିର ଯୁବପିଢ଼ି ନିଜ କ୍ୟାରିୟରକୁ ନେଇ ଅଧିକ ଚିନ୍ତିତ। ଯେଉଁଥିପାଇଁ ବୈବାହିକ ଦମ୍ପତି ହୁଅନ୍ତୁ ଅବା ପ୍ରେମିକ ପ୍ରେମିକା ପରସ୍ପରଠୁ ବହୁ ଦୂରରେ ରହୁଛନ୍ତି; ଯାହାକୁ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍ ବୋଲି କୁହାଯାଉଛି। ହେଲେ ଏମିତିରେ କାର୍ଯ୍ୟବ୍ୟସ୍ତତା ଭିତରେ କିମ୍ବା ଅନ୍ୟ କୌଣସି କାରଣରୁ ପରସ୍ପର ସହ କଥା ହେବାକୁ ସମୟ ନ ଦେବା ଅବିଶ୍ୱାସ ଓ ସନ୍ଦେହ ସୃଷ୍ଟି କରିଥାଏ। ଯାହାକି ଧୀରେ ଧୀରେ ରାଗ, ରୁଷା, ଝଗଡ଼ା ସହ କେବେକେବେ ସମ୍ପର୍କ ଭାଙ୍ଗିବାର ବି କାରଣ ସାଜିଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ଏଥିପାଇଁ ଅନେକ ଅଭାବନୀୟ ଘଟଣା ଘଟୁଥିବାର ବି ଦେଖିବାକୁ ମିଳୁଛି...**

ସଫଳ କ୍ୟାରିୟରକୁ ନେଇ ବେଶ୍ ଚିନ୍ତିତ ଆଜିର ଯୁବପିଢ଼ି। ତେଣୁ ଅନେକେ ଏବେ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଏମିତିରେ କେବେକେବେ ସମ୍ପର୍କ ଖରାପ ହେବା ବ୍ରେକ୍‌ଅପ୍, ଡିଭର୍ସ ଭଳି ଘଟଣା ବି ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଏଭଳି ସମ୍ପର୍କରେ ଦୂରତା ଅଧିକ ଥିବାରୁ ବେଳେବେଳେ ପରକୀୟା ପ୍ରୀତି, ବିଶ୍ୱାସଘାତକତା ଯୋଗୁ କେବେ କାହା ମନ ଭାଙ୍ଗୁଛି ତ ଆଉ କେବେ ପ୍ରତାରଣା ଦୁଃଖରେ କିଏ ଆତ୍ମହତ୍ୟା କରୁଛି ତ ପୁଣି କେବେ ପ୍ରତିଶୋଧ ପରାୟଣ ହୋଇ କେହି ହତ୍ୟା ଭଳି ଅଭାବନୀୟ ଘଟଣା ଘଟାଉଥିବାର ବି ନଜିର ରହିଛି। ତେଣୁ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ରହୁଥିଲେ ନିଜ ସମ୍ପର୍କକୁ ସୁନ୍ଦର ଏବଂ ଦୀର୍ଘସ୍ଥାୟୀ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର...

**କଥା ହେବା ଜରୁରୀ:** ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍ ମ୍ୟାନେଜ୍ କରିବା କୌଣସି ସହଜ କଥା ନୁହେଁ। କାରଣ କେବେକେବେ ଏଥିରେ ଖୁବ୍ ନିବିଡ଼ ସମ୍ପର୍କରେ ବି ତିକ୍ତତା ଆସିଯାଏ। ଦୀର୍ଘ ସମୟ ପରସ୍ପରକୁ ନ ଭେଟିବା ଫଳରେ ଏକ ଏକଲାପଣ ଅନୁଭବ ହୋଇଥାଏ। ଧୀରେ ଧୀରେ ଆପୋସ ବୁଝାମଣା ଖରାପ ହୋଇଥାଏ ଏବଂ କମ୍ୟୁନିକେଶନ୍ ଗ୍ୟାପ୍ ହେଲେ ସମ୍ପର୍କ ବିଗିଡ଼ିଥାଏ। ଏଭଳି ପରିସ୍ଥିତି ନ ଉପୁଜିବା ଲାଗି ଯେତେ ବ୍ୟସ୍ତ ଥିଲେ ମଧ୍ୟ କିଛି ସମୟ ବାହାର କରି ଫୋନ୍‌ରେ କଥା ହେବା ଦରକାର। ଭିଡିଓ କଲିଂରେ କଥା ହେଲେ ପାଖରେ ଥିବା ଭଳି ମନେହୁଏ ଏବଂ ଖୁସି ଲାଗେ। ଦିନ କିପରି କଟିଲା, କ'ଣ ଖାଇଲେ, କୁଆଡ଼େ ଗଲେ ଏବଂ ପରସ୍ପରର ଭଲ ମନ୍ଦ ଆଦି ଆଲୋଚନା କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଥାଏ ଏବଂ ପାଖରେ ରହିବା ଭଳି ମନେ ହୋଇଥାଏ।

**ଠିକ୍ ନୁହେଁ ବାରମ୍ବାର ଅଭିଯୋଗ:** ପରସ୍ପରକୁ ବୁଝନ୍ତୁ। ଯଦି କେହି କାର୍ଯ୍ୟବ୍ୟସ୍ତତା ଭିତରେ ରହିଯାଇଛନ୍ତି ଏବଂ ଫୋନ୍ ନ ଉଠାଉଛନ୍ତି, ତେବେ ବାରମ୍ବାର ଫୋନ୍ ନ କରି କଲ୍‌ବ୍ୟାକ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର। କଲ୍ ଆସିଲେ ତୁରନ୍ତ ରାଗିଯାଇ ଅଭିଯୋଗ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅନ୍ୟକୁ ବିରକ୍ତ ଲାଗିପାରେ କିମ୍ବା ଆପଣଙ୍କର ତାଙ୍କ ଭଲପାଇବା ଉପରେ ବିଶ୍ୱାସ ନାହିଁ ବୋଲି ମନେ ହୋଇପାରେ। ତେଣୁ ଦୂରରେ ରହୁଥିଲେ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ରଖିବା ଏବଂ ସପୋର୍ଟ କରିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ।





**ସନ୍ଦେହ ବି ହୋଇପାରେ କ୍ଷତିକାରକ:** ସନ୍ଦେହ ଏମିତି ଏକ ନକାରାତ୍ମକ ଚିନ୍ତା, ଯାହା ଏକ ନିବିଡ଼ ସମ୍ପର୍କକୁ କ୍ଷଣକରେ ଭାଙ୍ଗି ଦେଇପାରେ। ତେଣୁ ବୈବାହିକ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସନ୍ଦେହକୁ ମନରେ ଆଦୌ ସ୍ଥାନ ଦେବା ଠିକ୍ ନୁହେଁ। ଅନେକେ ଏମିତି ଅଛନ୍ତି, ଯେଉଁମାନେ ଅନ୍ୟର ଶୁଣା କଥାରେ ନିଜ ଜୀବନସାଥୀଙ୍କୁ ସନ୍ଦେହ କରନ୍ତି। ହେଲେ ଏହାଦ୍ୱାରା ମନାନ୍ତର ହୋଇ ଧୀରେ ଧୀରେ ବିଚ୍ଛେଦର କାରଣ ସାଜିପାରେ। ତେଣୁ ମନରେ ସନ୍ଦେହକୁ ସ୍ଥାନ ଦିଅନ୍ତୁ ନାହିଁ, ବରଂ ଆବଶ୍ୟକ ସ୍ଥଳେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂର କରନ୍ତୁ।

**ମଝିରେ ମଝିରେ ଭେଟିବା ଦରକାର:** ଦୂରରେ ରହୁଥିବା ଦମ୍ପତି ସମୟ ବାହାରକରି କିଛିଦିନ ଏକାଠି ରହିବା ନିହାତି ଦରକାର। ଏହାଦ୍ୱାରା କିଛିଦିନ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରିବାର ସୁଯୋଗ ମିଳିଥାଏ। ପରସ୍ପର ମଧ୍ୟରେ ଦୂରତା କମିଥାଏ ଏବଂ ସମ୍ପର୍କ ନିବିଡ଼ ହୋଇଥାଏ। ସେହିପରି ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ରହୁଥିବା ପ୍ରେମୀଯୁଗଳ ବି ସମ୍ପର୍କ ବଞ୍ଚାଇ ରଖିବା ଲାଗି ପରସ୍ପରକୁ ଭେଟିବା ନିହାତି ଦରକାର। ମଝିରେ ମଝିରେ ସମୟ ବାହାର କରି ଅତି କମ୍‌ରେ ବର୍ଷରେ ୨/୩ଥର ଡେଟିଂରେ ଯିବା, ହୋଟେଲରେ ଖାଇବା, ଏକାଠି ବସି କଥା ହେବା, ମାର୍କେଟିଂ କରିବା, ଫିଲ୍ମ ଦେଖିବା ଦ୍ୱାରା ସମ୍ପର୍କ ଅତୁଟ ରହିଥାଏ।

**ଅନ୍ୟ କଥାରେ ପ୍ରଭାବିତ ହେବା ଠିକ୍ ନୁହେଁ:** ପ୍ରତ୍ୟେକ ସ୍ଥାନରେ ନେଗେଟିଭ୍ ଲୋକ ଥାଆନ୍ତି, ଯେଉଁମାନେ ଭଲ ସମ୍ପର୍କକୁ ଖରାପ କରିବା ଲାଗି କୌଣସି ସୁଯୋଗ ହାତଛଡା କରନ୍ତି ନାହିଁ। ଅନେକ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ସମ୍ପର୍କ ଭାଙ୍ଗିବା ପଛରେ ଏଭଳି ଲୋକଙ୍କ କୁମନ୍ତ୍ରଣା ରହିଥାଏ। କାରଣ ଅନେକେ ଏମିତି ଅଛନ୍ତି, ଯେଉଁମାନେ ସୁଯୋଗ ପାଇଲେ ଜଣଙ୍କ ଆଗରେ ତୁମ ପାର୍ଟନର୍ ଏକା ରହୁଛନ୍ତି ମାନେ ଅନ୍ୟ କାହା ସହ ରିଲେଶନ୍‌ରେ ଥିବେ, ସେ ତୁମକୁ ଧୋକା ଦେଉଥିବେ ଏଭଳି କଥା କହିବାକୁ ପଛାନ୍ତି ନାହିଁ। ଏହାଦ୍ୱାରା ଯେ ସମ୍ପର୍କ ଖରାପ ହେବ, ସେକଥା ସେମାନେ ଚିନ୍ତା କରନ୍ତି ନାହିଁ। ଏଭଳି ଲୋକଙ୍କଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ। ତେଣୁ ଯଦି ଦୀର୍ଘ ସମୟ ପରସ୍ପରଠୁ ଦୂରରେ ରହୁଛନ୍ତି, ତେବେ ନିଜ ଭିତରେ ବିଶ୍ୱାସ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**ସଚ୍ଚୋଟ ଏବଂ ବିଶ୍ୱସ୍ତ ହେବା ଦରକାର:** ଜୀବନସାଥୀ ହୁଅନ୍ତୁ ଅବା ପ୍ରେମୀଯୁଗଳ ପରସ୍ପରକୁ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ଲୁଚାଇଲେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ବିଶେଷକରି ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ପାର୍ଟନରଙ୍କ ଆଗରେ ସବୁବେଳେ ସଚ୍ଚୋଟ ହୋଇ ହୃଦୟ ଖୋଲା ରଖି ସତ କହିଲେ ହିଁ ସମ୍ପର୍କ ମଧୁର ଏବଂ ଅତୁଟ ରହିଥାଏ।

**ଧୋକାର ନାହିଁ ସ୍ଥାନ:** ଅନେକେ ଏଭଳି ଅଛନ୍ତି, ଯେଉଁମାନେ ନିଜ ପାର୍ଟନରଙ୍କ ବ୍ୟତୀତ ଅନ୍ୟ ସହ ବି ସମ୍ପର୍କ ରଖନ୍ତି। ଆଉ ଅନେକ କ୍ଷେତ୍ରରେ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ଏଭଳି ପରକୀୟା ପ୍ରୀତି ଘଟଣା ଦେଖିବାକୁ ମିଳେ। ହେଲେ ଏଥିରେ ବିଶ୍ୱାସ ଭାଙ୍ଗିବା ବା ଧୋକା ଦେବା ଦ୍ୱାରା ସମ୍ପର୍କ ନଷ୍ଟ ହୋଇଥାଏ। ତେଣୁ ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଏଭଳି ଆଦୌ କରିବା ଠିକ୍ ନୁହେଁ।



## ଏ ସପ୍ତାହର ପ୍ରଶ୍ନ

୧– ଆସୋଲା ଭାଟି ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ......... ପର୍ବତମାଳାରେ ଅବସ୍ଥିତ ?
୨– ମ୍ୟାକ୍‌ଡୋନାଲ୍ଡ ଆଇସ୍‌ଲାଣ୍ଡ .............. ରେ ଅବସ୍ଥିତ ?
୩– ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୫ .......... ରାଜ୍ୟରେ ଆୟୋଜିତ ହେବ ?
୪– ହଂସ–୩ ଟ୍ରେନର ଏୟାରକ୍ରାଫ୍ଟ ସିଏସ୍‌ଆଇଆର୍–ନ୍ୟାଶନାଲ୍ ଏୟାରସ୍ପେସ୍ ଲାବେରୋଟୋରିଜ୍ .........ଠାରେ ଅବସ୍ଥିତ ?
୫– ୱାର୍ଲ୍ଡ ହୋମିଓପାଥି ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ କେରଳ
୨ ଝାଡ଼ଖଣ୍ଡ
୩ ବିହାର
୪ ନଙ୍କନ ସାହିବ
୫ ହସ୍ତତନ୍ତ ଇଣ୍ଡଷ୍ଟ୍ରି

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର



ପ୍ରଦୀପ କୁମାର ନାଏକ ବଲାଙ୍ଗୀର

## ଟପ୍ ୧୦

### ପୃଥିବୀର ଲୋକପ୍ରିୟ ଗଲ୍ଫ ଖେଳାଳି



୧– ସ୍କଟି ସେଫଲର୍.................................................. ଆମେରିକା
୨– ରୋରୀ ମାଇକେଲ୍‌ରଏ.................................. ନର୍ଦନ ଆୟର୍ଲାଣ୍ଡ
୩– ଜ୍ୟାଣ୍ଡର ସୌଫେଲ୍............................................ ଆମେରିକା
୪– କଲିନ୍ ମୋରିକାୱା.............................................. ଆମେରିକା
୫– ଲୁଡ୍‌ଭିଗ୍ ଆବର୍ଗ ................................................ ସ୍ୱେଡେନ୍
୬– ହିଡେକି ମାସୁୟାମା................................................ ଜାପାନ
୭– ରସେଲ୍ ହେନ୍‌ଲେ ................................................ ଆମେରିକା
୮– ଜଷ୍ଟିନ୍ ଥୋମାସ୍................................................ ଆମେରିକା
୯– ଭିକ୍ଟର ହଭ୍‌ଲାଣ୍ଡ.................................................... ନରୱେ
୧୦– ପାର୍ଟିକ୍ କ୍ୟାଣ୍ଟଲେ.............................................. ଆମେରିକା

ଜାଣନ୍ତୁ ଦୁନିଆ

# ସ୍ୱାସ୍ଥ୍ୟ ପାଇଁ ଅମୃତ ପଇଡ଼ପାଣି



**ଖରାର ପ୍ରଭାବ ବଢ଼ି ବଢ଼ି ଚାଲିଛି। ତେଣୁ ଏ ସମୟରେ ଥଣ୍ଡା ପାନୀୟର ଚାହିଦା ବି ଖୁବ୍ ବେଶି। ବିଶେଷକରି ଯୁବପିଢ଼ି କୋଲ୍ଡଡ୍ରିଙ୍କ୍ସକୁ ଯେପରି ପାଣି ଭଳି ଦୈନନ୍ଦିନ ପାନୀୟ ତାଲିକାରେ ସାମିଲ କରିସାରିଲେଣି, ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ହେଲେ ଏହା ପରିବର୍ତ୍ତେ ଯେଉଁମାନେ ପଇଡ଼ପାଣିକୁ ବାଛୁଛନ୍ତି, ସେମାନେ ଅଧିକ ଫିଟ୍ ରହୁଥିବା ଦେଖିବାକୁ ମିଳୁଛି...**

⏭।କୋଲ୍ଡଡ୍ରିଙ୍କ୍ସରେ ଥିବା କାର୍ବନ ଡାଇଅକ୍ସାଇଡ ଓ ଅନ୍ୟାନ୍ୟ ଉପାଦାନ ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇ ନ ଥିବା ବେଳେ ପଇଡ଼ପାଣିରେ ଭରି ରହିଛି ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ, ଯାହାକି ସ୍ୱାସ୍ଥ୍ୟ ପାଇଁ ଅମୃତ। ଏହା ମଣିଷର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେଣୁ ଡାକ୍ତରମାନେ ରୋଗୀମାନଙ୍କୁ ପଇଡ଼ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି।

⏭।କୋଲ୍ଡଡ୍ରିଙ୍କ୍ସ ଯଦିଓ ପାଟିକୁ ଭଲ ଲାଗିଥାଏ, ହେଲେ ସେଥିରେ ଥିବା କାର୍ବନ ଡାଇଅକ୍ସାଇଡ୍ ଏସିଡ୍ କରାଇବା ସହ ଦାନ୍ତର ଏନାମେଲ୍ ନଷ୍ଟ କରିଥାଏ। ଖରାଦିନେ ଝାଳ ଆକାରରେ ଶରୀରରୁ ପୋଟାସିଅମ୍, ଶ୍ୱେତସାର, କ୍ଲୋରାଇଡ୍, ମ୍ୟାଗ୍ନେସିଅମ୍ ଭଳି ବିଭିନ୍ନ ଉପାଦାନ କ୍ଷୟ ହେଉଥିବାରୁ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ। ଏ ସମସ୍ତ ଉପାଦାନ ପଇଡ଼ପାଣିରେ ଭରି ରହିଛି। ପାଠପଢ଼ା, ଜବ୍, ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ଖରାରେ ବାହାରକୁ ଯାଉଥିବା ଯୁବପିଢ଼ିଙ୍କଠାରେ ପଇଡ଼ପାଣି ପିଇଲେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇ ନ ଥାଏ।

⏭।ଖରାଦିନେ କୋଲ୍ଡଡ୍ରିଙ୍କ୍ସ ପିଇଲେ ଏସିଡିଟି ଏବଂ ଅନ୍ୟାନ୍ୟ ପେଟ ସମସ୍ୟା ଦେଖାଦିଏ। ହେଲେ ଏହା ବଦଳରେ ପଇଡ଼ପାଣି ପିଇଲେ ସେଥିରେ ଥିବା ଭରପୂର ମାତ୍ରାରେ ଇଲେକ୍ଟ୍ରୋଲାଇଟ୍ ଖରାଦିନେ ହେଉଥିବା ପେଟ ଗରମ, ପରିସ୍ରାପୋଡ଼ା, ଇନ୍‌ଫେକ୍ସନ ଭଳି ସମସ୍ୟା ଦୂର ହୋଇଥାଏ। ଏହା ଶରୀରରୁ ବ୍ୟାଡ୍ କୋଲେଷ୍ଟରଲ ଦୂରକରି ଗୁଡ୍ କୋଲେଷ୍ଟରଲ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

⏭।ଅଧିକ କୋଲ୍ଡଡ୍ରିଙ୍କ୍ସ ପିଇବା ଦ୍ୱାରା ହର୍ମୋନ ପରିବର୍ତ୍ତନ ହୋଇଥାଏ, ଯାହାଫଳରେ ଅନେକ ଯୁବତୀଯୁବକଙ୍କଠାରେ ବ୍ରଣ ସମସ୍ୟା ଦେଖାଦିଏ। ଏମିତିରେ ପଇଡ଼ପାଣି ଖୁବ୍ ଉପକାରୀ। ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂର କରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ।



ଅଭୁଲା ଅନୁଭୂତି

# କୋଇଲି-କାନ୍ତ, ଆଉ ଚାରିଦିନ ରହିଥାଆନ୍ତ



ହୃଦୟକୁ ଛୁଇଁଥିବା କଥା ମରିବାଯାଏ ମନେ ରହେ। ସେମିତି ଅନେକ ଘଟଣା ମୋ' ହୃଦୟକୁ ଛୁଇଁଛି। ମୁଁ ଆଜି ବି ମନେରଖିଛି ପଣା ସଂକ୍ରାନ୍ତି ଦିନର ସେଇ ଗୀତ: ''କୋଇଲି–କାନ୍ତ, ଆଉ ଚାରିଦିନ ରହିଥାଆନ୍ତ, ପିଠାପଣା କେତେ ଖାଇ ଥାଆନ୍ତ।'' ମୋ ପିଲାବେଳର କଥା। ଭଉଣୀମାନେ ପଣାସଂକ୍ରାନ୍ତିର ସାତ ଦିନ ପୂର୍ବରୁ ମାଟିରେ ଦୁଇଟା କୋଇଲି ତିଆରି କରି ସେମାନଙ୍କୁ ପୂଜା କରନ୍ତି। ମାଟିର ପିଢ଼ା ଉପରେ କୋଇଲି ଦମ୍ପତି ଛିଡ଼ା ହୁଅନ୍ତି ଓ ତାଙ୍କ ଥଣ୍ଟ ତଳେ ଦୁଇଟା ହାତ ତିଆରି ମାଟିଗିନା ରହେ। ଅଣ୍ଡିରା କୋଇଲିର କଳା ଦେହରେ ଧଳା ଧଳା ଟିପା ଥାଏ। ମାଈ କୋଇଲିର ଦେହ ପୂରା କଳା ଥାଏ ଓ ନାକରେ ନୋଥ ଝୁଲିଥାଏ। ସବୁଦିନ ସକାଳେ ମୁଢ଼ିସତୁ(ଛତୁଆ) ଓ ବୁଟସତୁ ଭୋଗ ଲଗେଇ ମାଳତୀ ଫୁଲରେ ପୂଜା କରାଯାଏ। ଏପ୍ରିଲ ମାସରେ ଖରା ହୁଏ ବୋଲି ତାଙ୍କ ମୁଣ୍ଡ ଉପରେ ମାଟିର ଛତା ବି ରହେ। ପୂଜା ସରିବା ପରେ ତାଙ୍କ ଉପରେ ହଳଦିଆ ରଙ୍ଗର କପଡ଼ା ଘୋଡ଼େଇ ଦିଆଯାଏ। ଭଉଣୀମାନେ କୋଇଲି ପାଖରେ ଯାହା ଭୋଗ ଲଗାନ୍ତି, ମତେ ବି ଖାଇବାକୁ ଦିଅନ୍ତି। ତେଣୁ ଅନ୍ୟ ସମୟରେ ମୁଁ ଭଉଣୀମାନଙ୍କର କଥା ଶୁଣେ କି ନ ଶୁଣେ, ପୂଜାବେଳେ କିନ୍ତୁ ଭୋଗ ଖାଇବା ଲୋଭରେ ତାଙ୍କର ସବୁ କଥା ମାନେ।

ପଣାସଂକ୍ରାନ୍ତି ଦିନ କୋଇଲି ଦମ୍ପତି ବିଦାୟ ନିଅନ୍ତି। ସେଦିନ ସେମାନେ ଦିନ ୧୨ଟା ଭିତରେ ୩ ଥର ପୂଜା ପାଆନ୍ତି। କୋଇଲିମାନେ ଅଲଗା ଅଲଗା ଭୋଗ ଖାଆନ୍ତି। ଥରେ ସତୁ, ଆଉ ଥରେ ଭିଜା ବୁଟମୁଗ ଓ ଶେଷରେ ଛେନା–କଦଳୀମିଶା ବେଲପଣା। ତା' ପରେ ବିଦାୟ ପର୍ବ ଆରମ୍ଭ ହୁଏ। ବିଦାୟ ସମୟରେ ଭାରଥୋର ରୂପରେ ଛୋଟ ଛୋଟ ମାଟି (ହାଣ୍ଡି) ଆଟିକାରେ ମୁଢ଼ିସତୁ, ବୁଟସତୁ ଓ ପଣା ଦିଆହୁଏ। ଭଉଣୀମାନେ କାନ୍ଦ କାନ୍ଦ ହୋଇ କୋଇଲି ମେଢ଼କୁ ଧରି ଧରି ଆମ ଆମ୍ବ ବଗିଚାକୁ ଚାଲନ୍ତି ଓ ମୁଁ ଭାର ବୋହିକି ତାଙ୍କ ପଛେ ପଛେ ଚାଲେ। ପଣାସଂକ୍ରାନ୍ତିର ଯେଉଁ ଗୀତ କଥା କହୁଥିଲି, ଗଲାବେଳେ ସେଇ ଗୀତକୁ ମୁଁ ଜୋର ଜୋର ଗାଏ। ବଗିଚାର ଗୋଟେ ଆମ୍ବଗଛରେ କଞ୍ଚା ତାଳ ବରଡ଼ାରେ କୋଇଲିଙ୍କ ପାଇଁ ଘର ତିଆରି ହୋଇଥାଏ। ସେହି ଘର ଭିତରେ ଭାର ସହିତ କୋଇଲିମାନଙ୍କୁ ରଖି ଆମେ ମନ ଦୁଃଖରେ ଫେରିଆସୁ। ଭଉଣୀମାନେ ମତେ ପଚିଶି ପଇସା ଦିଅନ୍ତି। ତା' ପରେ ବଗିଚାକୁ ଗଲେ କୋଇଲି ଦୁଇଟା ବାହାରକୁ ଉଡ଼ି ନ ଯାଇ ବରଡ଼ା ଭିତରେ ସେମିତି ବସିଥିବାର ଦେଖେ। ମୁଁ ମନ ଦୁଃଖରେ ସେମାନଙ୍କୁ କହେ, ''ଏଇଠି ବସିଲେ କ'ଣ ଲାଭ? ଆଉ ଚାରି ଦିନ ଆମ ଘରେ ରହିଥିଲେ ତୁମେ ବି ଭଲ ଭଲ ଭୋଗ ଖାଉଥାଆନ୍ତ, ମତେ ବି ଦେଉଥାଆନ୍ତ ।''

– **ଡ. କମଳାକାନ୍ତ ଜେନା**, ଓଇଏସ୍, ଭଦ୍ରକ ସରକାରୀ ମହାବିଦ୍ୟାଳୟ

# ମୋହନ ବାଗାନ ସୁପର ଜାଏଣ୍ଟ୍ସ ଚାମ୍ପିୟନ




ଆଇଏସ୍ଏଲ୍-୨୦୨୫ ଚାମ୍ପିୟନ୍ ମାହନବାଗାନ ସୁପର ଜାଏଣ୍ଟ୍ସ ଦଳ।

**କୋଲକାତା, ୧୨।୪**

ମୋହନବାଗାନ ସୁପର ଜାଏଣ୍ଟ୍ସ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୨୦୨୪-୨୫ ସିଜନର ଟାଇଟଲ ବିଜେତା ହୋଇଛି। ସ୍ଥାନୀୟ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ୨-୧ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଖେଳ ତଥା ଖେଳର ୪୯ତମ ମିନିଟ୍‌ରେ ମୋହନ ବାଗାନର ଅଲବର୍ଟୋ ରୋଡ୍ରିଗ୍ସଙ୍କ ଆତ୍ମଘାତୀ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ୭୨ତମ ମିନିଟ୍‌ରେ ଜାସନ କୁମିଙ୍ଗ୍ସ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୧-୧ ସ୍ଥରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ରହିବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ଏଥିରେ ଖେଳର ୯୬ତମ ମିନିଟ୍‌ରେ ଅଷ୍ଟ୍ରେଲୀୟ ଫରୱାର୍ଡ ଜେମି ମ୍ୟାକଲରେନଙ୍କ ଗୋଲ୍ ବଳରେ ମୋହନ ବାଗାନ ଦଳ ବିଜୟ ଲାଭ କରିଥିଲା। ଶନିବାର ଏହି ବିଜୟ ଦ୍ୱାରା ମୋହନ ବାଗାନ ଏଥର ଉଭୟ ଆଇଏସ୍ଏଲ୍ ଶିଲ୍ଡ ଓ ଆଇଏସ୍ଏଲ୍ ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି।

- ବେଷ୍ଟ ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ: ଜାମସେଦପୁର ଏଫ୍‌ସି।
- ବେଷ୍ଟ ଏଲିଟ୍ ୟୁଥ୍ ପ୍ରୋଗ୍ରାମ: ପଞ୍ଜାବ ଏଫ୍‌ସି।
- ଗୋଲ୍‌ଡେନ ଗ୍ଲୋଭ ଆୱାର୍ଡ: ବିଶାଲ କେଥ୍ (ମୋହନ ବାଗାନ)।
- ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର: ବ୍ରିସନ ଫର୍ନାଣ୍ଡିଜ (ଏଫ୍‌ସି ଗୋଆ)।
- ଗୋଲ୍ଡେନ ବୁଟ୍ ଆୱାର୍ଡ: ଆଲାଏଦିନ୍ ଆଜାରେ (ନର୍ଥଇଷ୍ଟ ୟୁନାଇଟେଡଏଫ୍‌ସି)।

## ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ ପଦକ

### ଖେଲୋ ମାଷ୍ଟର୍ସ ନ୍ୟାଶନାଲ ଗେମ୍ସ




**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ରାମ ଷ୍ଟାଡିୟମରେ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ପାର୍ବତୀ ସେଠୀଙ୍କୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ଉଭୟ ଡିସକସ୍ ଓ ଶଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଲାଭକରି ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ତାରକା ଆଥଲେଟ୍। ୧୯୯୦ରୁ ସ୍କୁଲ ସ୍ତରରୁ କ୍ରୀଡ଼ା ଜୀବନ ଆରମ୍ଭ କରିଥିବା ପାର୍ବତୀ ୨୦୨୫ ମଧ୍ୟରେ ଜାତୀୟ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ଅନ୍ତର୍ଜାତୀୟ ସ୍ତରରେ ମାଷ୍ଟର୍ସ ଗେମ୍ସରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ରାଜ୍ୟର ପ୍ରଥମ ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ପାର୍ବତୀ ସମ୍ପ୍ରତି ଇଷ୍ଟକୋଷ୍ଟ ରେଲୱେରେ କାର୍ଯ୍ୟରତ। କଠିନ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ୩୫ ବର୍ଷ ଧରି ଆଥ୍‌ଲେଟିକ୍ସରେ ତିଷ୍ଠି ରହି ଏକାଧିକ ପ୍ରତିଯୋଗିତାରେ ପଦକ ହାସଲ ଧାରା ଜାରି ରଖିଥିବାରୁ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରର ଦୃଢ଼ ଦାବିଦାର ହୋଇଯାଇଛନ୍ତି।

## ରାଖାଲ୍‌ଙ୍କୁ ରୌପ୍ୟ, ମାଳତୀଙ୍କୁ ବ୍ରୋଞ୍ଜ

### ପାରା ଫେନ୍‌ସିଂ ସାଟେଲାଇଟ କପ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ହଂକଂରେ ଚାଲିଥିବା ହୁଇଲ ଚେୟାର ପାରା ଫେନ୍‌ସିଂ ସାଟେଲାଇଟ କପରେ ଓଡ଼ିଶାର ରାଖାଲ୍ କୁମାର ସେଠୀ ୨ଟି, ମାଳତୀ ପାନଉରେ ଗୋଟିଏ ପଦକ ଜିତିଛନ୍ତି। ରାଖାଲ ସାବର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ଓ ଇପିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ମାଳତୀ ମହିଳା ଇପି ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍‌ସିଂ ଓଡିଶାର ଅଧ୍ୟକ୍ଷ ବେଲା ଜୈସୱାଲ୍ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଏସ୍ଏଫ୍‌କୁ ୧୧-୦ରେ ହରାଇଲା ଓଡ଼ିଶା

### ସର୍ବଭାରତୀୟ ପୋଲିସ ହକି

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ମହିଳା ପୋଲିସ ଦଳ ୧୧-୦ ଗୋଲରେ ବିଏସ୍ଏଫ୍‌କୁ ପରାସ୍ତ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶ ୩-୨ରେ ତ୍ରିପୁରା, ତାମିଲନାଡୁ ମହିଳା ଦଳ ୪-୦ରେ ମହାରାଷ୍ଟ୍ର, ତାମିଲନାଡୁ ୧୨-୨ରେ ପୁଡୁଚେରୀ ଓ ରାଜସ୍ଥାନ ୫-୦ ଗୋଲରେ ଉତ୍ତରାଖଣ୍ଡକୁ ହରାଇ ଦେଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଲ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡ଼ିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ବିଏସ୍ଏଫ୍ ବିପକ୍ଷରେ ବିଜୟୀ ଓଡ଼ିଶା ମହିଳା ହକି ଦଳ।

# ସ୍ୱଚ୍ଛ ମହାନଦୀ ବାର୍ତ୍ତା ନେଇ ନୌକା ଚାଳନା ପ୍ରତିଯୋଗିତା

**ସମ୍ବଲପୁର,୧୨।୪(ବି.ଶଙ୍କର)**

- ବାଜି ମାରିଲା ସୁବର୍ଣ୍ଣପୁର ଜିଲା
- ସୁଶାନ୍ତ ଡନସନା ଓ ଦୁରବିନ ମୁଦୁଲି ଯୋଡ଼ି ଶ୍ରେଷ୍ଠ

ସ୍ୱଚ୍ଛ ମହାନଦୀ ବାର୍ତ୍ତା ନେଇ ସମ୍ବଲପୁର ହାଟପଡା ବୀର ବଜରଙ୍ଗ ସଂଘ ଆୟୋଜିତ ଦ୍ୱିତୀୟ ମୀନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଓ ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାନଦୀର ଅଯୋଧ୍ୟା ସରୋବର ଘାଟରେ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ସମ୍ବଲପୁର ସମେତ ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ଼ ଜିଲାର ୩୬ ଯୋଡି ନୌକା ଚାଳକ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୧୨ଟି ଦଳକୁ ନେଇ ମୋଟ ୩ଟି ପର୍ଯ୍ୟାୟରେ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ୯ଟି ନୌକା ଚାଳନା ଯୋଡିକୁ ନେଇ ୮୦୦ ମିଟର ଫାଇନାଲ ନୌକା ଚାଳନା ହୋଇଥିଲା। ମହାନଦୀ କୂଳରେ ସହସ୍ରାଧିକ ଦର୍ଶକଙ୍କ କରତାଳିରେ ପ୍ରତିଯୋଗୀମାନେ ଉତ୍ସାହିତ ହୋଇ ମହାନଦୀ ମଧ୍ୟଭାଗରୁ ଲକ୍ଷ୍ୟସ୍ଥଳକୁ ନୌକା ନେଇ ଦ୍ରୁତ ବେଗରେ ଆସିଥିଲେ। କିନ୍ତୁ ସମସ୍ତଙ୍କୁ ପଛରେ ପକାଇ ସୁବର୍ଣ୍ଣପୁର ଜିଲା ଚଢ଼େଇପଙ୍କ ଗ୍ରାମର ସୁଶାନ୍ତ ଡନସନା ଓ ଦୁରବିନ ମୁଦୁଲି ଯୋଡି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସୋନପୁରର ପ୍ରକାଶ ନାଏକ ଓ ପ୍ରଭାତ ମହାଲିଙ୍ଗ ଯୋଡି ଦ୍ୱିତୀୟ, କିଶାନ ନାଏକ ଓ ଶିବ ମାଝି ଯୋଡି ତୃତୀୟ ଏବଂ ସୁବର୍ଣ୍ଣପୁର ଜିଲା କେଉଁଟିପାଲି ଗ୍ରାମର ସୌରଭ ମହାଲିଙ୍ଗ ଓ ମୁକେଶ ତରିଆ ଯୋଡି ଚତୁର୍ଥ ସ୍ଥାନ ହାସଲ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ସମ୍ବଲପୁର ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାଙ୍କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ଦୀପକ ବରାଳ, ସହ ସମ୍ପାଦକ ସୋମନାଥ ସେଠ୍, କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରୀ, ସଭ୍ୟ ହରିବଂଶ ସେଠ, କୈବର୍ତ୍ତ ସମାଜ ସଭାପତି ଶିଶିର ପାଣ୍ଡେ, ମତ୍ସ୍ୟଜୀବୀ ସଂଘ ସଭାପତି ସନ୍ତୋଷ କୁମାର ବେରିହା, ଅଜିତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟ ରେଫରୀ ସୁରେନ୍ଦ୍ର ନାଏକଙ୍କ ପରିଚାଳନାରେ ନୌକା ଚାଳନା ପ୍ରତିଯୋଗିତା ହୋଇଥିଲା।



ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ସମ୍ବଲପୁର ହାଟପଡ଼ା ବୀର ବଜରଙ୍ଗ ସଂଘ ଆୟୋଜିତ ରାଜ୍ୟ ସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା।

# ଗୁଜରାଟକୁ ହରାଇଲା ଲକ୍ଷ୍ନୌ

**ଲକ୍ଷ୍ନୌ, ୧୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ ଶନିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୬ ଉଇକେଟରେ ଗୁଜରାଟ ଟାଇଟନ୍ସକୁ ହରାଇ ଦେଇଛି। ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ କରିଥିବାବେଳେ ଲକ୍ଷ୍ନୌ ୧୯.୩ ଓଭରରେ ୪ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରି ନେଇଥିଲା। ୨ଟି ଚମତ୍କାର କ୍ୟାଚ ସହ ଟପ୍ ଅର୍ଡରରେ ଭଲ ବ୍ୟାଟିଂ କରିଥିବା ଲକ୍ଷ୍ନୌର ଏଡେନ ମାରକ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୬ ମ୍ୟାଚରୁ ଲକ୍ଷ୍ନୌ ୪ର୍ଥ ବିଜୟ ହାସଲ କରିଥିବାବେଳେ ଗୁଜରାଟର ଏହାଥିଲା ଦ୍ୱିତୀୟ ପରାଜୟ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଓପନିଂ ଭାଗୀଦାରିରେ ୧୨୦ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମାତ୍ର ଯୋଡ଼ି ଭାଙ୍ଗିବାରେ ଗୁଜରାଟ ଇନିଂସ ହଡ଼ବଡ଼େଇ ଯାଇଥିଲା। ଫଳରେ ୨୦ ଓଭରରେ ଦଳର ସ୍କୋର ୧୮୦ରେ ସୀମିତ ରହି ଯାଇଥିଲା। ଗିଲ୍ ସର୍ବାଧିକ ୬୦ ଓ ସୁଦର୍ଶନ ୫୬ ରନ କରିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ଶାର୍ଦ୍ଦୂଳ ଠାକୁର ଓ ରବି ବିଷ୍ଣୋଇ ୨ଟି ଲେଖାଏ ଏବଂ ଦିଗ୍‌ଭେସ ରାଠି ଓ ଆଭେସ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ନୌର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ଅଧିନାୟକ ରିଷଭ ପନ୍ତ ଯଦିଓ ବଡ଼ ସ୍କୋର କରି ନ ପାରି ୨୧ ରନରେ ଆଉଟ ହୋଇଥିଲେ ତେବେ ଏଡେନ ମାରକ୍ରମ ଓ ଚମତ୍କାର ଫର୍ମରେ ଥିବା ନିକୋଲସ ପୁରନ ଦୃଢ଼ ବ୍ୟାଟିଂ କରି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ମାରକ୍ରମ ୩୧ ବଲ୍‌ରୁ ୫୮ (୯ ଚୌକା, ୧ ଛକା) ଓ ପୁରନ ୩୪ ବଲ୍‌ରୁ ୬୧ (୧ ଚୌକା, ୭ ଛକା) ରନ କରିଥିଲେ। ଆୟୁଷ ବଦୋନୀ ୨୮ ରନରେ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ରଶିଦ ଖାଁ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୮୦/୬ (ଶୁବମନ ଗିଲ୍-୬୦, ସାଇ ସୁଦର୍ଶନ-୫୬, ଶାର୍ଦ୍ଦୂଳ ଠାକୁର-୨/୩୪, ରବି ବିଷ୍ଣୋଇ-୨/୩୬, ଦିଗ୍‌ଭେସ ରାଠି-୧/୩୦, ଆଭେସ ଖାଁ-୩୨)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୩ ଓଭରରେ ୧୮୬/୪ (ନିକୋଲସ ପୁରନ-୬୧, ଏଡେନ ମାରକ୍ରମ-୫୮, ପ୍ରସିଦ୍ଧ କ୍ରିଷ୍ଣା-୨/୨୬, ରଶିଦ ଖାଁ-୧/୩୫, ୱାଶିଂଟନ ସୁନ୍ଦର-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |

# ଅଭିଷେକଙ୍କ ଶତକରେ ହାଇଦ୍ରାବାଦ ବିଜୟୀ

**ହାଇଦ୍ରାବାଦ,୧୨।୪**

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍) ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ପିବିକେଏସ୍ ପକ୍ଷରୁ ଧାର୍ଯ୍ୟ ୨୪୬ ରନର ବିଜୟ ଲକ୍ଷ୍ୟକୁ ହାଇଦ୍ରାବାଦ ୧୮.୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରି ମ୍ୟାଚ୍ ଜିତିବାରେ ଏହା ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସବୁଠୁ ବଡ଼ ବିଜୟ। ଏହା ହାଇଦ୍ରାବାଦ ଲାଗି ଦ୍ୱିତୀୟ ବିଜୟ ହୋଇଥିବା ବେଳେ ପଞ୍ଜାବର ଏହା ଦ୍ୱିତୀୟ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୫ ରନ କରିଛି। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୩୬ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ସର୍ବାଧିକ ୮୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୩୬ (୨ ଚୌକା ଓ ୪ ଛକା), ପ୍ରଭସିମରନ ସିଂ ୪୨ (୭ ଚୌକା ଓ ୧ ଛକା), ମାର୍କସ ଷ୍ଟୋଇନିସ ୩୪ (୧ ଚୌକା ଓ ୪ ଛକା) ଓ ନେହାଲ ୱାଧେରା ୨୭ (୨ ଚୌକା ଓ ୧ ଛକା) ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ୪ଟି ଓ ପଦାର୍ପଣକାରୀ ଇଶାନ ମାଲିଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଏସ୍ଆର୍ଏଚ୍ ପାଇଁ ଅଭିଶେକ ଓ ଟ୍ରାଭିସ ହେଡ୍ ଆରମ୍ଭରୁ ଛକା ଓ ଚୌକା ବର୍ଷା କରିଥିଲେ। ମୁଖ୍ୟତଃ ଅଭିଶେକ ପଞ୍ଜାବର କୌଣସି ବୋଲରଙ୍କୁ ଛାଡ଼ି ନଥିଲେ। ଦୁହେଁ ୧୨.୨ ଓଭରରେ ୧୭୧ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ୩୭ ବଲରେ ୯ ଚୌକା ଓ ୩ ଛକା ସହିତ ହେଡ୍ ୬୬ ରନ କରି ଆଉଟ୍ ହୋଇଥିଲେ। ଅଭିଶେକ ୪୦ ବଲରେ ଶତକ ପୂରଣ କରିଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ପ୍ରଥମ ଶତକ ଥିଲା। ସେ ମୋଟ ଉପରେ ୫୫ ବଲରେ ୧୪ ଚୌକା ଓ ୧୦ ଛକା ସହିତ ୧୪୧ ରନ କରି ଆଉଟ୍ ହୋଇଥିଲେ। ଏହା ଭାରତୀୟ କ୍ରିକେଟରଙ୍କ ଲାଗି ଆଇପିଏଲରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ହାଇଦ୍ରାବାଦ ୧୮.୩ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।




ଶତକ ହାସଲ ପରେ ଉଲ୍ଲସିତ ଅଭିଷେକ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୪୫/୬ (ଶ୍ରେୟସ ଆୟର-୮୨, ପ୍ରଭସିମରନ ସିଂ-୪୨, ପ୍ରିୟାଂଶ ଆର୍ଯ୍ୟ-୩୬, ମାର୍କସ ଷ୍ଟୋଇନିସ-୩୪*, ହର୍ଷଲ ପଟେଲ-୪/୪୨, ଇଶାନ ମାଲିଙ୍ଗା-୨/୪୫)। ସନରାଇଜର୍ସ ହାଇଦ୍ରାବାଦ: ୧୮.୨ ଓଭରରେ ୨୪୭/୨ (ଅଭିଷେକ ଶର୍ମା-୧୪୧,ଟ୍ରାଭିସ ହେଡ-୬୬, ୟୁଜବେନ୍ଦ୍ର ଚହଲ-୧/୫୬, ଅର୍ଶଦୀପ ସିଂ-୧/୩୭)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ